୬ କୋରିଆକୁ ୪-୧ରେ ପରାସ୍ତ କରି ଏସିଆ କପ ଚାମ୍ପିୟନ ହେଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୨୧ ● ୮ ସେପ୍ଟେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-221 ● 8th September 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଆମେରିକାକୁ ଡାକ ସେବା ୮୦% ହ୍ରାସ: ୮୮ ଦେଶ ସେବା ବନ୍ଦ କଲେ

ନୂଆଦିଲ୍ଲୀ/ୱାଶିଂଟନ, ୭।୯

ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ନୂତନ ଶୁଳ୍କ ନିୟମ ପରେ ଆମେରିକାକୁ ଅନ୍ତର୍ଜାତୀୟ ଡାକ ସେବା ଗୁରୁତର ଭାବରେ ପ୍ରଭାବିତ ହୋଇଛି। ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନ (ୟୁପିୟୁ) ଅନୁଯାୟୀ, ଆମେରିକାକୁ ପୋଷ୍ଟାଲ ଟ୍ରାଫିକ ୮୦ପ୍ରତିଶତରୁ ଅଧିକ ହ୍ରାସ ପାଇଛି ଏବଂ ବିଶ୍ୱର ୮୮ଟି ପୋଷ୍ଟାଲ ଅପରେଟର ସେମାନଙ୍କର ସେବାକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବରେ ସ୍ଥଗିତ ରଖିଛନ୍ତି।

ଜୁଲାଇ ଶେଷରେ, ଆମେରିକା ସରକାର ଛୋଟ ପ୍ୟାକେଜ ଉପରେ ଟିକସ ଛାଡ ସମାପ୍ତ ଘୋଷଣା କରିଥିଲେ। ଏହି ନିୟମ ଅଗଷ୍ଟ ୨୯ରୁ ଲାଗୁ ହୋଇଥିଲା, ଯାହା ପରେ ଅନ୍ତର୍ଜାତୀୟ ଡାକ ସେବା ବାଧାପ୍ରାପ୍ତ ହୋଇଥିଲା। ଏହି ପରିବର୍ତ୍ତନ ଯୋଗୁ ଜର୍ମାନୀର ଡାଉଚେ ପୋଷ୍ଟ, ବ୍ରିଟେନର ରୟାଲ ମେଲ ଏବଂ



ବୋସନିଆ ତଥା ହର୍ଜେଗୋଭିନା ସମେତ ଅନେକ ଦେଶର ଡାକ ସେବା ଆମେରିକା ଯାଉଥିବା ପାର୍ସଲ ଗ୍ରହଣ କରିବା ବନ୍ଦ କରିଦେଇଛନ୍ତି। ଭାରତ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ଇଟାଲୀ ଏବଂ ଜାପାନ ଭଳି ଦେଶ ମଧ୍ୟ ଏହି ନୀତି ଯୋଗୁ ଅଧିକାଂଶ ଆମେରିକୀୟ ପାର୍ସଲ ପଠାଇବାକୁ ନିଷେଧ କରିଛନ୍ତି।

ୟୁପିୟୁ ମହାନିର୍ଦ୍ଦେଶକ ମାସାହିକୋ ମେଟୋକି କହିଛନ୍ତି ଯେ, ଏଜେନ୍ସି ଏବେ ଏକ ବୈଷୟିକ ସମାଧାନ ଖୋଜିବା ପାଇଁ କାମ କରୁଛି ଯାହା ଦ୍ୱାରା ଡାକ ସେବାକୁ ପୁଣି ସ୍ୱାଭାବିକ କରାଯାଇ ପାରିବ। ତଥାପି, ସେ ସେବା କେବେ ପୁନଃସ୍ଥାପିତ ହେବ ତାହା କହି ନାହାନ୍ତି। ଏହି ବର୍ନ (ସ୍ୱିଜରଲ୍ୟାଣ୍ଡ)-ଭିତ୍ତିକ ସଂଗଠନ ୧୮୭୪ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଆଜି ଏହାର ୧୯୨ଟି ସଦସ୍ୟ ଦେଶ ଅଛନ୍ତି। ଏହା ଅନ୍ତର୍ଜାତୀୟ ଡାକ ସେବା ପାଇଁ ନିୟମ ସ୍ଥିର କରିଥାଏ। ଏହା ସହିତ ସଦସ୍ୟ ଦେଶମାନଙ୍କ ମଧ୍ୟରେ ସହଯୋଗ ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ ମଧ୍ୟ କାର୍ଯ୍ୟ କରିଥାଏ।

## ଜିଏସ୍‌ଟିର ଲାଭ ନାଗରିକଙ୍କ ନିକଟରେ ପହଞ୍ଚୁଛି କି ନାହିଁ ନଜର ରଖିବେ ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ, ୭।୯

ନିକଟରେ ଜିଏସ୍‌ଟି ସ୍ଲାବରେ ପରିବର୍ତ୍ତନ ହୋଇଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ଜାରି ରିପୋର୍ଟ କହିଛି ଯେ ଜିଏସ୍‌ଟି ସଂସ୍କାର ଦ୍ୱାରା ଲାଭବାନ ହେବେ ଅନେକ ରାଜ୍ୟ । ଏବେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିଶ୍ରୁତି ଦେଇଛନ୍ତି ଯେ ସେ ବ୍ୟକ୍ତିଗତ ଭାବେ ଜିଏସ୍‌ଟି ହାର ହ୍ରାସର ଲାଭ ଉପଭୋକ୍ତାଙ୍କ ନିକଟରେ ପହଞ୍ଚୁଛି କି ନାହିଁ ତାହା ଉପରେ ନଜର ରଖିବେ । ଅର୍ଥମନ୍ତ୍ରୀ କହିଛନ୍ତି, ଏହା ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ 'ମୁଁ ବ୍ୟକ୍ତିଗତ ଭାବେ ପରିସ୍ଥିତି ଉପରେ ନଜର ରଖିବି ।' ସେ ନାଗରିକମାନଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି ଯେ ମୂଲ୍ୟ ହ୍ରାସ କରାଯାଇଥିବା ଜିନିଷଗୁଡ଼ିକ ଯଦି କମ୍ ମୂଲ୍ୟରେ ନମିଳେ ତେବେ ଏହାର ସୂଚନା ଦିଅନ୍ତୁ ।

ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ



ଦେଶର ବିଭିନ୍ନ ପ୍ରାନ୍ତରୁ ଅନେକ ଲୋକ ମୋତେ କହିଛନ୍ତି କି ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହାର ପ୍ରତିବଦଳରେ, ମୁଁ ସେମାନଙ୍କୁ କହିଛି ଯେ ଯଦି ଏହି ଲାଭ ପହଞ୍ଚୁ ନାହିଁ, ତେବେ ଆପଣ ମୋ ସହିତ ଯୋଗାଯୋଗ କରନ୍ତୁ ଏବଂ ମୁଁ ସେହି ସ୍ଥାନରେ ଉପସ୍ଥିତ ରହିବି ।' ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ (ପୃଷ୍ଠା ୭ରେ)

## ଆଜି ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୯

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦିଲ୍ଲୀ ଗସ୍ତରେ ଯିବେ। ଶ୍ରୀ ମାଝୀଙ୍କର ଏହା ହେବ ଦୁଇ ଦିନିଆ ଗସ୍ତ। ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ସେ ସାଂସଦଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

## ଆଜିର ମୁଖ୍ୟ ଖବର

- ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ପଦତ୍ୟାଗ କଲେ।
- ପାକିସ୍ତାନ କ୍ରିକେଟ୍ ଷ୍ଟାଡିୟମ୍ ବୋମାମାଡରେ ଜଣେ ମୃତ, ଅନେକ ଆହତ।
- ସିଡ୍‌ନୀରେ ଶାର୍କ ଆକ୍ରମଣରେ ଜଣଙ୍କର ମୃତ୍ୟୁ।
- ଓବିସି କୋଟା ନେଇ ଦେଶବ୍ୟାପୀ ରାଜନୈତିକ ହଙ୍ଗାମା।
- ଆଜିଠୁ ସମସ୍ତ ଭାରତୀୟ ଡିଜିପି–ଆଇଜିପି ସମ୍ମିଳନୀରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ।
- ୨୦୨୫ରେ ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ଗୁଜରାଟରେ ନିର୍ମିତ ଇସ୍ପାତ ସେତୁ ସମ୍ପୂର୍ଣ୍ଣ।
- ବାରଣାସୀରେ ଜି-୨୦ ସଭା ପାଇଁ ତୀବ୍ର ପ୍ରସ୍ତୁତି।
- ୯ ସେପ୍ଟେମ୍ବରେ ବନ୍ୟାପୀଡ଼ିତ ପଞ୍ଜାବ ଯିବେ ପ୍ରଧାନମନ୍ତ୍ରୀ ମୋଦୀ।

## ଗୋଟିଏ ରାତିରେ ୮୦୫ କ୍ଷେପଣାସ୍ତ୍ର ମାଡ କଲା ଋଷ୍

କିବ୍, ୭।୯

ଯୁଦ୍ଧ ସମାପ୍ତି ପାଇଁ ସମଗ୍ର ବିଶ୍ୱରୁ ନିବେଦନ କରାଯାଉଥିଲେ ବି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତାହାକୁ କର୍ଣ୍ଣପାତ କରୁନାହାନ୍ତି। ଶନିବାର ରାତିରେ ୟୁକ୍ରେନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି ଋଷ ।

ରାତିସାରା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ବର୍ଷା ଅନେକ ଅଞ୍ଚଳକୁ ଧ୍ୱଂସ କରିଦେଇଛି। ଏକ ରିପୋର୍ଟ ଅନୁସାରେ ଗୋଟିଏ ରାତିରେ ଋଷ ପକ୍ଷରୁ ପ୍ରାୟ ୮୦୫ଟି କ୍ଷେପଣାସ୍ତ୍ର ଓ ୧୩ଟି ଡ୍ରୋନ ନିକ୍ଷେପ କରାଯାଇଥିଲା । ଏହି ଆକ୍ରମଣରେ ଜଣେ ଶିଶୁ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଥିବା ଜଣାଯାଇଛି। ଏହି ଆକ୍ରମଣ ଯୋଗୁଁ ୟୁକ୍ରେନର କ୍ୟାବିନେଟ୍



ମୁଖ୍ୟାଳୟରେ ମଧ୍ୟ ନିଆଁ ଲାଗିଥିଲା । ଯୁଦ୍ଧ ଆରମ୍ଭ ହେବା ପରଠାରୁ ପ୍ରଥମ ଥର ପାଇଁ ଏକ ସରକାରୀ ମୁଖ୍ୟାଳୟକୁ ଟାର୍ଗେଟ କରାଯାଇଛି। ସରକାରଙ୍କ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ କୋଠାର ଉପର ମହଲା ଏବଂ ଛାତ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି। ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେଙ୍କୋ କହିଛନ୍ତି ଯେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣ କରିବାକୁ ନିରନ୍ତର ଚେଷ୍ଟା କରୁଛନ୍ତି।

## ଝାରସୁଗୁଡ଼ାକୁ ଦେଶର ଏକ ନମ୍ବର ସହରରେ ପରିଣତ ପାଇଁ ସମସ୍ତଙ୍କ ପ୍ରଚେଷ୍ଟା ଆବଶ୍ୟକ

ଝାରସୁଗୁଡ଼ା, ୭।୯

ନ୍ୟୁଜ୍ ବ୍ୟୁରୋ

ଝାରସୁଗୁଡା ସହର କେବଳ ରାଜ୍ୟରେ ନୁହେଁ ସମଗ୍ର ଦେଶରେ କିଭଳି ଏକ ଅଗ୍ରଣୀ ସହର ଭାବରେ ପରିଗଣିତ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଆହ୍ୱାନ ଦେଇଛନ୍ତି । ଝାରସୁଗୁଡ଼ା ବିଧାୟକ ସହରାଞ୍ଚଳର ବିକାଶ ପାଇଁ ଲୋକାଭିମୁଖୀ ଯୋଜନା ସମୂହର ସଫଳ କାର୍ଯ୍ୟକାରୀତା ଦିଗରେ ମଙ୍ଗୁଆଳ ସଦୃଶ କାର୍ଯ୍ୟ କରୁଥିବା ତଥା ସମସ୍ତେ ଦଳମତ ନିର୍ବିଶେଷରେ ସହଯୋଗର ହାତ ବଢ଼େଇବାର ଆବଶ୍ୟକତା ସମ୍ପର୍କରେ ନଗର ଉନ୍ନୟନ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଝାରସୁଗୁଡ଼ା ସହରାଞ୍ଚଳର ବିକାଶ ପାଇଁ ୪କୋଟି ୪୦ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବା ରାଜ୍ୟ ସରକାରଙ୍କ



ଝାରସୁଗୁଡାର ବିକାଶ ପ୍ରତି ଆଗ୍ରହ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି । ଉଲ୍ଲେଖଯୋଗ୍ୟ, ରବିବାର ପ୍ରାୟ ୨କୋଟି ୪୦ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଶିଳାନ୍ୟାସ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ବେଳେ ଗତ ଜାନୁଆରୀ ପହିଲାରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ମହୋତ୍ସବ ଦୁଲଦୁଲି ଅବସରରେ ଜିଲ୍ଲା ଗସ୍ତ କରି ୨କୋଟି ଟଙ୍କାର ସହାୟତା ରାଶି ଝାଡେଶ୍ୱର ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ମଞ୍ଜୁର କରିଥିବା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି। ଝାଡେଶ୍ୱର ମନ୍ଦିରରେ ପର୍ଯ୍ୟଟକଙ୍କ ପାଇଁ ଆନୁସଙ୍ଗିକ ସୁବିଧା, ଭକ୍ତମାନଙ୍କ ପାଇଁ ବିଶ୍ରାମ ସ୍ଥଳୀ, ଝାରସୁଗୁଡ଼ା ବନ୍ଧର ବିକାଶ, ହଟଲୀପଡ଼ାରେ ବହୁମୁଖୀ ବ୍ୟବସାୟିକ କମ୍ପ୍ଲେକ୍ସ , ମାରବାଡିପଡ଼ା ସଂଲଗ୍ନ ପୋଖରୀ ୱାକିଂ ଟ୍ରାକ, ସୁନାରୀମୁଣ୍ଡାରେ ଆମିଷ ବଜାର ସୃଷ୍ଟି ଉଦ୍ଦେଶ୍ୟରେ ଭେଣ୍ଡିଙ୍ଗ ଜୋନ, ବିଟିଏମ୍ ଠାରେ ନୂତନ ପୌରପାଳିକା କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ, ମାଲିମୁଣ୍ଡାରେ ଗୋ-ଶାଳା ତଥା ଗ୍ରୀନ ଫିଲଡ଼ ପ୍ରକଳ୍ପର ଶିଳାନ୍ୟାସ ମନ୍ତ୍ରୀ କରିଛନ୍ତି । ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ (ପୃଷ୍ଠା ୭ରେ)

## ସିବିଏସଇ ଢାଞ୍ଚାରେ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା

କଟକ, ୭।୯

ନ୍ୟୁଜ୍ ବ୍ୟୁରୋ

ସିବିଏସଇ ଢାଞ୍ଚାରେ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ଦେଶର ଦୁଇ ପ୍ରମୁଖ ପରୀକ୍ଷା ପରିଚାଳନା ସଂସ୍ଥା ସିବିଏସଇ ଓ କେନ୍ଦ୍ରୀୟ ବିଦ୍ୟାଳୟର ପରୀକ୍ଷା ପରିଚାଳନା ଟେକନିକ ଅନୁଯାୟୀ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ଏନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ।

ଓଟିଇଟି ପରୀକ୍ଷାରେ ବିଭ୍ରାଟ ହେବା ପରେ ଏହି ସିବିଏସଇ ଓ କେନ୍ଦ୍ରୀୟ ବିଦ୍ୟାଳୟର ପରୀକ୍ଷା ସଂସ୍ଥାର ଟେକନିକ ଅନୁଧ୍ୟାନ କରାଯାଇଛି। ଆସନ୍ତା ୨୭ ତାରିଖରେ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ଡିଜି ଲକର, ବକ୍ସ, ଟ୍ରଙ୍କରେ ପ୍ରଶ୍ନପତ୍ର ପୁଲିସ ସହାୟତାରେ ଯିବ। ଜିଲ୍ଲାପାଳ, ଏସପି ଓ ଡିଇଓଙ୍କ ସହାୟତାରେ ହେବ ପରୀକ୍ଷା। ୧୯୩ ଟି କେନ୍ଦ୍ରରେ ପରୀକ୍ଷା ହେବ। ସେପ୍ଟେମ୍ବର ୧୭ ତାରିଖରୁ ଆଡ୍‌ମିଟ କାର୍ଡ ହେବ ଉପଲବ୍ଧ।

ସେପ୍ଟେମ୍ବର ୧୭ ତାରିଖରୁ ଆଡ୍‌ମିଟ କାର୍ଡ ହେବ ଉପଲବ୍ଧ। ୨୭ ଯାଏ ଆଡ୍‌ମିଟ କାର୍ଡ ନେଇ ପାରିବେ ପରୀକ୍ଷାର୍ଥୀ। ପୂର୍ବରୁ ଏଭଳି କଥା ଜାଣି ନ ପରିବାରୁ ଓଟିଇଟିରେ ଏଭଳି ବଡ଼ ଅଘଟଣ ହୋଇଥିଲା। ପରୀକ୍ଷା ପରିଚାଳନାରେ ଯେଉଁମାନେ ଅଛନ୍ତି, ସେମାନଙ୍କ ଉପରେ ବି ନଜର ରହିଛି। ୨୭ରେ ହିଁ ହେବ ପରୀକ୍ଷା। ଯାହା ପ୍ରଶ୍ନପତ୍ର ପ୍ୟାଟର୍ନ ରହିଥିଲା ସେହି ଅନୁଯାୟୀ ଏବଂ ସେହି ସେଣ୍ଟରରେ ପରୀକ୍ଷା ହେବ। ବ୍ୟବସ୍ଥାରେ ଆହୁରି କିଛି ନୂଆ କଥା ଯୋଡ଼ାଯାଇଛି। ତାହା ପରବର୍ତ୍ତୀ ପର୍ଯ୍ୟାୟରେ ଅବଗତ କରାଯିବ।

## ଦୀପାବଳିରେ ୩% ଡିଏ ବୃଦ୍ଧି ଘୋଷଣା କରିବେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୭।୯

ପାର୍ବଣ ଋତୁରେ କେନ୍ଦ୍ର ସରକାର ନିଜର କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ଏକ ବଡ଼ ଉପହାର ଦେବାକୁ ଯାଉଛନ୍ତି। ଜିଏସଟି ହାର ହ୍ରାସ ପରେ, ଏବେ ସରକାର ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ରିଲିଫ୍ (ଡିଆର) ରେ ୩ ପ୍ରତିଶତ ବୃଦ୍ଧି ଘୋଷଣା କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୧.୨ କୋଟିରୁ ଅଧିକ କର୍ମଚାରୀ ଏବଂ ପେନସନଭୋଗୀ ଉପକୃତ ହେବେ। ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏନେଇ ଘୋଷଣା ଅକ୍ଟୋବର ପ୍ରଥମ ସପ୍ତାହରେ କରାଯାଇପାରେ।

ବିଜନେସ୍ ଟୁଡେର ଏକ ରିପୋର୍ଟ ଅନୁଯାୟୀ, ସରକାର ଏହି ଘୋଷଣା ପାଇଁ ସ୍ୱତନ୍ତ୍ର ଭାବରେ ଦୀପାବଳିର ସମୟକୁ ବାଛିଛନ୍ତି ଯାହା ଦ୍ୱାରା କର୍ମଚାରୀ ଏବଂ ପେନସନଭୋଗୀମାନେ ଏହି ଘୋଷଣା



ମାଧ୍ୟମରେ ପାର୍ବଣ ଋତୁରେ ଅତିରିକ୍ତ ସୁବିଧା ପାଇପାରିବେ।

ଉଲ୍ଲେଖନୀୟ, କେନ୍ଦ୍ର ସରକାର ବର୍ଷକୁ ଦୁଇଥର ଡିଏ ବୃଦ୍ଧି କରିଥାନ୍ତି। ପ୍ରଥମ ସଂଶୋଧନ ହୋଲି ପୂର୍ବରୁ (ଜାନୁଆରୀ-ଜୁନ୍ ପାଇଁ) ଏବଂ ଦ୍ୱିତୀୟ ସଂଶୋଧନ ଦୀପାବଳି ପୂର୍ବରୁ (ଜୁଲାଇ-ଡିସେମ୍ବର ପାଇଁ)। ଗତ ବର୍ଷ ଅକ୍ଟୋବର ୨୦୨୪ରେ, ସରକାର ଦୀପାବଳିର ପ୍ରାୟ ୨ ସପ୍ତାହ ପୂର୍ବରୁ ଡିଏ ବୃଦ୍ଧି କରିବାକୁ ଘୋଷଣା କରିଥିଲେ। ଚଳିତ ବର୍ଷ ଦୀପାବଳି ୨୦-୨୧ ଅକ୍ଟୋବରରେ ଅଛି ଏବଂ ଏହାକୁ ଦୃଷ୍ଟିରେ ରଖି କର୍ମଚାରୀଙ୍କ ପାଇଁ ଏକ ଉତ୍ସବ ଉପହାର ଭାବରେ ବିବେଚନା କରାଯାଉଛି।

ମହଙ୍ଗା ଭତ୍ତାର ଗଣନା ସପ୍ତମ ବେତନ କମିଶନ ଅଧୀନରେ ଶିଳ୍ପ ଶ୍ରମିକ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ-ଆଇଡବ୍ଲୁ) ଆଧାରରେ କରାଯାଇଥାଏ। ଏହାର ସୂତ୍ର ୧୨ ମାସର ସିପିଆଇ-ଆଇଡବ୍ଲୁ ହାରାହାରି ଉପରେ ଆଧାରିତ। ଜୁଲାଇ ୨୦୨୪ରୁ ଜୁନ ୨୦୨୫ ପର୍ଯ୍ୟନ୍ତ, ସିପିଆଇ-ଆଇଡବ୍ଲୁ ହାରାହାରି ୧୪୩.୬ ଥିଲା, ଯାହା ଅଧୀନରେ ମହଙ୍ଗା ଭତ୍ତା ୫୮ ପ୍ରତିଶତ ହୋଇଛି। ଅର୍ଥାତ୍ ଏବେ କର୍ମଚାରୀ ଏବଂ ପେନସନଭୋଗୀଙ୍କ ଡିଏ ୩ ପ୍ରତିଶତ ବୃଦ୍ଧି ପାଇ ୫୮ ପ୍ରତିଶତ ହୋଇଯିବ। ଯାହା ଲକ୍ଷ ଲକ୍ଷ ପରିବାର ପାଇଁ ଆର୍ଥିକ ଦୃଷ୍ଟିରୁ ଏବଂ ପର୍ବ (ପୃଷ୍ଠା ୭ରେ)

## ୪ ଦିନିଆ ଦିଲ୍ଲୀ ଗସ୍ତରେ ଗଲେ ନବୀନ



ଭୁବନେଶ୍ୱର, ୭।୯

ନ୍ୟୁଜ୍ ବ୍ୟୁରୋ

୪ ଦିନିଆ ଦିଲ୍ଲୀ ଗସ୍ତରେ ଗଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ଦିନକ ପରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାରୁ ନବୀନଙ୍କ ଦିଲ୍ଲୀ ଗସ୍ତ ଅନେକ ଗୁରୁତ୍ୱ ରଖୁଛି। ସୂଚନା ଅନୁସାରେ ୪ ଦିନିଆ ଗସ୍ତରେ ରାଜନୈତିକ ଏବଂ କିଛି ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବେ ନବୀନ। ଏହାଛଡ଼ା ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ବିଜେଡି ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

## ସୁନା ଦର

୨୪ କ୍ୟାରଟ ସୁନା – ପ୍ରତି ଗ୍ରାମ ୧୦,୮୪୯ (+୦)

୨୨ କ୍ୟାରଟ ସୁନା – ପ୍ରତି ଗ୍ରାମ ୯,୯୪୫ (+୦)

୧୮ କ୍ୟାରଟ ସୁନା – ପ୍ରତି ଗ୍ରାମ ୮,୧୩୭ (+୦)

## ରୌପ୍ୟ ଦର

ରୌପ୍ୟ – ପ୍ରତି ଗ୍ରାମ ୧୩୮ (+୦)

## ଏକାଳ ପଖାଳ



ସାଇବର ଠକ ଚାରିଆଡେ ଏବେ<br>
ସତର୍କ ଟିକିଏ ଜନେ<br>
ଲୁଟ କରିଣ ଗିଳିଦେବୁ ସବୁ<br>
ମନରେ ରଖିଥା ଧ୍ୟାନେ<br>
ଭରି ଡିଜିଟାଲ କାନେ<br>
ତଥାପି ଭୁଲ କରୁଛ କେମିତି<br>
ପାଉଅଛ ପୁଣି ପାନେ ।

## ଋଷ୍ ତିଆରି କଲା କ୍ୟାନସର ଟିକା, ସବୁ ପରୀକ୍ଷଣ ସଫଳ



ମସ୍କୋ, ୭।୯

କର୍କଟ ବା କ୍ୟାନ୍ସର ରୋଗ ବିରୋଧୀ ଲଢ଼େଇରେ ଋଷ ଏକ ନୂଆ ସଫଳତା ହାସଲ କରିଛି। କ୍ୟାନ୍ସରକୁ ରୋକିବା ଲାଗି ଏକ ଟିକା ପ୍ରସ୍ତୁତ କରିଛି। ଫେଡେରାଲ ମେଡିକାଲ ଆଣ୍ଡ ବାୟୋଲୋଜିକାଲ ଏଜେନ୍ସି(ଏଫଏମବିଏ) ଏହି ଟିକା ପ୍ରସ୍ତୁତ କରିଛି।

ଏଫଏମବିଡି ପ୍ରମୁଖ ଭେରୋନିକା କହିଛନ୍ତି ଯେ,ଋଷ ତିଆରି କରିଥିବା ଏହି କ୍ୟାନ୍ସର ଟିକା ବର୍ତ୍ତମାନ ବ୍ୟବହାର ପାଇଁ ପ୍ରସ୍ତୁତ। ଏମଆରଏନଏ ଉପରେ ଆଧାରିତ ଏହି ଟିକା ସମସ୍ତ ପ୍ରକାର ପ୍ରାକ୍ ଡାକ୍ତରୀ ପରୀକ୍ଷଣ ସଫଳତାପୂର୍ବକ ଶେଷ ହୋଇଛି। ଏହାଦ୍ୱାରା ଟିକାର ସୁରକ୍ଷା ଏବଂ ପ୍ରଭାବଶାଳିତା ପ୍ରମାଣିତ ହୋଇଛି। ଏହି ଟିକାର ପ୍ରାରମ୍ଭିକ ଲକ୍ଷ୍ୟ କୋଲୋରେକ୍ଟଲ କ୍ୟାନ୍ସର ବୋଲି ସେ କହିଛନ୍ତି।

ଋଷର ଗଣମାଧ୍ୟମ ସଂସ୍ଥା ଟାସ୍ ରିପୋର୍ଟ ଅନୁସାରେ, ଏହି କର୍କଟ ଟିକା ବହୁତ ଭଲ ପ୍ରଦର୍ଶନ କରିଛି।

ଏଫଏମବିଏ ପ୍ରମୁଖ ଭେରୋନିକା ପୂର୍ବାଞ୍ଚଳ ଅର୍ଥନୈତିକ ମଞ୍ଚରେ ଏହାର ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ଟିକା ପାଇଁ ଅନେକ ବର୍ଷ ଧରି ଗବେଷଣା ଚାଲିଥିଲା। ଗତ ୩ ବର୍ଷ ଧରି କେବଳ ଏହାର କ୍ଲିନିକାଲ ପରୀକ୍ଷଣ ଜାରି ରହିଥିଲା। ଏହି ଟିକା ଏବେ ବ୍ୟବହାର ପାଇଁ ଉପଯୁକ୍ତ। କେବଳ ସରକାରୀ ସ୍ୱୀକୃତିକୁ ଅପେକ୍ଷା ରହିଛି।

## ୧୩ ଯାଏଁ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୭।୯

ନ୍ୟୁଜ୍ ବ୍ୟୁରୋ

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ଓଡ଼ିଶାରେ ଆସନ୍ତା ୧୩ ସେପ୍ଟେମ୍ବର ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ହେବାର ସମ୍ଭାବନା ରହିଛି। ମୌସୁମୀ ସକ୍ରିୟ ଥିବାରୁ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳ ଉପରେ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷାର ତୀବ୍ରତା ବଢ଼ିଛି।

ସୋମବାରରୁ ମଙ୍ଗଳବାର ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ



ଗଜପତିରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ନେଇ ୟେଲୋ ୱାର୍ଣ୍ଣିଂ ଜାରି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, (ପୃଷ୍ଠା ୭ରେ)





# ସାଧାରଣ ଭକ୍ତଙ୍କୁ ଉପେକ୍ଷା କରିବାକୁ ୭ ବର୍ଷ ତଳୁ ଷଡ଼ଯନ୍ତ୍ର: ଧାଡ଼ି ଦର୍ଶନ ନେଇ ବିବାଦ ବଢ଼ୁଛି

**ପୁରୀ, ନ୍ୟୁଜ ବ୍ୟୁରୋ**



ଶ୍ରୀମନ୍ଦିର ନାଟମଣ୍ଡପରେ ଆରମ୍ଭ ହେବାକୁ ଥିବା ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏହି ବ୍ୟବସ୍ଥାରେ ସାଧାରଣ ଭକ୍ତଙ୍କ ପାଇଁ ତିଳେମାତ୍ର ସମ୍ବେଦନଶୀଳତା ନାହିଁ। ବରଂ ଟିକେଟ୍ ଦର୍ଶନରେ ବଡ଼ବଡ଼ିଆଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ଯୋଜନା ରହିଥିବା ସ୍ପଷ୍ଟ ହୋଇଛି। ଏଥିପାଇଁ ୨୦୧୮ ମସିହାରୁ ଯୋଜନା ଚାଲିଥିବା ଜଣାପଡ଼ିଛି। ଶ୍ରୀମନ୍ଦିରରେ ଶୃଙ୍ଖଳା ପାଇଁ ମାମଲା ସୁପ୍ରିମ୍‌କୋର୍ଟରେ ପହଞ୍ଚିବା ପରେ ସରକାର ତତ୍ପର ହୋଇଥିଲେ। କିଭଳି ବ୍ୟବସ୍ଥା ଶୃଙ୍ଖଳିତ ହୋଇପାରିବ ସେ ନେଇ ମାନସମନ୍ଥନ କରିବା ସହ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଏହି କମିଟିରେ ପୂର୍ବତନ ଶ୍ରୀମନ୍ଦିର ପ୍ରଶାସକ ମହୀମୋହନ ତ୍ରିପାଠୀ, ତତ୍କାଳୀନ ଅତିରିକ୍ତ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ତତ୍କାଳୀନ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ରହିଥିଲେ। କମିଟି ରିପୋର୍ଟ ଆଧାରରେ ଗୋଟିଏ ପରେ ଗୋଟିଏ ସୁପାରିସ କାର୍ଯ୍ୟକ୍ଷମ ହେଉଛି। କମିଟି ସୁପାରିସ କରିଥିବା ସବୁଠାରୁ ମୁଖ୍ୟ ବିନ୍ଦୁ ହେଉଛି ଟିକେଟ୍ ଦର୍ଶନ। ତିରୁପତି ଓ ମାତା ବୈଷ୍ଣୋଦେବୀ ମନ୍ଦିରରେ ଯେଭଳି ପଞ୍ଜୀକରଣ ବ୍ୟବସ୍ଥା ହୋଇଛି ସେଭଳି କରି ସୀମିତ ସଂଖ୍ୟକ ଭକ୍ତଙ୍କୁ ସୁଯୋଗ ଦେବାକୁ ସୁପାରିସ କରାଯାଇଛି। ସଚେତନ ନାଗରିକ ମଞ୍ଚ ଆବାହକ ଦେବାଶିଷ ଦାସ କହିଛନ୍ତି, ଧାଡ଼ି ଦର୍ଶନ ହେଲେ ବା ଭକ୍ତ ପଞ୍ଜୀକରଣ ବ୍ୟବସ୍ଥା ହେଲେ ଦିନକୁ ଦୁଇ ବେଳା ଆସୁଥିବା ସ୍ଥାନୀୟ ଭକ୍ତଙ୍କ ଅବସ୍ଥା କଣ ହେବ ଟିକେଟ୍ ଦର୍ଶନ କରାଇ, ସାଧାରଣ ଭକ୍ତଙ୍କ ସଂଖ୍ୟା ହ୍ରାସ କରି କି ପ୍ରକାରର ଶୃଙ୍ଖଳା ଆଣିବାକୁ ଚାହୁଁଛି ପ୍ରଶାସନ? ଅନ୍ୟପଟେ ଧାଡ଼ି ଦର୍ଶନ ବ୍ୟବସ୍ଥାରେ ସାଧାରଣ ଭକ୍ତମାନେ ଯେଉଁଠୁ (ବାହାରକାଠ) ଦର୍ଶନ କରିବେ, ତାହା ରତ୍ନ ସିଂହାସନରୁ ଶହେ ଫୁଟ୍‌ରୁ ଅଧିକ ଦୂର। ସେଥିରେ ପୁଣି ଏକ ସମୟରେ ଚତୁର୍ଦ୍ଧାମୂରତିଙ୍କୁ ଦର୍ଶନ କରିହେବ ନାହିଁ। ଟିକେଟ୍ ଦର୍ଶନ ଆରମ୍ଭ ହେଲେ ସେମାନେ ଯେଉଁଠୁ (ଭିତରକାଠ) ଦର୍ଶନ କରିବେ ତାହା ପ୍ରାୟ ୪୦ ଫୁଟ ଦୂର ଏବଂ ଏକ ସମୟରେ ଚତୁର୍ଦ୍ଧାମୂରତିଙ୍କୁ ଦର୍ଶନ କରିହେବ। ଭକ୍ତ ଓ ଭଗବାନଙ୍କ ପାଖରେ ଏଭଳି ପାତରଅନ୍ତର କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଧାଡ଼ି ଦର୍ଶନ ବିରୋଧରେ ସୁପ୍ରିମକୋର୍ଟଙ୍କୁ ଚିଠି ଲେଖିଥିବା ମାଟିମଣ୍ଡପ ସାହିର ଉମାଶଙ୍କର ମହାନ୍ତି। ତେବେ ସବୁଠାରୁ ବଡ଼ ପ୍ରଶ୍ନ ଉଠାଇଛନ୍ତି ଆଇନଜୀବୀ ଦିଲିପ ବରାଳ। ସେ କହିଛନ୍ତି, ୨୦୧୯ ମସିହା ଜାନୁଆରି ୨୯ ତାରିଖରେ ବସିଥିବା ପରିଚାଳନା କମିଟି ବୈଠକର ନିଷ୍ପତ୍ତି କୋମାରେ ପଡ଼ିଛି। ନୀତି ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ଇତିହାସରେ ବୋଧହୁଏ ଏଭଳି ଏକ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଟି ନିଷ୍ପତ୍ତି ହୋଇଥିଲା। ସକାଳ ସାଢ଼େ ୪ଟାରେ ଦ୍ୱାରଫିଟା ହେବ। ଏହା ପରେ ଧାର୍ଯ୍ୟ ସମୟ ଅନୁସାରେ ସବୁ ନୀତି ହେବ। ଯଦି ଏଭଳି ସମୟରେ ନୀତି ହୁଏ ତେବେ ଦର୍ଶନ ଶୃଙ୍ଖଳିତ ହେବ। ଏଣୁ ଦର୍ଶନ ଶୃଙ୍ଖଳିତ କରିବା ପାଇଁ ଯଦି ନୀତିରେ ୧୫ ମିନିଟ୍ ବିଳମ୍ବ ହୁଏ ତେବେ ସମ୍ପୃକ୍ତ ସେବକଙ୍କର ଦୈନନ୍ଦିନ ନଗଦ ପାଉଣାରୁ ୨୫ ପ୍ରତିଶତ କାଟି ଦିଆଯିବ। ୩୦ ମିନିଟ୍ ବିଳମ୍ବ ହେଲେ ୫୦%, ୧ଘଣ୍ଟା ବିଳମ୍ବ ହେଲେ ୧୦୦% କଟାଯିବ। ଜଣେ ସେବକଙ୍କ କ୍ଷେତ୍ରରେ ଏଭଳି ଘଟଣା ତିନିଥର ଘଟିଲେ ସେ ସେବାରୁ ନିଲମ୍ବିତ ହେବେ। ଯଦି କୌଣସି ସେବକ ଉଦ୍ଦେଶ୍ୟମୂଳକ ଭାବରେ ବିଳମ୍ବ କରିଥିବା ପ୍ରମାଣ ହୁଏ ତେବେ ସେ ସେବାରୁ ବହିଷ୍କାର ହେବେ। କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ନୀତି ଧାର୍ଯ୍ୟ ସମୟରେ ହେଉନି କିମ୍ବା ଜଣକ ଉପରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ପରିଚାଳନା କମିଟିରେ ଏହି ନିଷ୍ପତ୍ତିକୁ ଆଗ କାର୍ଯ୍ୟକାରୀ କରନ୍ତୁ, ପରେ ଧାଡ଼ି ଦର୍ଶନ କରାଇବେ।

# ଅଧିକାରୀଙ୍କୁ ସୁହାଉନି ଭରତପୁର ଥାନା: ବାସ୍ତୁପୂଜା ବି କାମ କରୁନି

**ଖଣ୍ଡଗିରି, ନ୍ୟୁଜ ବ୍ୟୁରୋ**




ଥାନା ଘର ବଦଳିଲା। ଭାଗ୍ୟ ବଦଳିଲାନି। ଯିଏ ଆସିଲେ, ବର୍ଷେ ପରେ ବଦଳି ହୋଇ ଅନ୍ୟତ୍ର ଗଲେ। ଏ ହେଉଛି ଭରତପୁର ଥାନାର ସ୍ଥିତି। ବାରମ୍ବାର ଥାନା ଅଧିକାରୀ ପରିବର୍ତ୍ତନ ଫଳରେ ଅଞ୍ଚଳରେ ଅପରାଧ, ଅଶାନ୍ତି, ଉତ୍ତେଜନା ବଢ଼ୁଛି। ମାଲମାଲ ବସ୍ତିରେ ଭରପୂର ଭରତପୁରରେ ଅପରାଧ ଚରମ ସୀମା ଛୁଇଁଛି। ଗତକାଲି ନୂଆ ଥାନାଧିକାରୀ ଭାବେ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଯୋଗଦେଇଛନ୍ତି। ୨୦୨୦ ଡିସେମ୍ବରରେ ଥାନା ପ୍ରତିଷ୍ଠା ହେବା ପରଠାରୁ କୌଣସି ଥାନା ଅଧିକାରୀ ୨ବର୍ଷ ରହିପାରିନାହାନ୍ତି। ପ୍ରତିବର୍ଷ ଥାନା ଅଧିକାରୀ ବଦଳୁଛନ୍ତି। ସବୁଠାରୁ ଅଧିକ ସମୟ ରହିଥିବା ଆଇଆଇସିଙ୍କ କାର୍ଯ୍ୟକାଳ ହେଲା ୧୬ମାସ। ଏଭଳି ସ୍ଥିତିରେ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ କିଭଳି ନିୟନ୍ତ୍ରଣ କରାଯିବା ସେ ନେଇ ପ୍ରଶ୍ନ ଉଠିଛି। ଗତବର୍ଷ ସେପ୍ଟେମ୍ବର ମାସରେ ବହୁ ଚର୍ଚ୍ଚିତ ଭରତପୁର ଥାନା ଭିତରେ ମେଜର, ତାଙ୍କ ବାନ୍ଧବୀ ଓ ପୁଲିସ କଳି ଘଟଣା ପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତତ୍କାଳୀନ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କୁ ହଟାଇ ଦୀପକ ଖଣ୍ଡାୟତରାୟଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଥାନାର ବାତାବରଣ ଭଲ ନଥିବାରୁ ଏହାର ବାସ୍ତୁପୂଜା କରାଗଲା। ତଥାପି ବାସ୍ତୁପୂଜା କାଟୁ କଲାନି। ଯଥାପୂର୍ବଂ ତଥା ପରଂ ନିୟମରେ ଅପରାଧ ବଢ଼ିଚାଲିଲା। ଥାନା ଅଧୀନ ଅଞ୍ଚଳକୁ ଭଲ ଭାବେ ବୁଝିବା ପୂର୍ବରୁ ଶ୍ରୀ ଖଣ୍ଡାୟତରାୟଙ୍କୁ ବଦଳି କରିଦିଆଗଲା। ସେ ଏକ ବର୍ଷ ମଧ ପୂର୍ଣ୍ଣ କରିପାରିଲେ ନାହିଁ।

କେବଳ ଶ୍ରୀ ଖଣ୍ଡାୟତରାୟ ନୁହନ୍ତି, ତାଙ୍କ ପୂର୍ବରୁ ଥିବା ଥାନା ଅଧିକାରୀମାନଙ୍କ ମଧ୍ୟରେ ଦୀନକୃଷ୍ଣ ମିଶ୍ର ୧୧ ମାସ, ତାଙ୍କ ପୂର୍ବରୁ ବିଭୁଦତ୍ତ ରାଉତରାୟ ସର୍ବାଧିକ ୧୬ ମାସ, ତାଙ୍କ ପୂର୍ବରୁ ବିଶ୍ୱରଂଜନ ସାହୁ ୬ ମାସ, ଜ୍ୟୋତିରଂଜନ ପତି ୬ମାସ, ଦୁର୍ଗା ପ୍ରସାଦ ଜେନା ୬ ମାସ ରହି ବଦଳି ହୋଇଥିଲେ। ଭରତପୁର ଥାନା ଅଧୀନରେ ୩୬ରୁ ଅଧିକ ବସ୍ତି ରହିଛି। କମିସନରେଟ୍ ପୁଲିସର ତଥ୍ୟ ଅନୁଯାୟୀ ଶହେ ଜଣ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୭୦ଜଣ ବସ୍ତି ଅଞ୍ଚଳରେ ରହୁଛନ୍ତି। ଥାନା ଅଧିକାରୀ ନିଜ ଅଞ୍ଚଳ ସହ ବସ୍ତି ସମ୍ପର୍କରେ ଭଲଭାବେ ଜାଣିବା ପୂର୍ବରୁ ତାଙ୍କର ବଦଳି ହୋଇଯାଉଛି। ଏହା କଙ୍କଡ଼ାକୁ ଗୋଳିପାଣି ସୁହାଇଲା ପରି ଅପରାଧୀମାନଙ୍କୁ ସୁହାଉଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ରସୁଲଗଡ଼ ଦୁର୍ଗା ପୂଜା: ଉତ୍ତରାଖଣ୍ଡ ଗୁମ୍ଫାରେ ବିରାଜିବେ ମା’

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଉତ୍ତରାଖଣ୍ଡରେ ଭୂସ୍ଖଳନ ଯୋଗୁ ଯାତ୍ରୀଙ୍କ ମୃତ୍ୟୁ ଏବେ ଖବରର ଶିରୋନାମା ପାଲଟିଛି। ଏଣୁ ଲୋକ ଏବେ ଉତ୍ତରାଖଣ୍ଡ ଯିବାକୁ ଡରୁଛନ୍ତି। ତେବେ ରାଜଧାନୀରେ ରହି ବି ଶ୍ରଦ୍ଧାଳୁଙ୍କୁ ଉତ୍ତରାଖଣ୍ଡ ପାହାଡ଼ ଗୁମ୍ଫାର ଅନୁଭବ ଦେବାକୁ ଅଣ୍ଟା ଭିଡ଼ିଛି ରସୁଲଗଡ଼ ଦୁର୍ଗା ପୂଜା କମିଟି। ଆଖି ଝଲସା ତୋରଣ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏହି କମିଟି ଚଳିତ ବର୍ଷ ଉତ୍ତରାଖଣ୍ଡର ପାହାଡ଼ ଗୁମ୍ଫା ସଦୃଶ ତୋରଣ ନିର୍ମାଣ କରୁଛି। ପ୍ରାୟ ୮୫ ଫୁଟ ଉଚ୍ଚ ଓ ୧୩୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ତୋରଣଟି ଚଳିତ ବର୍ଷର ତୋରଣଗୁଡ଼ିକ ମଧ୍ୟରେ ଅନ୍ୟତମ ଆକର୍ଷଣ ପାଲଟିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପାହାଡ଼ ଉପରେ ଗଛଲତା ସହ ଗୁମ୍ଫା ଭିତରେ ପ୍ରବେଶ କରି ମା’ ବୈଷ୍ଣୋଦେବୀଙ୍କୁ ଦର୍ଶନ କରିବାର ରୋମାଞ୍ଚକର ଅନୁଭୂତି ଦେବ ଏହି ତୋରଣ। ରାଖୀପୂର୍ଣ୍ଣିମାଠାରୁ ୪୫ ଜଣ ବଙ୍ଗୀୟ କାରିଗର ଏହି ତୋରଣ ନିର୍ମାଣ କରିବାକୁ ଲାଗିପଡ଼ିଥିବା ବେଳେ ମୂର୍ତ୍ତି ଉପରେ ବି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ୧୯୯୩ ମସିହାରେ ରସୁଲଗଡ଼ ଅଞ୍ଚଳରେ ଆରମ୍ଭ ହୋଇଥିବା ମା’ ଦୁର୍ଗାଙ୍କ ପୂଜା ଏଥର ୩୩ ବର୍ଷରେ ପାଦ ଥାପିଛି। ପ୍ରତିବର୍ଷ ମା’ଙ୍କ ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ସଦସ୍ୟମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥାନ୍ତି। ତୋରଣ ନିର୍ମାଣରେ କୌଣସି ରାସାୟନିକ ରଙ୍ଗ ବ୍ୟବହାର କରାଯାଉ ନଥିବା ବେଳେ ୨୪ ଫୁଟ ଉଚ୍ଚତାର ପରିବେଶ ଅନୁକୂଳ ମୂର୍ତ୍ତି ଓ ମେଢ଼ ନିର୍ମାଣ କରାଯାଉଛି। ମେଢ଼ ଓ ମୂର୍ତ୍ତି ନିର୍ମାଣ ପାଇଁ ବି କୋଲକାତାରୁ କାରିଗର ଆସିଛନ୍ତି। ପୂଜାମଣ୍ଡପକୁ ରଙ୍ଗିନ ଆଲୋକମାଳାରେ ସଜାଇବା ପାଇଁ ଏଥର ମଡର୍ଣ୍ଣ ଥିମ୍‌ରେ ଲାଇଟ୍ ପ୍ରସ୍ତୁତ ହୋଇଛି। ୫ଟି ବଡ଼ ଏଲଇଡି ଲାଇଟ୍ ଗେଟ୍‌ରେ ଚାରିପାଖକୁ ଆଲୋକିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରବଳ ଜନଗହଳି ମଧ୍ୟରେ ସୁରକ୍ଷାକୁ ଧ୍ୟାନ ଦେଇ ୪୦ଟି ସିସି କ୍ୟାମେରା ଲଗାଯିବ। ପ୍ରାୟ ୨୦୦ ଜଣ ସଦସ୍ୟଙ୍କ ସମେତ ୫୦ ଜଣ ସୁରକ୍ଷା କର୍ମୀ ଓ କମିସନରେଟ୍ ପୁଲିସଙ୍କ ସହାୟତାରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯିବ। ମନୋରଞ୍ଜନ ପାଇଁ ଷଷ୍ଠୀଠାରୁ ୫ଦିନ ଧରି ଓଡ଼ିଶୀ ନୃତ୍ୟ, ଭଜନ ସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମ ରଖାଯାଇଛି। ପୂଜାମଣ୍ଡପ ବାହାରେ ମୀନାବଜାର ସହ ରାମଦୋଳି ମୁଖ୍ୟ ଆକର୍ଷଣ ପାଲଟିବ। ଏଥିସହ ବିଭିନ୍ନ ଖାଦ୍ୟ ଷ୍ଟଲ୍ ଖୋଲାଯିବ। ପ୍ରାୟ ୭୦ ଲକ୍ଷ ଟଙ୍କାର ବଜେଟ୍‌ରେ ଏଥର ପୂଜା ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ୨ ଦିନ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ଷଷ୍ଠୀ ଦିନ ବିଲ୍ୱବରଣୀ କରି ମା’ଙ୍କ ଆବାହନ କରାଯିବା ପରେ ପୂଜା ଆରମ୍ଭ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ରସୁଲଗଡ଼ ପୂଜା କମିଟି ନିଜର ସ୍ୱତନ୍ତ୍ର ଭସାଣି କରିବ। ରସୁଲଗଡ଼ରୁ ହଂସପାଳ ହୋଇ କୁଆଖାଇ ଯାଏ ଭସାଣି ଯାତ୍ରା ଯିବ। ଭସାଣିରେ ଏଥର ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହାର କରାଯିବ। ନାଗାନାଚ, ଅଘୋରୀ ନାଚ, ଘୋଡ଼ାନାଚ, ଦୁଲଦୁଲି ଦର୍ଶକଙ୍କୁ ଆକର୍ଷିତ କରିବ। ଭସାଣି ସମୟରେ ଯେପରି ଅସୁବିଧା ନହୁଏ, ସେଥିପାଇଁ ପୁଲିସ ସହ କମିଟିର ସଦସ୍ୟ ନିୟୋଜିତ ରହିବେ। ପୂଜା ସମୟରେ ପାର୍କିଂ ପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୪ଟି ସ୍ଥାନରେ ମାଗଣା ପାର୍କିଂ ସୁବିଧା କରାଯାଇଥିବା ବେଳେ ଯା’ଆସରେ ସୁବିଧା ପାଇଁ ପୂଜା ୫ ଦିନ ୱାନ୍-ୱେ ବ୍ୟବସ୍ଥା କରାଯାଇଛି। ପୂଜାମଣ୍ଡପରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ୧୦ଜଣ ମହିଳା ସ୍ୱେଚ୍ଛାସେବୀ ମହିଳା ଓ ଶିଶୁଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବେ।

# ସହିଦନଗର ଦୁର୍ଗାପୂଜା: ଆକର୍ଷଣ ସାଜିବ ରୁପା ମେଢ଼, ମା’ଙ୍କ ସ୍ୱର୍ଣ୍ଣ ଅଳଙ୍କାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଚଳିତ ବର୍ଷ ୪୮ ବର୍ଷରେ ପଦାର୍ପଣ କରୁଛି ‘ସହିଦନଗର ଦୁର୍ଗାପୂଜା’। ଅନ୍ୟଠାରୁ ଭିନ୍ନ କରି ସବୁବେଳେ ଚର୍ଚ୍ଚାରେ ରହୁଥିବା ଏହି ମଣ୍ଡପ ଚଳିତ ଥର କୌଣସି ଐତିହ୍ୟର ନକଲ କରିବ ନାହିଁ। କମିଟିର ଯୁବ କର୍ମକର୍ତ୍ତାଙ୍କ ମାନସ ପ୍ରସୁତ କାଳ୍ପନିକ ଚିତ୍ର ଡିଜାଇନ୍‌ରେ ତୋରଣ ନିର୍ମାଣ କରାଯିବ। ତୋରଣ ଆବର୍ଜନାମୁକ୍ତ ତଥା ପରିବେଶ ଅନୁକୂଳ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ୮୫ ଫୁଟ୍ ଉଚ୍ଚ, ୧୩୦ ଫୁଟ୍ ଚଉଡ଼ା ବିଶିଷ୍ଟ ଏହି ତୋରଣର ନିର୍ମାଣରେ ୫୦ ଜଣ ବଙ୍ଗୀୟ କାରିଗର ଜନ୍ମାଷ୍ଟମୀଠାରୁ ଲାଗିଛନ୍ତି। ସହିଦନଗର ଦୁର୍ଗାପୂଜାର ସବୁଠାରୁ ବଡ଼ ସ୍ୱତନ୍ତ୍ରତା ହେଉଛି ଏହାର ‘ଚାନ୍ଦିମେଢ଼’। ଦେଢ଼ କେଜି ସୁନାରେ ତିଆରି ହୋଇଛି ମା’ଙ୍କ ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର। ୧୬୦୦ କେଜି ଚାନ୍ଦିରେ ତିଆରି ହେଉଛି ମେଢ଼, ମା’ଙ୍କ ଅଳଙ୍କାର ଓ ଅସ୍ତ୍ରଶସ୍ତ୍ର। ତାରକସି କାମର ରୁପା ମେଢ଼ରେ ସ୍ୱର୍ଣ୍ଣ ଅଳଙ୍କାର ପରିହିତା ମା’ ଦୁର୍ଗା ମଣ୍ଡପରେ ଝଟକିବେ। ମେଢ଼ର ଉଚ୍ଚତା ୧୮ ଫୁଟ ରହିବ ଓ କଟକ କାରିଗର ମା’ଙ୍କ ମୂର୍ତ୍ତି ନିର୍ମାଣ କରିବେ। ଏଥର ଚାନ୍ଦା ଆଦାୟ ବନ୍ଦ ରହିଥିବାରୁ ପୂଜା ଆୟୋଜନରେ ଅସୁବିଧା ସୃଷ୍ଟି ହୋଇଛି। ଏଣୁ ଯଦି ସରକାର ବିଜ୍ଞାପନ ବା ଅନୁଦାନ ଆକାରରେ କିଛି ସହଯୋଗ କରନ୍ତେ ପୂଜା ସୁରୁଖୁରୁରେ ହୋଇପାରନ୍ତା। ଏଥିସହ ପୂଜା ପରିସରରେ ପ୍ରାୟ ୧୦୦ଟି ସିସି କ୍ୟାମେରା ଓ ଏଆଇ କ୍ୟାମେରା ଲାଗିବ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ପ୍ରାୟ ୧୦୦ ପୁରୁଷ ଓ ମହିଳା ସ୍ୱେଚ୍ଛାସେବୀଙ୍କ ସହ ସିକ୍ୟୁରିଟି ଗାର୍ଡଙ୍କୁ ନିୟୋଜିତ କରାଯିବ। ଭସାଣି ସମୟରେ ମାଦଳ, ସିଂହବାଜା, ଶଙ୍ଖୁଆ, ପଞ୍ଜାବୀ ବାଜା, ଦୁଲୁଦୁଲି ଆଦି ପାରମ୍ପରିକ ବାଦ୍ୟର ବ୍ୟବସ୍ଥା କରାଯାଇଛି। କିନ୍ତୁ ଯୁବପିଢ଼ି ଓ ଆଧୁନିକ ପିଲାଙ୍କ ପସନ୍ଦକୁ ସ୍ୱୀକୃତି ଦେଇ ସେମାନଙ୍କ ପାଇଁ ନିର୍ଦ୍ଧାରିତ କଟକଣା ମଧ୍ୟରେ ଡିଜେକୁ ଅନୁମତି ଦିଆଯାଉ। ଏଥିସହ ଭସାଣିରେ ସରକାରଙ୍କ ତରଫରୁ ଆମ୍ବୁଲାନ୍ସ ବ୍ୟବସ୍ଥା, ଫାୟାର ଗାଡ଼ି, ପୁଲିସ ବ୍ୟାଣ୍ଡ ସହ ପରେଡ୍ ବ୍ୟବସ୍ଥା ହେଲେ ସମସ୍ତଙ୍କ ସଂପୃକ୍ତି ସହ ଏହା ପ୍ରକୃତ ଅର୍ଥରେ ସାର୍ବଜନୀନ ପୂଜା ହୋଇପାରନ୍ତା। ଆମେ ତୋରଣ ଅପେକ୍ଷା ମା’ଙ୍କ ଦର୍ଶନକୁ ଅଧିକ ଗୁରୁତ୍ୱ ଦେଉଛୁ। ଗହଳି ଯୋଗୁ ତୋରଣ ଭିତରକୁ ଆସିପାରୁନଥିବା ଭକ୍ତ ଯେମିତି ରାସ୍ତାରେ ଯାଉଥିବା ସମୟରେ ସେଠାରୁ ହିଁ ମା’ଙ୍କୁ ଦର୍ଶନ କରିପାରିବେ ସେଇ ଭଳି ତୋରଣର ଡିଜାଇନ୍ ପ୍ରସ୍ତୁତ ହୋଇଛି। ଏଥିସହ ଭକ୍ତଙ୍କ ପାଇଁ ପୂଜା ୪ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ମଣ୍ଡାପିଠା, ଚୁଡ଼ାଘସା, ଖିରି ଆଦି ସହ ଦଶମୀ ଦିନ ଦହିପଖାଳ ଭୋଗ ଲାଗି ହେବ। ଷଷ୍ଠୀଠାରୁ ପୂଜା ଆରମ୍ଭ ହେଉଥିବା ବେଳେ ପ୍ରତ୍ୟେକ ଦିନ ୧୫୦୦ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି।

# ବାଲିପାଟଣାରେ ୨ ଦିନରେ ମାଙ୍କଡ଼ କାମୁଡ଼ାରେ ୧୦ ଗୁରୁତର

**ବାଲିପାଟଣା, ନ୍ୟୁଜ ବ୍ୟୁରୋ**

ବାଲିପାଟଣାରେ ମାଙ୍କଡ଼ କାମୁଡ଼ାରେ ୨ ଦିନରେ ୧୦ ଜଣ ଗୁରୁତର ହେଲେଣି। ସୋମବାର ମାଙ୍କଡ଼ ୯ ଜଣଙ୍କୁ କାମୁଡ଼ିଥିବା ବେଳେ ବାରିଲୋ ଗ୍ରାମର ସୀତା ସାହୁ ନାମକ ବୃଦ୍ଧାଙ୍କୁ ପୁଣି କାମୁଡ଼ି ଗୁରୁତର କରିଛି । ବୃଦ୍ଧା ସକାଳୁ ଘର ଆଗରେ ଝାଡୁ କରୁଥିଲେ । ମାଙ୍କଡ଼ଟି ଚାଲି ଚାଲି ଆସି ତାଙ୍କ ଗୋଡ଼ କାମୁଡ଼ଇ ଲହୁଲୁହାଣ କରିଛି । ଆହତମାନେ ହେଲେ ବାଲିପାଟଣା ମିଶ୍ରସାହିର ଅମିତାଭ ପ୍ରସାଦ ମିଶ୍ର ଓରଫ ବୁବୁ ( ୪୨ ) , ନୂଆ ଗାଁର ଭରତ ମଲ୍ଲିକ ( ୫୦ ) , କାର୍ତ୍ତିକ ଭୋଇ ( ୧୩ ) , ଶୁଭଙ୍କର ଭୋଳ ( ୧୬ ) , ବିଜୟ କୁମାର ସାହୁ ( ୫୭ ) ,ଜ୍ଞାନରଞ୍ଜନ ସାହୁ ( ୪୪ ) , ପୂଜା ଜେନା ( ୩୪ )। ସେମାନେ ହସ୍ପିଟାଲରେ ଚିକିତ୍ସି ହେଉଥିବା ଜଣା ପଡିଛି । ଗୁରୁତରମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି । ୩ ହେଲା ସ୍ଥାନୀୟ ୭ ରୁ ଅଧିକ ଗ୍ରାମରେ ତାଟି କବାଟ ପଡି ଯାଇଥିଲା । ଘରୁ ବାହାରିବାକୁ ଲୋକେ ଡରୁଥିଲେ । ହାତରେ ଠେଙ୍ଗା, ବାଡ଼ି ଧରି ଯୁବକମାନେ ଦିନ ରାତି ଗାଁରେ ଜଗି ରହିଥିଲେ । ହେଲେ ମାଙ୍କଡ଼ ଘରେ ପଶି ଲୋକଙ୍କୁ ଆକ୍ରମଣ କରୁଛି । ତା ସାମ୍ନାରେ ଯିଏ ପଡ଼ିଲା ତାକୁ କାମୁଡି ରକ୍ତାକ୍ତ କରି ଦେଉଛି। ବାଲିପାଟଣା ବନାଞ୍ଚଳ କର୍ମଚାରୀ ଓ ନନ୍ଦନ କାନନ ଟ୍ରାଙ୍କୁଲାଇଜ ଟିମ୍ ବାଲିପାଟଣାରେ ପହଁଞ୍ଚି ଗାଁ ଲୋକଙ୍କ ସହାୟତାରେ ମାଙ୍କଡ଼ର ଗତିବିଧି ଉପରେ ନଜର ରଖିବା ସହ ନିସ୍ତେଜକ କରିବା ପାଇଁ ପ୍ରୟାସ ଆରମ୍ଭ ଚଳାଇ ଥିଲେ । ଶିଶୁ ମଠ ସାହିର ଜନୈକ ବ୍ୟକ୍ତିଙ୍କ ଛାତ ଉପରେ ମାଙ୍କଡ଼କୁ ଠାବ କରି ଟ୍ରାଙ୍କୁ ଲାଇଜ କରି ନିସ୍ତେଜ କରାଯାଇଥିଲା । ଉତ୍ପାତିଆ ମାଙ୍କଡ଼କୁ ବନ ବିଭାଗ ହେପାଜତରେ ରଖା ଯାଇଛି । ସୁସ୍ଥ ହେଲା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।




# ତାତୁଛି ରାଜଧାନୀ: ୨୦୫୦ ସୁଦ୍ଧା ଆଉ ୨.୫° ବଢ଼ିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଳାଶୟ ପୋତି କୋଠା ନିର୍ମାଣ ଚାଲିଛି। ଗଛ କଟାଯାଇ ଆପାର୍ଟମେଣ୍ଟ ପ୍ରତିଷ୍ଠା ହେଉଛି। ପ୍ରତିବର୍ଷ ଏତେ ସଂଖ୍ୟକ କୋଠା ନିର୍ମାଣ ହେଉଛି ଯେ ଆକଳନ ବାହାରକୁ ଚାଲିଯାଉଛି। ୨୦୧୮ ତୁଳନାରେ ୨୦୨୪ରେ ଭୁବନେଶ୍ୱର ସହରରେ କୋଠା ନିର୍ମାଣ ପ୍ରାୟ ୨୩% ବୃଦ୍ଧି ପାଇଛି। ମାତ୍ର ୬ ବର୍ଷ ମଧ୍ୟରେ ସହରରୁ ୯.୮% ଗଛ କଟାଯାଇଛି ଏବଂ ୭୫% ଜଳାଶୟ ଉପରେ କୋଠା ନିର୍ମାଣ ହୋଇଛି, ଯାହାକି ଗ୍ରୀଷ୍ମ ପ୍ରବାହର ଅନ୍ୟତମ କାରଣ ପାଲଟିଛି।

ଏବେ ଯେଉଁଭଳି ଭାବେ ଜଳବାୟୁ ପରିବର୍ତ୍ତନ ଘଟୁଛି ତାହାର ପ୍ରଭାବରେ ୨୦୫୦ ବେଳକୁ ଭୁବନେଶ୍ୱରରେ ଗ୍ରୀଷ୍ମ ପ୍ରବାହ ଅଧିକ ଭୀଷଣ ରୂପ ଧାରଣ କରିବ। ବର୍ତ୍ତମାନ ତାପମାତ୍ରା ଯେତିକି ରହୁଛି ୨୦୨୫ ବେଳକୁ ଆହୁରି ୨ରୁ ୨.୫ ଡିଗ୍ରି ବୃଦ୍ଧି ପାଇବ ବୋଲି ଭୁବନେଶ୍ୱରର ଗ୍ରୀଷ୍ମ ପ୍ରବାହକୁ ନେଇ ଇଣ୍ଟରନ୍ୟାସନାଲ ଫୋରମ୍ ଫର ଏନଭର୍ନମେଣ୍ଟ, ସଷ୍ଟେନେବିଲିଟି ଆଣ୍ଡ୍ ଟେକ୍ନୋଲୋଜି (ଆଇଫରେଷ୍ଟ) ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ୨୦୨୪ରେ ଭୁବନେଶ୍ୱରରେ ଲଗାତାର ୧୭ ଦିନ ପାଇଁ ତାପମାତ୍ରା ୪୦ ଡିଗ୍ରି ଉପରେ ରହିଥିଲା। ଚିନ୍ତାର କାରଣ ହେଉଛି ଯେ ୨୦୨୪ରେ ୩୬୫ ଦିନ ମଧ୍ୟରୁ ୨୩୨ ଦିନ ଭୁବନେଶ୍ୱର ପାଇଁ ଚେତାବନୀ ଦିଆଯାଇଥିଲା। ସେଥିମଧ୍ୟରୁ ୭୭ ଦିନ ୟେଲୋ ଓ ୫୫ ଦିନ ଅରେଞ୍ଜ ୱାର୍ଣ୍ଣିଂ ଥିଲା। ଜାନୁଆରି ଓ ଡିସେମ୍ବର ମାସରେ ଆଦୌ ୱାର୍ଣ୍ଣିଂ ଦିଆଯାଇ ନ ଥିଲା। ଅର୍ଥାତ୍ ଫେବ୍ରୁୟାରୀରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବା ସହ ୱାର୍ଣ୍ଣିଂ ଦିଆଯାଇଥିଲା। ଜୁଲାଇରେ ୨୭, ଅଗଷ୍ଟରେ ୩୦, ସେପ୍ଟେମ୍ବରରେ ୨୫ ଓ ଅକ୍ଟୋବରରେ ୨୬ ଦିନ ୟେଲୋ ୱାର୍ଣ୍ଣିଂ ଦିଆଯାଇଥିଲା। ତେବେ ଏପ୍ରିଲରେ ୧୦, ମେ’ରେ ୧୭ ଓ ଜୁନ୍‌ରେ ୨୦ ଦିନ ଅରେଞ୍ଜ ୱାର୍ଣ୍ଣିଂ ଜାରି ହେବା ଚିନ୍ତାର ବିଷୟ ପାଲଟିଛି।

ତଥ୍ୟ ଉପରେ ଆଉ ଟିକିଏ ନିରିଖି ଦେଖିଲେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଆର୍ଦ୍ରତା ମଧ୍ୟ ବୃଦ୍ଧି ପାଉଛି। ୧୯୬୧ରୁ ୧୯୯୦ରୁ ଓ ୧୯୯୧ରୁ ୨୦୨୦ ତଥ୍ୟକୁ ଅନୁଧ୍ୟାନ ପରେ ଜଣାପଡୁଛି ଯେ ତାପମାତ୍ରା ଓ ଆର୍ଦ୍ରତା ସ୍ତର ବଢ଼ିଚାଲିଛି। ଗ୍ରୀଷ୍ମ ସମୟର ତାପମାତ୍ରା ହାରାହାରି ୧ ଡିଗ୍ରି ବୃଦ୍ଧି ପାଇଛି। ରାତିର ତାପମାତ୍ରା ମଧ୍ୟ ବଢ଼ୁଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ତାପମାତ୍ରା ପାଖାପାଖି ୨୦ ଡିଗ୍ରି ଫରକ ରହୁଛି। ଗୋଟିଏ ଗୋଟିଏ ଅଞ୍ଚଳର ସର୍ବୋଚ୍ଚ ତାପମାତ୍ରା ୫୫ ଡିଗ୍ରିରେ ପହଞ୍ଚୁଥିବା ବେଳେ ସର୍ବନିମ୍ନ ୩୪ ଡିଗ୍ରି ରହୁଛି। ୨୦୨୪ ଏପ୍ରିଲରେ ସଂଗ୍ରହ କରାଯାଇଥିବା ତଥ୍ୟ ଅନୁଯାୟୀ କୁଆଖାଇ ନଦୀକୂଳକୁ ଲାଗି ରହିଥିବା ବିଏମ୍‌ସି ୫ ନମ୍ବର ୱାର୍ଡରେ ସର୍ବାଧିକ ତାତି ଅନୁଭୂତ ହୋଇଥିଲା। ଏହା ତଳକୁ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଆସୁଥିବା ୫୨ ନମ୍ବର ୱାର୍ଡ ଅଧିକ ଗ୍ରୀଷ୍ମ ପ୍ରବଣ ଅଞ୍ଚଳ ଭାବେ ପରିଗଣିତ ହେଉଛି। ସାଲିଆସାହି ରହିଥିବା ବିଏମ୍‌ସି ୧୬, ୨୦, ୨୧ ଓ ୨୬ ନମ୍ବର ୱାର୍ଡର ତାପମାତ୍ରା ଅଧିକ ରହିବା ସହ ପ୍ରବଳ ଗ୍ରୀଷ୍ମ ପ୍ରବାହ ପରିଲକ୍ଷିତ ହେଉଛି। ୧୦ ନମ୍ବର ୱାର୍ଡରେ ଆସୁଥିବା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ୬୫ ନମ୍ବର ୱାର୍ଡ ଅଧୀନ କଳିଙ୍ଗ ବିହାରରେ ଶିଳ୍ପାଞ୍ଚଳ ସହ ଆବାସିକ ସ୍ଥଳୀ ରହିଥିବାରୁ ତାପମାତ୍ରା ଏଠାରେ ମଧ୍ୟ ଅଧିକ ରହୁଛି। ସହର ଅପେକ୍ଷା ଏହାର ଉପକଣ୍ଠର ତାପମାତ୍ରା ୨ରୁ ୫ ଡିଗ୍ରି କମ୍ ରହୁଥିବା ସର୍ଭେ ସମୟରେ ଦେଖିବାକୁ ମିଳିଛି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଶୀତତାପ ନିୟନ୍ତ୍ରିତ(ଏସି) କୋଠରୀକୁ ସହରବାସୀ ଆଦରି ନେଉଛନ୍ତି। ପରିଣାମ ସ୍ୱରୂପ ୨୦୨୧ ତୁଳନାରେ ୨୦୨୩ରେ ଘରୋଇ ଆବାସ ସ୍ଥଳୀରେ ଏସି ବ୍ୟବହାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୨୦୨୧ରେ ସହରରେ ୬% ପରିବାରଙ୍କ ପାଖରେ ଏସି ଥିବା ବେଳେ ୨୦୨୩ରେ ଏହି ସଂଖ୍ୟା ୧୫%ରେ ପହଞ୍ଚିଛି। ଅର୍ଥାତ୍ ପ୍ରତି ୧୦୦ ପରିବାର ମଧ୍ୟରୁ ଏବେ ୧୫ଟି ପରିବାର ଏସି ବ୍ୟବହାର କରୁଛନ୍ତି। ଅର୍ଥାତ୍ ବାର୍ଷିକ ହାରାହାରି ୭୦% ବୃଦ୍ଧି ହୋଇଛି। ବ୍ୟବସାୟିକ ପ୍ରତିଷ୍ଠାନରେ ମଧ ଏସି ବ୍ୟବହାରୀଙ୍କ ସଂଖ୍ୟା ବହୁ ମାତ୍ରାରେ ବଢ଼ିଥିବା ଦେଖିବାକୁ ମିଳିଛି।




ସର୍ଭେ ସମୟରେ ଅଧିକ ଉତ୍ତପ୍ତ ସ୍ଥଳ ସାଲିଆସାହି ଓ ଜନପଥ ଅଞ୍ଚଳରେ କିଭଳି ତାପମାତ୍ରା ହ୍ରାସ ପାଇବ ତାହାକୁ ନେଇ ରୂପରେଖ ପ୍ରସ୍ତୁତ ହୋଇଛି। ସାଲିଆସାହି ବସ୍ତି ଲୋକଙ୍କ ଘରର ଛାତ ଉପରେ ଧଳା ପେଣ୍ଟ ଲଗାଇବା, ମଧ୍ୟମ ବର୍ଗ ଲୋକ ଓ ବିଭିନ୍ନ ଅନୁଷ୍ଠାନ ଛାତ ଉପରେ ସବୁଜ ବଗିଚା ସୃଷ୍ଟି, ବାଣିଜ୍ୟିକ ପ୍ରତିଷ୍ଠାନରେ ସୋଲାର ଲଗାଇବାକୁ ପରାମର୍ଶ ଦିଆଯାଇଛି। ଜନପଥରେ ନିକଟରେ ଅର୍ବାନ ପାର୍କ ସୃଷ୍ଟି, ରୋଡ୍ ମେଡିଆନ୍‌ରେ ଗଛ ଲଗାଇବା, ଜଳାଶୟଗୁଡ଼ିକର ପୁନଃରୁଦ୍ଧାର, କୋଠା ଉଚ୍ଚତା ଧାର୍ଯ୍ୟ କରାଗଲେ ତାପମାତ୍ରା ଆହୁରି ହ୍ରାସ ପାଇବ ବୋଲି କୁହାଯାଇଛି। ଏଭଳି କରିବା ଦ୍ୱାରା ସାଲିଆସାହିରେ ଦିନର ତାପମାତ୍ରା ୨.୪ ଡିଗ୍ରି ହ୍ରାସ ପାଇବ। ପ୍ରଚଣ୍ଡ ଖରା ସମୟରେ ତାପମାତ୍ରା ୫.୧ ଡିଗ୍ରି କମିବାକୁ ଥିବା ବେଳେ ରାତି ସମୟରେ ୧.୧ ଡିଗ୍ରି କମିପାରେ ବୋଲି ଆକଳନ କରାଯାଇଛି। ସେହିପରି ଜନଥପରେ ତାପମାତ୍ରା ୦.୭ ଡିଗ୍ରି ପର୍ଯ୍ୟନ୍ତ ହ୍ରାସ ପାଇବ।

ତାପମାତ୍ରା ବୃଦ୍ଧି ଏବେର ନୁହେଁ। ଗତ ୩୦ରୁ ୩୫ ବର୍ଷ ହେଲା ସହରୀକରଣ ବଢ଼ିବା ଦ୍ୱାରା ଗ୍ରୀଷ୍ମ ପ୍ରବାହ ଅଧିକ ଅନୁଭୂତ ହେଉଛି। ଆଗରୁ ୬ ଋତୁ ଅନୁଭୂତ ହେଉଥିବା ବେଳେ ଏବେ ତାହା ୩କୁ ଆସିଗଲାଣି। ବର୍ଷକ ୧୨ ମାସ ମଧ୍ୟରୁ ମାତ୍ର ଗୋଟିଏ ମାସ ଶୀତ ଅନୁଭୂତ ହେଉଛି। ନ ହେଲେ ଅନ୍ୟାନ୍ୟ ସମୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହୁଛି। ଏହାର ମୁକାବିଲା କରିବାକୁ ଆମେ କମ୍ ସ୍ଥାନରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ଦିଗରେ ପଦକ୍ଷେପ ନେଇଛୁ। ଏବେ ଆଇଫରେଷ୍ଟ ପକ୍ଷରୁ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହାକୁ ଆଧାର କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

# ଖଣିମୁହଁରେ ସବୁଜିମାର ସମାଧି: ନୂଆ ଜଙ୍ଗଲ ସୃଷ୍ଟି କରିବାକୁ ନାହିଁ ଯୋଜନା

**କଣିହାଁ, ନ୍ୟୁଜ ବ୍ୟୁରୋ**

ଦିନକୁ ଦିନ ଅନୁଗୁଳ ଜିଲ୍ଲାର ପରିବେଶ ନଷ୍ଟ ହେବାରେ ଲାଗିଛି। ତାଳଚେର ପରେ କଣିହାଁ ଓ ଛେଣ୍ଡିପଦା ଅଞ୍ଚଳରେ ଥିବା ବଡ଼ବଡ଼ ଜଙ୍ଗଲ ବଳି ପଡ଼ିବାକୁ ଯାଉଛି। ଖଣିମୁହଁରେ ସବୁଜିମା ସମାଧି ନେଉଛି। ଏପଟେ କିନ୍ତୁ ସେହି ପରିମାଣରେ ଜଙ୍ଗଲ ସୃଷ୍ଟି କରିବା ନେଇ କିଛି ଯୋଜନା ହୋଇଥିବା ମନେ ହେଉନି। ମିଳିଥିବା ସୂଚନା ଅନୁଯାୟୀ କଣିହାଁ ବ୍ଲକ୍ ଅଞ୍ଚଳରେ ଏକର ଏକର ଜଙ୍ଗଲ ନଷ୍ଟ ହେବ ବୋଲି ଆକଳନ କରାଯାଇଛି। ଏଠାରେ ଏକାଧିକ କମ୍ପାନିକୁ କୋଇଲା ବ୍ଲକ୍ ଆବଣ୍ଟନ କରାଯାଇଛି। ଫଳରେ ପରିବେଶ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବ। କଣିହାଁ ବ୍ଲକର ଜନସାଧାରଣ ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହେବେ। ଅନ୍ୟପକ୍ଷରେ ଯେଉଁ ପରିମାଣରେ ଜଙ୍ଗଲ ନଷ୍ଟ ହେବ, ସେହି ପରିମାଣରେ ଜଙ୍ଗଲ ସୃଷ୍ଟି କରିବାକୁ କଣିହାଁ ବ୍ଲକ୍‌ରେ ସରକାରୀ ଜମିର ଅଭାବ ରହିଛି। ଫଳରେ କଣିହାଁ ଅଞ୍ଚଳରେ ଆଉ ନୂତନ ଜଙ୍ଗଲ ସୃଷ୍ଟି ସମ୍ଭବ ନୁହେଁ ବୋଲି ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ଏହିସବୁ ଖଣି ଖାଦାନ ଦ୍ୱାରା କଣିହାଁ ବ୍ଲକର ୮୦ରୁ ଅଧିକ ଗାଁ କ୍ଷତିଗ୍ରସ୍ତ ହେବ। ଲୋକମାନେ ଅନ୍ୟତ୍ର ବିସ୍ଥାପିତ ହେବେ। ବିସ୍ଥାପିତ ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଏହାକୁ କମ୍ପାନି କର୍ତ୍ତୃପକ୍ଷ ମାନୁ ନାହାନ୍ତି କି ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଆଗ୍ରହ ପ୍ରକାଶ କରୁ ନଥିବା ଅଭିଯୋଗ ହେଉଛି। ବର୍ତ୍ତମାନ କଣିହାଁ ବ୍ଲକରେ କୋଇଲା ଖନନ କାର୍ଯ୍ୟ ଆରମ୍ଭ ହୋଇଛି। କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଜରଡ଼ା ଗାଁ ଅଧୀନରେ ଥିବା ୪୮ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି ଅଧିଗ୍ରହଣ କରାଯାଇଛି। ଏହି ସଂରକ୍ଷିତ ଜଙ୍ଗଲ ଉପରେ ଗ୍ରାମବାସୀ ଓ ଗୃହପାଳିତ ପ୍ରାଣୀ ନିର୍ଭର କରନ୍ତି। ବନ ବିଭାଗ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବନ ସୁରକ୍ଷା ସମିତି ଗଠନ କରି ଜଙ୍ଗଲର ସୁରକ୍ଷା, ରକ୍ଷଣାବେକ୍ଷଣ କରନ୍ତି। ସେହିପରି ପଥରମୁଣ୍ଡା ଗ୍ରାମବାସୀଙ୍କ ଦ୍ୱାରା ସଂରକ୍ଷିତ ଏକ ଜଙ୍ଗଲକୁ ଖଣି କର୍ତ୍ତୃପକ୍ଷ ଅଧିଗ୍ରହଣ କରିଛନ୍ତି। ଏହି ଜଙ୍ଗଲ ମଧ ଖଣିମୁହଁରେ ନିଶ୍ଚିହ୍ନ ହୋଇଯିବ। ଗୋପାଳଜୀ କୋଇଲା ଖଣି ଦ୍ୱାରା କଣିହାଁ ବ୍ଲକର କଂସମୁଣ୍ଡା ଗାଁ ନିକଟରେ ଥିବା ୨୭ ହେକ୍ଟର ଗୋହିରାଦଣ୍ଡା ସଂରକ୍ଷିତ ଜଙ୍ଗଲ ବଳି ପଡ଼ିବ ବୋଲି ଜଣାପଡ଼ିଛି। କଂସମୁଣ୍ଡା ଗ୍ରାମବାସୀ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ଗଠନ କରି ଏହି ଜଙ୍ଗଲର ରକ୍ଷଣାବେକ୍ଷଣ କରିବା ସହ ନିକଟରେ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ବୃକ୍ଷରୋପଣ କରିଛନ୍ତି। ସେହିପରି କଣିହାଁ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୨୫ ହେକ୍ଟର ପିତାଳରଗୁଡ଼ି ଜଙ୍ଗଲ ମଧ ଖଣି ଦ୍ୱାରା ନଷ୍ଟ ହେବାକୁ ଯାଉଛି। ଏହାଦ୍ୱାରା ଜଙ୍ଗଲରୁ ଔଷଧୀୟ ବୃକ୍ଷ ଲୋପ ପାଇବ। ଜଙ୍ଗଲରୁ ଶାଳପତ୍ର, ଟୁଲ, ମହୁଲ ସଂଗ୍ରହ ସ୍ୱପ୍ନ ହୋଇଯିବ। ପରିବେଶର ସନ୍ତୁଳନ ବିଗିଡ଼ିଯିବ ଏବଂ ବନ୍ୟପ୍ରାଣୀମାନେ ସେମାନଙ୍କର ବାସସ୍ଥାନ ହରାଇବେ। ତେଣୁ ଜଙ୍ଗଲ ନଷ୍ଟ କରିବା ପୂର୍ବରୁ ଖଣି ନିକଟସ୍ଥ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।





## ଯାଜପୁର ଜିଲ୍ଲାପାଳଙ୍କ ଅଚାନକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

# ମେଡିକାଲର ବର୍ଜ୍ୟ ବସ୍ତୁକୁ ମେଡିକାଲ ଭିତରୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମ୍ୟୁନିସିପାଲିଟି ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଅତର୍କିତ ଭାବରେ ଆସି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ସେ ମେଡିକାଲ ସ୍ଥିତ ବହିର୍ବିଭାଗକୁ ସର୍ବ ପ୍ରଥମେ ଯାଇ ମେଡିକାଲରେ ରୋଗୀମାନେ ନିଜ ଚିକିତ୍ସା ପାଇଁ ଏଣେ ତେଣେ ବୁଲିବା ଦେଖି ବିରକ୍ତି ଭାବ ପ୍ରକାଶ କରିଥିଲେ। ମେଡିକାଲ ପରିଚାଳକଙ୍କୁ ଏହା ସବୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ରୋଗୀମାନେ କିପରି ସୁବିଧାରେ ଧାଡି ବାନ୍ଧି ଆସି ନିଜ ଡାକ୍ତରଙ୍କ ପରାମର୍ଶ ନେଇ ଯିବେ ତାହା କହିଥିଲେ। ପରେ ଶ୍ରୀ କର ସେଠାରେ ଉପସ୍ଥିତ ଥିବା କିଛି ଡାକ୍ତର ଙ୍କ ସହ ଆଲୋଚନା କରିଥିଲେ। ଅଡିଓଲୋଜି ବିଭାଗରେ କିଛି ଯନ୍ତ୍ରାଂଶର ଅଭାବ ଏବଂ ଏ.ସିର ଅଭାବ ବିଷୟରେ ସେଠାରେ ଉପସ୍ଥିତ ଡାକ୍ତର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଏହାର କିପରି ସମାଧାନ ହୋଇପାରିବ ସେଥିପାଇଁ ଜିଲ୍ଲାପାଳ ମେଡିକାଲ ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତତ୍ପରେ ଜିଲ୍ଲାପାଳ ମେଡିକାଲରେ ଉପସ୍ଥିତ ଥିବା କିଛି ରୋଗୀ ଏବଂ ସେମାନଙ୍କ ସାଙ୍ଗରେ ଆସିଥିବା ଆଟେଣ୍ଡାଣ୍ଟ ମାନଙ୍କର ଭଲ ମନ୍ଦ ଅବସ୍ଥା ପଚାରି ବୁଝିଥିଲେ ଏବଂ ମାଗଣା ଔଷଧ, ଖାଦ୍ୟ ଆଦି ମିଳୁଛି କି ନାହିଁ ପଚାରି ବୁଝିଥିଲେ । ଜିଲ୍ଲାପାଳ ମେଡିକାଲର ମୁଖ୍ୟ ପ୍ରବେଶ ଦ୍ୱାରକୁ ଯାଇଥିଲେ ଏବଂ ମୁଖ୍ୟ ପ୍ରବେଶ ଫାଟକରେ ଅତିମାତ୍ରାରେ ଗାଡି, ଅଟୋ, ଆଦି ରହୁଥିବାରୁ ମେଡିକାଲର ପ୍ରବେଶ ପଥଟି ସଂକୀର୍ଣ୍ଣ ହୋଇଯାଉଥିବାରୁ ସେଠୁ ସମସ୍ତ ପରିବହନ ଯାନକୁ ଉଠେଇବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତତ୍ପରେ ଜିଲ୍ଲାପାଳ ନିଜ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ ଏବଂ ସବୁଦିନ କିପରି ମେଡିକାଲର ବର୍ଜ୍ୟ ବସ୍ତୁ ଗୁଡିକୁ କିପରି ମେଡିକାଲ ଭିତରୁ ଅନ୍ୟତ୍ର ସ୍ଥାନାନ୍ତରର କରାଯିବ ସେଥି ପାଇଁ ଯାଜପୁର ମ୍ୟୁନିସିପାଲଟି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମେଡ଼ିକାଲରେ କାର୍ଯ୍ୟରତ ଥିବା ଆଉଟସୋର୍ସିଂ ଏଜେନ୍ସି ଏବଂ ମ୍ୟୁନିସିପାଲିଟିରେ ନିୟୋଜିତ ହୋଇଥିବା ଆଉଟସୋର୍ସିଂ ଏଜେନ୍ସିକୁ ଏଥିପାଇଁ ୫ ଦିନ ସମୟ ଦେଇଥିଲେ ଏବଂ ଯଦି ୫ ଦିନ ମଧ୍ୟରେ ସଠିକ ରୂପରେ ବର୍ଜ୍ୟବସ୍ତୁର ପରିଚାଳନା ନ ହୁଏ ତାହାଲେ ଏଜେନ୍ସିମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାରଣ ଦର୍ଶାଅ ନୋଟିସର ଉତ୍ତର ଯଦି ଯୁକ୍ତି ସଂଗତ ନହୁଏ ତାହାଲେ ଏଜେନ୍ସି ମାନଙ୍କ ଉପରେ ତତ୍‌କ୍ଷଣାତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମିକ୍ଷା ବୈଠକରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ସବକଲେକ୍ଟର, ଲ୍ୟାଣ୍ଡ ଆକୁଇଜିସନ ଅଫିସର, ଯାଜପୁର ମ୍ୟୁନିସିପାଲଟିର କର୍ମକର୍ତ୍ତା, ହସ୍ପିଟାଲ ମ୍ୟାନେଜେର ଓ ଡି.ପି.ଏମ ଉପସ୍ଥିତ ଥିଲେ।



## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟତ୍ରୀଙ୍କୁ ବ୍ଲକ ସ୍ତରରୁ ସମ୍ବର୍ଦ୍ଧନା



**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ସ୍ଥିତ କଳିଙ୍ଗ ନୋଡାଲ ବିଦ୍ୟାପୀଠର ଶିକ୍ଷୟତ୍ରୀ ସୋନାଲୀ ମହାପାତ୍ର ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗୁରୁ ଦିବସ ଅବସରରେ ଆୟୋଜିତ ଉତ୍ସବରେ ସେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି । ସେହିପରି ସେହି ବିଦ୍ୟାଳୟର ମାଧ୍ୟମିକ ଶିକ୍ଷକ ସସ୍ମିତା ମଣ୍ଡଳ, କଳିଙ୍ଗ ନୋଡାଲ ବିଦ୍ୟାପୀଠ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରାଜେଶ କୁମାର ନାୟକ ଓ ପୌରପାଳିକା ୧୭ନଂ ୱାର୍ଡ ସ୍ଥିତ ନୁଆସାହି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସୁଶାନ୍ତି ମହାନ୍ତି ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କଟକ ଜିଲ୍ଲାପାଳଙ୍କ ଠାରୁ ଗ୍ରହଣ କରିଛନ୍ତି। ଏହି ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶିକ୍ଷା ସମ୍ମାନରେ ସମ୍ମାନିତ ହୋଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣି ଥିବାରୁ କଳିଙ୍ଗ ବିଦ୍ୟାପୀଠର ଆଲୁମିନି କମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ସେମାନଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଆଲୁମୁନି କମିଟି ସଭାପତି ତଥା ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଉନସିଲର ଆଶୁତୋଷ ଦାସ, ପ୍ରଶାନ୍ତ ବରାଳ, ଭାସ୍କର ଚନ୍ଦ୍ର ପ୍ରଧାନ, ଗୋକୁଳାନନ୍ଦ ସାହୁ, ଶିବବ୍ରତ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌତମ ଆଚାର୍ଯ୍ୟ, ମମତା ସାହୁ ପ୍ରମୁଖ ଯୋଗଦେଇ ପୁରସ୍କୃତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୯ ଲକ୍ଷ ଟଙ୍କାର ଧଳା ଜହର ଜବତ : ଜଣେ ଗିରଫ



**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ପୂଜା ପାର୍ବଣ ନିକଟତର ହେଉଥିବା ବେଳେ ଜଗତସିଂହପୁର ଜିଲ୍ଲା ଧଳା ଜହର କବଜାରେ । ଦୁଇ ଦିନ ତଳେ ଜଗତସିଂହପୁର ପୋଲିସ ପୁନଙ୍ଗ କେନାଲ ବନ୍ଧରୁ ୩୫ ଗ୍ରାମର ଧଳା ଜହର ଜବତ କରିଥିଲା । ଧଳା ଜହର ବେପାରୀ ବା ମାଫିମାନେ ଜଗତସିଂହପୁର ପୋଲିସ ଓ ଜଗତସିଂହପୁର ଅବକାରୀ ବିଭାଗକୁ ଖୋଲା ଚାଲେଞ୍ଜ ଦେଉଥିବା ଦେଖାଯାଉଛି । ଜଗତସିଂହପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜଗତସିଂହପୁର ମେଡିକାଲ ପଛପଟ ପାଣିଶାଳିଆ ରାସ୍ତାରେ ଚାଟରା ନଡ଼ିଆବାଗ ଗ୍ରାମର ସୁଶାନ୍ତ ଚାନ୍ଦ (ମନୁଆ) ଠାରୁ ୯୦ ଗ୍ରାମର ଧଳା ଜହର ଜବତ କରିଥିଲେ । ଯାହାର ବଜାର ମୂଲ୍ୟ ଆନୁମାନିକ ୯ ଲକ୍ଷ ଟଙ୍କା ହେବ । ଏଥିରେ ଅବକାରୀ ଅଧିକାରୀ ପ୍ରଭାସ କୁମାର ଚୌଧୁରୀ, ସନ୍ତୋଷ ନାୟକ, ଏ ଏସ ଆଇ ପିନାକୀ ରଞ୍ଜନ ରାଉତରାୟ, ଅବକାରୀ କନେଷ୍ଟବଳ ଜୟଦେବ ପାତ୍ର, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ। ଅଭିଯୁକ୍ତ ସୁଶାନ୍ତ ଚାନ୍ଦଙ୍କୁ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।

# ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡ଼ିଶା ଛାଡୁଛନ୍ତି: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ମାନେ ଓଡିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ପୂର୍ବ ସରକାରଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିବା ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡିଶା ଛାଡୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ୨୦୨୩ ମସିହାରେ ଓଡ଼ିଶା ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିବା ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହ ଚୁକ୍ତି କରିବା ପରେ, ଏହି କମ୍ପାନୀ ଓଡିଶା ଛାଡିବା ସ୍ପଷ୍ଟ ହୋଇଛି । ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଦୁଇଟି ନୂଆ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ସୂଚନା ଦେଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ବେଳକୁ ପୂର୍ବରୁ ଚୁକ୍ତି କରିଥିବା ଗୋଟିଏ ସେମିକଣ୍ଡକ୍ଟର କମ୍ପାନୀ ଓଡିଶା ଛାଡୁଥିବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି ବିଜୁ ଜନତା ଦଳ କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା କହିଥିଲେ, ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡିଶା ସରକାରଙ୍କ ସହିତ ମାର୍ଚ୍ଚ ୨୯, ୨୦୨୫ ମସିହାରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣା ଅନୁଯାୟୀ, କମ୍ପାନୀ ୩୦,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ କରିବା ପାଇଁ ପ୍ରସ୍ତାବ ଦେଇଥିଲା । ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅଞ୍ଚଳରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୭୦୦ ଏକର ଜମି ଚିହ୍ନଟ ହୋଇଥିଲା । କିନ୍ତୁ ଏବେ ସେହି କମ୍ପାନୀ ଆନ୍ଧ୍ର ପ୍ରଦେଶରେ କମ୍ପାନୀ ପ୍ରତିଷ୍ଠା କରିବା ପାଇଁ ଆନ୍ଧ୍ର ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ଶ୍ରୀ ବେହେରା କହିଥିଲେ, ଏହା ପୂର୍ବରୁ ଓଡ଼ିଶା ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ଜେଏସଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ଇସ୍ପାତ ପ୍ରକଳ୍ପ ଯଥାକ୍ରମେ ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହିତ ବୁଝାମଣା ସ୍ୱାକ୍ଷର କରିଛନ୍ତି । ତେଣୁ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନେକ କମ୍ପାନୀ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡ଼ିଶା ଛାଡୁଛନ୍ତି । ଓଡିଶାକୁ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ଦାବି କେବଳ ବାହାସ୍ଫୋଟରେ ପରିଣତ ହୋଇଛି । ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି, ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖୋର୍ଦ୍ଧା ଠାରେ ସାଇନ୍ସ ସିଟି ପ୍ରତିଷ୍ଠା ହେବ ବୋଲି କରିଥିବା ଘୋଷଣା ବାସ୍ତବରେ ନବୀନ ସରକାରଙ୍କ ସମୟରେ ରୂପ ଦିଆଯାଇଥିଲା। ଖୋର୍ଦ୍ଧା ନିକଟବର୍ତ୍ତୀ ବରୁଣେଇ ଅଞ୍ଚଳରେ ୫୦ ଏକର ଜମିରେ ସାଇନ୍ସ ସିଟି ନିର୍ମାଣ କରିବା ପାଇଁ ନବୀନ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେବା ସହିତ ଆବଶ୍ୟକୀୟ ଜମି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ସାଇନ୍ସ ପାର୍କ କମ୍ ପ୍ଲାନେଟୋରିଅମ ପ୍ରତିଷ୍ଠା ହେବା ପାଇଁ ନିଷ୍ପତ୍ତି ହୋଇଥିଲା । ୫ ଏକର ଜମିରେ ଓ ସାଢ଼େ ଛଅ କୋଟି ଟଙ୍କା ବ୍ୟୟରେ ଏହା ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବାରିପଦା କେନ୍ଦୁଝରର ଘଟଗାଁ ଓ ରାୟଗଡା ଠାରେ ଏହି ସାଇନ୍ସ ପାର୍କ କମ୍ ପ୍ଲାନେଟୋରିଅମ ପ୍ରତିଷ୍ଠା ହୋଇସାରିଛି। ତେଣୁ ଏଗୁଡିକ ନବୀନ ସରକାରଙ୍କ ସମୟରେ ହୋଇଥିବା ବେଳେ ବିଜେପି ସରକାର ସେହି କାର୍ଯ୍ୟକୁ ନିଜର ବୋଲି କହି ବାହାଦୁରୀ ନେବାକୁ ଚେଷ୍ଟା କରୁଛି ।



# ଜବରଦଖଲ କାରୀଙ୍କ କବଳରେ ରାଇଘର ବଜାର

## ବଜାର ପିଣ୍ଡି ଓ ପୋଖରୀ ହିଡ଼କୁ ମଧ୍ୟ ଛାଡ଼ିଲେ ନାହିଁ

**ରାଇଘର, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ମୁଖ୍ୟ ବଜାର ତଥା ରାସ୍ତା କଡ଼ ସରକାରୀ ଜାଗା ଏବେ ଜବରଦଖଲକାରୀଙ୍କ କବଜାରେ ପ୍ରତିଦିନ ଏହି ଜବରଦଖଲ କାମ ଜାରି ରହିଥିବା ବେଳେ ପ୍ରଶାସନ କିମ୍ବା ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାଇ ରାଇଘର ବ୍ଲକରେ ଦୀର୍ଘ ୭୦ବର୍ଷ ହେବ ଭୁ-ବନ୍ଦୋବସ୍ତ ହୋଇ ନଥିବାରୁ ଏଠାରେ ଅଧିକାଂଶ ଜାଗା ସରକାରଙ୍କ ଅଧୀନରେ ରହିଛି। ତେବେ କିଛି ଜବରଦଖଲକାରୀ ଏବଂ ଦୋକାନୀ କିଛି ବର୍ଷ ହେବ ସରକାରୀ ଜାଗା ହାତେଇବାରେ ଲାଗିଛନ୍ତି । ମୁଖ୍ୟତଃ ସ୍ଥାନୀୟ ମୁଖ୍ୟ ବଜାରରେ ଏହାର ପ୍ରଭାବ ଅଧିକ ରହିଛି । ପଞ୍ଚାୟତ ତରଫରୁ ମିଳିଥିବା ଦୋକାନ ଗୃହ ଗୁଡ଼ିକକୁ କିଛି ବ୍ୟବସାୟୀ ପାଖକୁ ଲାଗିଥିବା ଖାଲି ଜାଗା ଆକ୍ରମଣ କରି ବର୍ଷକୁ ବର୍ଷ ପକ୍କାଘର ତିଆରି କରୁଥିବା ଦେଖିବାକୁ ମିଳିଛି । ଫଳରେ ଦିନକୁ ଦିନ ସାପ୍ତାହିକ ହାଟର ଖାଲି ସ୍ଥାନ ସଂକୁଚିତ ହେବାରେ ଲାଗିଛି । ଅନ୍ୟପଟେ କିଛି ହୋଟେଲ ବ୍ୟବସାୟୀ ପରିବା ବଜାରର ସରକାରୀ ପିଣ୍ଡିକୁ ମଧ୍ୟ ଆକ୍ରମଣ କରି ପକ୍କାଘର ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି । ଏ ନେଇ ସ୍ଥାନୀୟ ସରପଞ୍ଚ କିମ୍ବା ସ୍ଥାନୀୟ ରାଜସ୍ୱ ଅଧିକାରୀ ଏବଂ ସୁପରଭାଇଜରଙ୍କୁ ଜଣାଇଲେବି କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି । ଏଥିସହିତ ପଞ୍ଚାୟତ ଅଧିକାରୀ, ସରପଞ୍ଚ ଏବଂ ରାଜସ୍ୱ ବିଭାଗର ଅଧିକରୀଙ୍କୁ ହାତ ବାରିସୀ କରି ପଞ୍ଚାୟତ ଅଧୀନରେ ଥିବା ଆଡମୁଣ୍ଡା ଏବଂ ରଜାମୁଣ୍ଡା ପୋଖରୀ ହିଡ଼କୁ ମଧ ଜବରଦଖଲ କରିଥିବା ଅଭିଯୋଗ ହୋଇଛି । ପ୍ରକାଶ ଥାଉକି ରାଇଘର ମୁଖ୍ୟ ବଜାର ରାସ୍ତା ଚଉଡା କରାଯାଇ ନୂତନ ଭାବେ ନିର୍ମାଣ ନିମନ୍ତେ ଟେଣ୍ଡର ପଡ଼ି ସାରିଛି । ଦଶହରା ପରେ ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ହୋଇଥିବା ଚିହ୍ନଟ ପର୍ଯ୍ୟନ୍ତ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି । କିଛି ଦୋକାନ ଗୃହ ଓ ହୋଟେଲ ଭାଙ୍ଗିବା ଫଳରେ ଜାଗା କମିଯିବ ବୋଲି ଜାଣିପାରି ପଛପଟେ ଥିବା ଖାଲି ସ୍ଥାନକୁ ଆକ୍ରମଣ କରି ଘର ନିର୍ମାଣ କରିବା ଆରମ୍ଭ କରିଦେଇଛନ୍ତି । ଏଣୁ ଏହି ଦୁଇ ମାସ ହେବ ଜବରଦଖଲ କାର୍ଯ୍ୟ ଜୋର ଧରିଛି। ଅନ୍ୟପଟେ ରାଜସ୍ୱ ବିଭାଗର କିଛି ଅଧିକାରୀ ଏହାର ସମ୍ପୂର୍ଣ୍ଣ ଫାଇଦା ଉଠାଇ ମାଲାମାଲ ହେଉଥିବା କିଛି ଦୋକାନୀ ନିଜ ନାମ ଗୋପନ ରଖି ଅଭିଯୋଗ କରୁଥିବା ବେଳେ ସ୍ଥାନୀୟ ସରପଞ୍ଚ କେଉଁ ସ୍ୱାର୍ଥ ନେଇ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ଯଦି ଏଭଳି ଜବରଦଖଲ ପ୍ରକ୍ରିୟା ଚାଲୁ ରହେ ତା'ହେଲେ ଆଗାମୀ ଦିନରେ ମୁଖ୍ୟ ବଜାରରେ ସାପ୍ତାହିକ ହାଟ ବସିବା ମୁସ୍‌କିଲ ହେବା ସହିତ କିଛି ଉନ୍ନୟନ ମୂଳକ କାମ ପାଇଁ ସରକାରୀ ଜାଗା ଖଣ୍ଡେ ମଧ ରହିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।



## ଚଢ଼ା ଦରରେ ସାର ବିକ୍ରୀ କଲେ କାର୍ଯ୍ୟାନୁଷ୍ଠାନ

# ସାର କଳାବଜାରି ରୋକିବା ନେଇ ବିଭାଗ ପକ୍ଷରୁ ଚଢ଼ଉ



**ଛତ୍ରପୁର, ନ୍ୟୁଜ ବ୍ୟୁରୋ**

ଜିଲ୍ଲା କୃଷି ବିଭାଗ ତରଫରୁ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାର କଳାବଜାରୀ ରୋକିବାକୁ ପଦକ୍ଷେପ ନିଆଯାଉଛି। ସାର ଅଭାବ ଓ କଳାବଜାରୀ ରୋକିବାକୁ ୫ ତାରିଖରେ ଆସିଥିବା ୧୮୦୦ ମେଟ୍ରିକ୍ ଟନ୍ ୟୁରିଆ ସାରକୁ ସମ୍ପୂର୍ଣ୍ଣ ରୂପେ ୨୨ ଗୋଟି ବ୍ଲକର ୧୨୬ ଗୋଟି ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ଚାଷୀ ମାନଙ୍କୁ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଛି । କିନ୍ତୁ ବହୁତ୍ ଶୀଘ୍ର ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ଆସି ପହଞ୍ଚିବା ନେଇ ବ୍ୟବସ୍ଥା କରାଯାଇଛି ବୋଲି କୃଷି ବିଭାଗ ତରଫରୁ ସୂଚନା ମିଳିଛି । ଉକ୍ତ ସାରକୁ ମଧ ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ବିକ୍ରି କରିବା ନିମନ୍ତେ ପ୍ରଶାସନ ତରଫରୁ ପ୍ରୟାସ ଜାରି ରହିଛି । ତେଣୁ ଆଗାମୀ ଦିନରେ ଜିଲ୍ଲାରେ ସାର ର କୌଣସି ଅଭାବ ରହିବ ନାହିଁ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ତେଣୁ ଭୟଭୀତ ନ ହୋଇ କୌଣସି ଚାଷୀ ଭାଇ ମାନେ ଚଢ଼ା ଦରରେ ସାର ନକିଣିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି । ପୂର୍ବରୁ ଚଢ଼ା ଦରରେ ସାର ବିକ୍ରୀ କୁ ନେଇ ଜିଲ୍ଲାରେ ସମସ୍ତ ଡିଲର ଙ୍କୁ ସରକାର ତାଗିଡ କରିଥିବା ଜଣାପଡିଛି । ଜିଲ୍ଲାରେ ସାରର ଅଭାବୀ ବିକ୍ରି ର ଅଭିଯୋଗ ହେବା ପରେ ଛତ୍ରପୁର ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ, ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, ସହକାରୀ କୃଷି ଅଧିକାରୀ ତଥା ଫର୍ଟିଲାଇଜର ଇନ୍ସପେକଟର ନିହାର ରଞ୍ଜନ ଦାଶ, କୃଷି ଅଧୀଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ଗ୍ରାମ୍ୟ କୃଷି କର୍ମଚାରୀ ବୈରାଗୀ ସ୍ୱାଇଁ ପ୍ରମୁଖ ବିଭିନ୍ନ ସାର ଦୋକାନ, ଗୋଦାମ ଗୃହ ଓ ସମବାୟ ସମିତି ଯାଇ ସମସ୍ତ ନଥିପତ୍ର, ଷ୍ଟକ ରେଜିଷ୍ଟର, ବିକ୍ରୟ ରେଜିଷ୍ଟର ତଦାରଖ କରିଥିଲେ, କୌଣସି ପରିସ୍ଥିତି ରେ ଚାଷୀଙ୍କୁ ଚଢା ଦରରେ ସାର ବିକ୍ରୟ ନ କରିବାକୁ ତାଗିଦ କରିଥିଲେ । ଯଦି କୌଣସି ସରକାରୀ ସ୍ୱୀକୃତି ପ୍ରାପ୍ତ ବିକ୍ରେତା ଚଢା ଦରରେ ସାର ବିକ୍ରୟ କରିବା ଦୃଷ୍ଟିକୁ ଆସିଲେ ତୁରନ୍ତ ଲାଇସେନ୍ସ ରଦ୍ଦ କରାଯିବା କଥା କହିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୮।୯।୨୦୨୫, ଭାଦ୍ରବ ଦି୨୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୨।୪୧ ଚନ୍ଦ୍ରୋଦୟ- ସଂଘ ୬।୨୩।୧୨**

**ପ୍ରତିପଦ-** ରାଘ ୯।୧୨ ପର୍ଯ୍ୟନ୍ତ। **ପୂର୍ବଭାଦ୍ର ନକ୍ଷତ୍ର-** ରାଘ ୮।୦୨ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଦିଘ ୨।୨୯ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୨।୨୯ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ଦିଘ ୨।୨୯ ଗତେ ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ରାଘ ୯।୧୨ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଘ ୭।୦୮ ମଧ୍ୟେ । ଦିଘ ୧୦।୩୭ ଗତେ ଘ ୧୨।୫୮ ମଧ୍ୟେ । **ପର୍ବୋତ୍ସବ-** ଅପରପକ୍ଷ ପିତୃତର୍ପଣ ଆରମ୍ଭ, ଜହ୍ନି ଓଷା ଆରମ୍ଭ, ସ୍ୱାମୀ ଶିବାନନ୍ଦ ଜୟନ୍ତୀ, ବିଶ୍ୱ ସାକ୍ଷରତା ଦିବସ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୯।୯।୨୦୨୫, ଭାଦ୍ରବ ଦି୨୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୨।୫୩ ଚନ୍ଦ୍ରୋଦୟ- ରାଘ ୭।୦୧।୦୬**

**ଦ୍ୱିତୀୟା-** ସଂଘ ୬।୩୦ ପର୍ଯ୍ୟନ୍ତ। **ଉତ୍ତରଭାଦ୍ରନକ୍ଷତ୍ର-** ସଂଘ ୬/୦୭ ପର୍ଯ୍ୟନ୍ତ। **ମୀନଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା ଓ ମକର ରାଶିର। **ଘାତଚନ୍ଦ୍ର -** ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ସଂଘ ୬/୩୦ ପରେ ପୋଟଳ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮।୪୦ ଗତେ ଘ ୧୦।୩୦ ମଧ୍ୟେ । ଦିଘ ୧୨।୫୭ ଗତେ ଘ ୧।୨୦ ମଧ୍ୟେ ।

ସମ୍ପାଦକୀୟ

# ବୁଢ଼ା ହେବାରେ ଲାଗିଛି ୟଙ୍ଗ ଇଣ୍ଡିଆ

ଏକଦା ୟଙ୍ଗ ଇଣ୍ଡିଆ ବା ୟଙ୍ଗିସ୍ତାନ ଭାବେ ପରିଚିତ ହେଉଥିବା ଭାରତ ଏବେ ବୁଢ଼ା ହେବାରେ ଲାଗିଛି । ଦେଶର ଜନସଂଖ୍ୟାର ହାରାହାରି ୧୦%ଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିଛି । ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ)ଙ୍କ ନମୁନା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଏବଂ ଦେଶରେ ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିଥିବା ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁସାରେ ସମ୍ପ୍ରତି ପ୍ରତି ଦଶ ଜଣ ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଜଣେ ଏବେ ୬୦ ବର୍ଷରୁ ଅଧିକ ବୟସର ଓ ୬.୪% ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ । ୨୦୧୧ ଜନଗଣନା ସମୟରେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୮.୬% ରହିଥିବା ବେଳେ ଏବେ ତାହା ୯.୭% ଅତିକ୍ରମ କରିଛି । ଲୋକଙ୍କର ଜୀବନକାଳ ବୃଦ୍ଧି ଓ ପ୍ରଜନନ କ୍ଷମତା ହ୍ରାସ ଭାରତକୁ ଏକ ବୃଦ୍ଧ ଦେଶରେ ପରିଣତ କରିବ ବୋଲି ଏଥିରେ ଆଶଙ୍କା କରାଯାଇଛି ।

ଜନସଂଖ୍ୟା ନିର୍ଦ୍ଦେଶକଙ୍କ ଏହି ରିପୋର୍ଟ ସମାଜ ତତ୍ତ୍ୱବିତ୍‌ମାନଙ୍କୁ ଚିନ୍ତିତ କରିଛି । ଦେଶ ନିକଟ ଭବିଷ୍ୟତରେ ବୟସ୍କ ଜନସଂଖ୍ୟାର ଚାପର ସମ୍ମୁଖୀନ ହେବ ଓ ବାର୍ଦ୍ଧକ୍ୟ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ପେନସନ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ଆବଶ୍ୟକତା ଅଧିକ ଅନୁଭବ ହେବ । ସମ୍ପ୍ରତି କେରଳରେ ବୟସ୍କ ନାଗରିକଙ୍କ ହାର ସାରା ଦେଶରେ ସର୍ବାଧିକ ୧୫.୧ ପ୍ରତିଶତ ରହିଛି । ଏହା ପଛକୁ ତାମିଲନାଡୁରେ ଏହା ୧୪ %, ହିମାଚଳରେ ୧୩.୨ % ଥିବା ସୂଚନା ମିଳିଛି । ଏହାବ୍ୟତୀତ ପଞ୍ଜାବ ଓ ମହାରାଷ୍ଟ୍ରରେ ମଧ୍ୟ ବୟସ୍କ ନାଗରିକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି । ଅନ୍ୟପକ୍ଷରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟଗୁଡ଼ିକରେ ବୟସ୍କ ନାଗରିକଙ୍କ ସଂଖ୍ୟା ତୁଳନାତ୍ମକ ଭାବରେ ଅନ୍ୟ ରାଜ୍ୟଠାରୁ କମ୍ ଅର୍ଥାତ୍ ୭%ରୁ ୮% ମଧ୍ୟରେ ସୀମିତ ରହିଛି ।

ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି ଏକ ସ୍ଥିର ସ୍ଥିତି ସୃଷ୍ଟି କରିଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଭାରତରେ ପ୍ରଜନନ ହାର ହ୍ରାସ ଅସ୍ଥିରତା ସୃଷ୍ଟି କରିଛି । ଅନ୍ୟପକ୍ଷରେ ସମ୍ପ୍ରତି ଭାରତୀୟ ପୁରୁଷମାନଙ୍କର ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାମାନଙ୍କ ହାରାହାରି ଆୟୁ ୭୨.୫ ବର୍ଷରେ ପହଞ୍ଚିଛି । କେରଳ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ବର୍ଷ ଓ ୭୪ ବର୍ଷରେ ପହଞ୍ଚିଛି । ଏକପକ୍ଷରେ ହାରାହାରି ଆୟୁ ବୃଦ୍ଧି ଓ ବୟସ୍କଙ୍କ ଜୀବନକାଳ ବଢୁଥିବାବେଳେ କମ୍ ଶିଶୁ ଜନ୍ମ ଦେଶକୁ ବୟସ୍କ କରିଦେଉଛି ।

ସେହିପରି ବୟସ୍କମାନଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତିକୁ ଅଧିକ ପ୍ରଭାବ ପକାଇବା ଆଶଙ୍କା କରୁଛନ୍ତି ସମାଜତତ୍ତ୍ୱବିତ୍ । ବୃଦ୍ଧ ଲୋକଙ୍କ ପାଇଁ ଅଧିକ ଚିକିତ୍ସାର ଆବଶ୍ୟକତା ସହ ମଧୁମେହ, ହୃଦରୋଗ, ଆର୍ଥ୍ରାଇଟିସ୍ ପରି ଦୀର୍ଘକାଳୀନ ରୋଗର ମୁକାବିଲା, ପେନସନ ଓ ସାମାଜିକ ସୁରକ୍ଷା ଦେଶର ଆର୍ଥିକ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିପାରେ ବୋଲି ଆଶଙ୍କା କରାଯାଉଛି । ଅନ୍ୟପକ୍ଷରେ ଯୁବବର୍ଗ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିକୁ ଇନ୍ଧନ ଯୋଗାଉଥିବାବେଳେ ଅଧିକ ବୃଦ୍ଧ ଥିବା ରାଜ୍ୟଗୁଡ଼ିକରେ ଶ୍ରମ ଶକ୍ତି ସଙ୍କୁଚିତ ହୋଇପାରେ ବୋଲି ମଧ୍ୟ କିଛି ଆଶଙ୍କା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଯଦି ବର୍ତ୍ତମାନର ଧାରା ଜାରି ରହେ, ତେବେ ଭାରତ ଖୁବ୍ ଶୀଘ୍ର ଚୀନ, ଜାପାନ ଏବଂ ୟୁରୋପ ପରି ସମାନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ଅନେକ ଆଶଙ୍କା କରୁଛନ୍ତି ।

# ଉପାଧିରେ ଆଜ କରିବେ ଜଡ଼ିତ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଉପାଧି; ଏହା ନାମ ସହ ପ୍ରଯୋଜ୍ୟ ବିଶେଷଣ । ନାମ ଚିହ୍ନ, ଉପନାମ, ସାଙ୍ଗିଆ ଅର୍ଥରେ ଏହାକୁ ବ୍ୟବହାର କରାଯାଇଥାଏ । ପଦପଦବୀ, ସମ୍ମାନିତ ପଦ ଏହି ପର୍ଯ୍ୟାୟଭୁକ୍ତ । ସେହିପରି ଏମ୍.ଏ., ପିଏଚ୍.ଡ଼ି., ଶାସ୍ତ୍ରୀ ବିଦ୍ୟାଭୂଷଣ ଇତ୍ୟାଦି ଶିକ୍ଷା ସମ୍ପର୍କିତ ବ୍ୟକ୍ତିଗତ ଉପାଧି । ଗୋଟେ କଥାରେ କହିଲେ ଉପାଧି ବସ୍ତୁଧର୍ମ ଅର୍ଥାତ୍ ଜାତି, ଗୁଣ, କ୍ରିୟା ଓ ବକ୍ତାର ସ୍ୱେଚ୍ଛାରେ ସଂଯୁକ୍ତ ନାମରୂପ । ଉପାଧି ମଧ୍ୟ ଉପଲକ୍ଷଣ ରୂପ ବିଶେଷଣ । ଏ ସମସ୍ତ ଅର୍ଥ ଅଭିଧାନ ଭିତ୍ତିକ । ସାଧାରଣତଃ ଉପାଧିକୁ ଏକ ସମ୍ମାନ, ପୁରସ୍କାର ଭାବେ ଗ୍ରହଣ କରାଯାଏ । ଗୋଟେ କଥାରେ କହିଲେ ବ୍ୟକ୍ତିବିଶେଷଙ୍କ ମହାନ-ଗୁଣାବଳୀ ବହୁଜନଙ୍କର ଗ୍ରହଣ ଯୋଗ୍ୟ ହେଲେ, ତାଙ୍କୁ ଏକ ଉପାଧିରେ ବିଭୂଷିତ କରାଯାଏ, ସେ ପାଲଟନ୍ତି ଗୋଟେ ଅନୁଷ୍ଠାନ । ଏ ପରିପ୍ରେକ୍ଷୀରେ କେତେକ ବରପୁତ୍ରଙ୍କ ଉପାଧିକୁ ଉଦାହରଣ ଛଳରେ ଉପସ୍ଥାପନ କରାଯାଇପାରେ । ଦୁଃଖୀ ଦରିଦ୍ରଙ୍କ ବନ୍ଧୁ, ନିଃସ୍ୱାର୍ଥପର ଦେଶପ୍ରେମୀ ଗୋପବନ୍ଧୁ ଦାସଙ୍କ ଉପାଧିଟି 'ଉତ୍କଳମଣି', ଅନୁରୂପ ଭାବେ ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ, ଜାତିର ପିତା ମହାତ୍ମାଗାନ୍ଧୀ, ନେତାଜୀ ସୁଭାଷ ବୋଷ; କଳା ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ନେଇ ଆଦିକବି ସାରଳା ଦାସ, ଅତିବଡ଼ି ଜଗନ୍ନାଥ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର, କାନ୍ତକବି ଲକ୍ଷ୍ମୀକାନ୍ତ, ବ୍ୟାସକବି ଫକୀର ମୋହନ, କବିବର ରାଧାନାଥ, ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ହରିଚନ୍ଦନ - ଏମିତି ଆହୁରି ଅନେକ ପ୍ରାତଃ ସ୍ମରଣୀୟ ବ୍ୟକ୍ତିବିଶେଷଙ୍କ ଉପାଧିକୁ ଉଚ୍ଚାରଣ କଲେ ସ୍ୱତଃ ଏମାନେ ସ୍ମୃତିକୁ ଆସିଯାଆନ୍ତି । ନାମ ପୂର୍ବରୁ ବ୍ୟବହୃତ ବିଶେଷଣମାନ ସେମାନଙ୍କ ଯଶକୀର୍ତ୍ତି-ଖ୍ୟାତିକୁ ସଦା ଜାଜ୍ଜ୍ୱଲ୍ୟମାନ କରେ । ରାଜାଙ୍କ ମୁଣ୍ଡରେ ମୁକୁଟ, ସୁକେଶୀ ଗଭାରେ ବଉଳ ଫୁଲର ଗଜରା, ପୀନ ଉରଜାଙ୍କ ଗଳାରେ ରତ୍ନମାଳା, ମେଘ କୋଳରେ ବିଜୁଳି, କାମଦେବଙ୍କ ହାତରେ ପୁଷ୍ପଧନୁ, ନୀଳ ନଭରେ ଧବଳ ଅଭ୍ରଖଣ୍ଡ, ବାଗ୍‌ଦେବୀଙ୍କ ହସ୍ତରେ ବୀଣା, ଶ୍ରୀକୃଷ୍ଣଙ୍କ ଅଙ୍ଗରେ ପୀତ ବସନ । ଅନୁରୂପ ଭାବେ ସମ୍ମାନସ୍ପଦ ବ୍ୟକ୍ତି ବିଶେଷଙ୍କ ଉପାଧି ଜନ-ମନ-ଜିଣିନିଏ । କିନ୍ତୁ ଉପାଧି ପ୍ରଦାନର ଏକ ମହାନ ପରମ୍ପରା, ଏହା ଦିଗହଜା ହେଲେ କେଉଁ ଠିକ୍ ମଣିଷଟି ଏହାକୁ ବା ଗ୍ରହଣ କରିପାରିବ !

କାଳେ କାଳେ ମର୍ଯ୍ୟାଦା ସମ୍ପନ୍ନମାନଙ୍କୁ ଉପାଧି ମିଳିଛି; ଏହା ବ୍ୟତିରେକ ଅନେକ ମହାନ-ବ୍ୟକ୍ତିତ୍ୱ ଅଛନ୍ତି; ତାଙ୍କର କିଛି ପଦପଦବୀ ନାହିଁ । ତଥାପି ସେମାନଙ୍କ ଗରିମା ତ କାହିଁ କ୍ଷୁଣ୍ଣ ହୋଇନାହିଁ ! କିନ୍ତୁ ଉପାଧି ପ୍ରଦାନ ପରମ୍ପରା କ୍ରମେ ଏକ ସଂକ୍ରାମକ ବ୍ୟାଧିରେ ପରିଣତ ହେବାକୁ ଆରମ୍ଭ କଲା । ବିଶେଷ କରି ଇଂରାଜୀ ପାଠୁଆମାନେ । ବିଲାତ ସରକାରଙ୍କ ଠାରୁ ଉପାଧିଟିଏ ପାଇବେ । ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଦେଲେ । ଏହା ପୂର୍ବରୁ ରାଜା ରାଜୁଡ଼ାମାନେ ମଧ୍ୟ ପ୍ରତିଭା ଚୟନ କରୁଥିଲେ, ଜ୍ଞାନୀଗୁଣିମାନଙ୍କୁ ନିଜ ଦରବାରରେ ସ୍ଥାନ ଦେଲେ । ପୂଜ୍ୟ ପୂଜାର ନ ଥିଲା ବ୍ୟତିକ୍ରମ । ରାଜ୍ୟର ସବୁଠୁଁ ଶ୍ରେଷ୍ଠ କବିଙ୍କୁ ରାଜକବି, ବିଜ୍ଞବିଦୁଷକଙ୍କୁ ରାଜା ବିଦୁଷକ - ଏଇ ଉପାଧିରେ ଭୂଷିତ କରୁଥିଲେ । ସେମାନଙ୍କୁ ଗୋଟେ ଗୋଟେ ପଡ଼ା ଗ୍ରାମ, କିଛିକିଛି ନିଷ୍କର ଭୂମି ସହିତ ରାଜକୋଷରୁ ମଧ୍ୟ ଭଲ ପାରିତୋଷିକର ବ୍ୟବସ୍ଥା କରୁଥିଲେ । ସେମାନେ ମଧ୍ୟ ରାଜାଙ୍କ ମନ ନେଉଥିଲେ ଆପଣାର ଚତୁର୍ଯ୍ୟପୂର୍ଣ୍ଣ କବିତା ଅବା ଲଘୁହାସ୍ୟ ରସରେ । ରାଜା ରାଜୁଡ଼ା, ସମ୍ରାଟଙ୍କ ଦରବାରକୁ ମଣ୍ଡନ କରି ବହୁ ଖ୍ୟାତି ଅର୍ଜନ କରିଥିବା ସଂଗୀତଜ୍ଞ ତାନସେନ୍, ହାସ୍ୟରସିକ ବୀରବଲ୍ଲ, ଉତ୍କଳଘଣ୍ଟ ଯଦୁମଣିଙ୍କ ପରି ଆହୁରି ଅନେକ ନାମ ଇତିହାସରେ ଲିପିବଦ୍ଧ । ସେମାନଙ୍କୁ ମଧ୍ୟ ରାଜ-ରୋଷର ଶିକାର ହେବାକୁ ପଡ଼ିଛି; ମାତ୍ର ତାହା କ୍ଷଣିକ । ପରେ ରାଜା ଆପଣାର ତ୍ରୁଟି ବୁଝିଛନ୍ତି ପୁନଶ୍ଚ ସେଇ ପ୍ରତିଭାକୁ ନେଇ ଆପଣା ରାଜ-ସଭା-ଶୋଭା ବଢ଼ାଇଛନ୍ତି । ଏହା ପଛରେ ଖୋସାମତି ଅବା ଉତ୍କୋଚ ପ୍ରଦାନର ନାଁ ଗନ୍ଧ ନଥିଲା । କିନ୍ତୁ ପରିବର୍ତ୍ତିତ ପରିସ୍ଥିତି, ଉପାଧି ପ୍ରାପ୍ତିର ମାର୍ଗଟା ଅତ୍ୟନ୍ତ କଳୁଷିତ । ବ୍ୟଥା ଦେଲା ବହୁ ଜ୍ଞାନୀ ପଣ୍ଡିତଙ୍କୁ । ବିଶେଷକରି ଇଂରେଜ ଶାସନକାଳରୁ ପଦପଦବୀ ପ୍ରଦାନ ଧାରା ଅପବିତ୍ର ହେଲା ।

ଏକଦା ଉପାଧିଟିଏ ଥିଲା ଅମୂଲ ମୂଲ । କ୍ରମେ ଏହାକୁ ନେଇ କିଣା ବିକା ଚାଲିଲା । ଇଂରେଜ ଶାସକଙ୍କ ପଦ ପ୍ରାନ୍ତାଶ୍ରୟୀ ଆପଣାର ମଣିଷ ପଣିଆକୁ ବଳିଦେଲେ । ସମ୍ମାନଟିଏ ପାଇବା ପାଇଁ କେବଳ ଦାସତ୍ୱ ନୁହେଁ; ଲାଞ୍ଚ, ମିଛ, ଖଚ ସହ ଅର୍ଥ କାରବାର କଲେ । ଆପଣା ଶାସନ ଆଡ଼କୁ ଆକର୍ଷଣ । ଏଥି ପାଇଁ ଚତୁର ଇଂରେଜମାନେ ଜମିଦାର, ଗୁମାସ୍ତାମାନଙ୍କୁ ଗୋଟେ ଗୋଟେ ଉପାଧି ଦେଇଦେଲେ । ଜମିଦାରମାନେ ମଧ୍ୟ ଲାଞ୍ଚ ନେଇ ତାଙ୍କ ଜମିଦାରୀରେ ଉପାଧି ବାଣ୍ଟିଲେ । ଯୋଗ୍ୟତା ଅବା ବିଜ୍ଞତାକୁ ଏଥିପାଇଁ ବିଚାରକୁ ନିଆଗଲା ନାହିଁ । ପ୍ରାକ୍ ସ୍ୱାଧୀନତାକାଳୀନ ଏତାଦୃଶ ସ୍ଖଳନକୁ କବିବର ରାଧାନାଥ ରାୟ ଚମତ୍କାର ଭାବେ ଦର୍ଶାଇ ଦେଇଛନ୍ତି ଆପଣାର ଖଣ୍ଡକାବ୍ୟ 'ଦରବାର'ରେ ।

ଓଡ଼ିଶାରେ ଇଂରେଜ ଶାସନ । ଐତିହାସିକ ଦୁର୍ଗ ବାରବାଟୀରେ ଚାଲିଛି ଭବ୍ୟ ଦରବାର । ରାଜାମହାରାଜାମାନେ ଆମନ୍ତ୍ରିତ । ସେଇମାନଙ୍କ ମଧ୍ୟରେ ବସିଛନ୍ତି ଓଡ଼ିଶାର ଭାସ୍କର ସଦୃଶ ପଠାଣି ସାମନ୍ତ, ଯାହାଙ୍କର 'ସିଦ୍ଧାନ୍ତ ଦର୍ପଣ' ସାରା ବିଶ୍ୱ ପାଇଁ ଏକ ଅମର କୀର୍ତ୍ତି । ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଉତ୍ସବ ହୋଇଥିବାରୁ କବି କ୍ଷୋଭ ପ୍ରକାଶ କରିଛନ୍ତି । ସମକାଳୀନ ମୂର୍ଖ, ସ୍ୱାର୍ଥପର, ତୋଷାମଦକାରୀଙ୍କ କୁଲକ୍ଷଣକୁ ବିଦ୍ରୂପ କରିଛନ୍ତି । ଏଥିରୁ ସେବେକାର ଉପାଧି ପ୍ରଦାନ ପ୍ରଣାଳୀର ଏକ ସାମଗ୍ରିକ ଚିତ୍ର ମିଳିଥାଏ । ଏକ ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ ନେଇ ସେ ଲେଖିଛନ୍ତି,
"ଉପାଧି ଜଡ଼ିତେ ଉପାଧି ଜଡ଼ିତ /
ଉପାଧିରେ ଆଜ କରିବେ ଜଡ଼ିତ /
ପଦଟିଏ ଦେବେ କର୍ଣ୍ଣ ରସାୟନ /
ପଦ ଅନୁରୂପ ବସନ ଭୂଷଣ ।"
ତାହା ସହ ଦେବେ ତଲବାରଟିଏ; ତହିଁରେ ଜଙ୍ଗ ଲାଗିବ, ପୋଷାକ ଚୂଟିଆ ମୂଷାର ଆହାର, ପଗଡ଼ି କରକାପ୍ରାୟ ବିଲୁପ୍ତ ହେବ । ଗଳାବେଷ୍ଟନକାରୀ ମୋତିମାଳା ତ ଅସ୍ଥିର ବିକାର ମାତ୍ର । ଏହି ଛାର - ଏହି ଅକିଞ୍ଚିତକର ସମ୍ମାନ ସକାଶେ ଏତେ ବ୍ୟସ୍ତ ନର !

କବିବରଙ୍କ ପରି ମହାନ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ ନିତ୍ୟାନନ୍ଦ ମହାପାତ୍ର । ପ୍ରାକ୍ ସ୍ୱାଧୀନତା କାଳୀନ ଉପାଧି ମୋହର ଏକ ନିଛକ ଚିତ୍ର, ପ୍ରଦାନ କଲେ ଆପଣାର କାଳଜୟୀ କୃତି ହିଡ଼ମାଟିରେ । ପରାଧୀନ ଦେଶର ଜନଜୀବନକୁ ସେ ଖୁବ୍ ନିକଟରୁ ଦେଖିଥିଲେ । ସମାଜରେ ଚାଲିଥିବା ଉପାଧି ପ୍ରାପ୍ତି ଲାଳସାକୁ ସେ ଚମତ୍କାର ଭାବେ ଚିତ୍ରଣ କରିଛନ୍ତି । ନୂଆକରି ସୃଷ୍ଟି ହୋଇଥିବା ଜମିଦାର ମିଶ୍ରେ; ତାଙ୍କ ଗୁମାସ୍ତା ଟାଉଟର ଭାଗୁ ମହାନ୍ତି । ବଡ଼ ପଦବୀଟିଏ ନହେଲା ନାହିଁ ଚୌଧୁରୀ, ମହାପାତ୍ର ଅବା ସାମନ୍ତ ଉପାଧିଟିଏ ହେଲେ ଚଳେ । କିନ୍ତୁ ଉପାଧି ଗଛରେ ଫଳେନା, ଉପାଧି ଗୋଟାଏ କେଉଁଠୁ ଆସିବା ଉଚିତ୍, କେହି ଜଣେ ଦେବା ଦରକାର । ଉପାଧି ସରକାର ଦିଅନ୍ତି, ସେ କାଠିକର ପାଠ, ବଡ଼ ହାକିମକୁ କିଛି କିଛି ଚାନ୍ଦା ବୋରା ବୋରି ଦେବାକୁ ହୁଏ । ପାଞ୍ଚ ଦଶ ବର୍ଷକେ ଗୋଟାଏ ରାୟସାହେବ ଉପାଧି ମିଳେ । ଆଗକାଳେ ଉପାଧି ମିଳୁଥିଲା ରାଜା ରାଜୁଡ଼ାଙ୍କ ଠାରୁ, ଆଜିକାଲି ଧରିବାକୁ ଗଲେ ରାଜା ଆମର ସେଇ ଜମିଦାର ଛଡ଼ା ଆଉ କିଏ? ତେବେ ଏ ଜମିଦାର ଗୁଡ଼ାଙ୍କର କି ମାନ ମହତ ଅଛି - ଏମାନଙ୍କର ଆସନ କେଉଁଠି ? ତଥାପି ତାଙ୍କରି ଠାରୁ ଉପାଧିଟିଏ ଆଣିବାକୁ ପଡ଼ିବ - ଏମିତି ବୁଝାଇଥିଲା ଗୁମାସ୍ତା, ଜମିଦାର ମିଶ୍ରଙ୍କୁ । ଏଥିରୁ ଇଂରେଜ ଶାସନ କାଳୀନ ଉପାଧି ପ୍ରଦାନର କୁତ୍ସିତ ପରମ୍ପରାର ସ୍ପଷ୍ଟ ସୂଚନା ମିଳେ । ସେହିପରି ସ୍ୱାଧୀନ ଭାରତରେ ସମ୍ମାନ ପ୍ରଦାନ ପ୍ରଥା ଅପବିତ୍ର ହୋଇଛି ଅନେକାଂଶରେ । ଏହା ସାରସ୍ୱତ ଜଗତ ପାଇଁ ଘୋର ସଙ୍କଟ ।

ଯଶ ସମ୍ମାନ ଭାଗ୍ୟରେ ଥିଲେ ମିଳେ । ପ୍ରତିଭା କେବେ ଲୁଚିରହିନି, ଫୁଲଟି କେବେ ହାତ ଠାରି ଭଅଁର, ପ୍ରଜାପତି ଅବା ମଧୁ ମକ୍ଷିକାକୁ ନିମନ୍ତ୍ରଣ କରେନି । ଏହାର ସୁଗନ୍ଧ ସେମାନଙ୍କୁ ଆକର୍ଷଣ କରେ । ଠିକ୍ ସେମିତି ପ୍ରତିଭାର ସୁରଭି ବିକଶିତ ହେଲେ ସ୍ରଷ୍ଟା, ସୃଷ୍ଟି ଉଭୟ ଅମର ହୋଇଯାନ୍ତି; ପୁରସ୍କାର, ଉପଢ଼ୌକନ, ମାନପତ୍ର ନିମିତ୍ତ ମାତ୍ର । ସାରସ୍ୱତ ସାଧକଟିଏ ପୁରସ୍କାର ପାଇଁ ଲେଖିଲେ ବାଟବଣା ହୁଏ । ଏଣୁ କଥାରେ ଅଛି ମନ୍ଦକଟି ଯଶପାର୍ଥୀ । ପ୍ରତିଭା ମରିମରି ଗଲେ ବକଟି ଦାବି କରେ ଫୁଲ, ଚନ୍ଦନ, ପୂଜା । ଏବେ ତ ଅଧିକାଂଶ ଲେଖକ ପୁରସ୍କାର ପାଗଳ; କିନ୍ତୁ ଛ' ମାଣ ଆଠଗୁଣ୍ଠର ମହାନ ସ୍ରଷ୍ଟା ଫକୀର ମୋହନ, ଜୀବନ ସଙ୍ଗୀତର ଲେଖକ ଲକ୍ଷ୍ମୀକାନ୍ତ, ନୀଳଶୈଳର ବିଦ୍ଧାଣି ସୁରେନ୍ଦ୍ର ମହାନ୍ତି, ଅମାବାସ୍ୟାର ଚନ୍ଦ୍ରର ବାରିଷ୍ଟର ଗୋବିନ୍ଦ ଦାସ; ଅନୁରୂପ ଭାବେ ଗୋପୀନାଥ, କାହ୍ନୁ ଚରଣଙ୍କ, ନିତ୍ୟାନନ୍ଦ ପ୍ରମୁଖ ଦିବଂଗତ ସାହିତ୍ୟିକ ଅବା ତାଙ୍କ ପରି ଆଉ କେତେଜଣଙ୍କ ନିକଟରେ ଯେ କୌଣସି ସମ୍ମାନ ଗୌଣ ନୁହେଁ କି ?

ଅଧୁନା ମୋହ ସର୍ବସ୍ୱ ଜୀବନ, ସାହିତ୍ୟରେ ପୁରସ୍କାର-ପ୍ରାପ୍ତି ନିଶା ଘାରିଛି । ତାହା ନଖ ଠାରୁ ଶିଖ ଯାଏ । ସେ ପାଇଗଲା; ମୁଁ ପାଇଲିନି - ଏମିତି ହାସ୍ୟାସ୍ପଦ ବାତାବରଣ ସାହିତ୍ୟ ଜଗତକୁ କରେ କାଳିମାଗ୍ରସ୍ତ । ଏଥିରୁ ସାହିତ୍ୟିକମାନେ ଆପଣାକୁ ଯଥା ସମ୍ଭବ ଦୂରରେ ରଖିବା ବିଧେୟ । ସେଦିନ ରାଜା ଦିବ୍ୟସିଂହ ଦେବ କେତେ ପ୍ରକାର ଉତ୍କୋଚ ଯାଚିଥିଲେ । ନିର୍ଭୀକ ରୀତିକବି ଦୀନକୃଷ୍ଣ ଦାସ । ରାଜାଙ୍କ ଉଦ୍ଦେଶ୍ୟ ଥିଲା ତାଙ୍କ ନାମରେ 'ରସକଲ୍ଲୋଳ'କୁ ଭଣିତା କରିବା ପାଇଁ । ପ୍ରକାଶ୍ୟରେ ରାଜା କହିଥିଲେ, 'ମୋ ନାମେ ଭଣିଲେ ଅବଶ୍ୟ / ଅନେକ ଦେବି ଗ୍ରାମଦେଶ / ମୋ ରାଜ୍ୟେ ଦେବି ଅଧିକାର / ଦେଖ ମୁଁ ଜଗତ ଈଶ୍ୱର ।" କୃଷ୍ଣଭକ୍ତ ଦୀନକୃଷ୍ଣ ଏହାକୁ ପ୍ରତ୍ୟାଖ୍ୟାନ କଲେ । ସହିଲେ ନାନାଦି ଯନ୍ତ୍ରଣା, ଜଗନ୍ନାଥ ଧାମରୁ ବିତାଡ଼ିତ ହେଲେ; ମାତ୍ର ମୂର୍ଖ ରାଜାଙ୍କର ସେ ପାଲଟି ନଥିଲେ ସ୍ତାବକ । କ୍ଷୋଭରେ ଲେଖିଥିଲେ, "କୃଷ୍ଣେ ଆଶ୍ରାକରି ସୁବିଦ୍ୟା ଆଚରି / ପାଷାଣ୍ଡକୁ ଯାହା ସ୍ତୁତି / କୃଷ୍ଣ ଦାସ କହେ କିଛି ଭଲ ନୋହେ / କେବଳ ଛାତିକୁ କାତି" - ଏଥିରୁ କ'ଣ ଆମ କବି ଲେଖକ କିଛି ଶିକ୍ଷା କରିନାହାନ୍ତି ? ତେବେ ଏ ଉପାଧି ପାଗଳାମୀ କ'ଣ ପାଇଁ ? କବିବର ରାଧାନାଥ ରାୟ, ଯଥାର୍ଥରେ ଉଲ୍ଲେଖ କରିଛନ୍ତି 'ଦରବାର' ଖଣ୍ଡକାବ୍ୟରେ,
"ଉପାଧି ଲାଳସା - ରୂପୀ - ମହାବ୍ୟାଧି
ହୋଇଛି ସାତ୍ତ୍ୱିକ ଧରମର ବାଦୀ
ଘୋଟିବାରୁ ଘୋର ରଜୋରୂପୀ ବ୍ୟାଧି
ଉପାଧିରେ ବୁଡ଼ି ଲୋଡ଼ନ୍ତି ଉପାଧି ।"-
ଉପାଧି ଲାଳସା ସର୍ବଦା ବର୍ଜନୀୟ । ସର୍ବାନ୍ତକରଣରେ ବାଣୀ ସାଧକଟିଏ ହେବା ବାଞ୍ଛନୀୟ । ସାରଳା, ଜଗନ୍ନାଥ, ବଳରାମ, ଉପେନ୍ଦ୍ର, ଅଭିମନ୍ୟୁ, ଦୀନକୃଷ୍ଣଙ୍କ ପରି ନିରଳସ ସାହିତ୍ୟ ରସିକ ହୁଅନ୍ତୁ ଆମ ଲେଖକମାନେ । ଉପାଧି, ପଦପଦବୀ, ପୁରସ୍କାର ନୁହେଁ; ସ୍ରଷ୍ଟାଟିଏ ଅମର ହେବ ତା' ସୃଷ୍ଟିକୁ ନେଇ । ସେଇଥି ପାଇଁ ତ କଳା କାଳରେ ସୃଷ୍ଟି ହୋଇ ହୁଏ କାଳଜୟୀ !

# ସୋମନାଥ ବ୍ରତର ମାହାତ୍ମ୍ୟ



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୫; ଭୁବନେଶ୍ୱର
ଫୋନ୍ : ୮୨୪୯୬୫୦୪୧୪

ଭଗବାନ ଶିବଙ୍କର ମାହାତ୍ମ୍ୟ ପ୍ରତିପାଦନ ଉଦ୍ଦେଶ୍ୟରେ ଓଡ଼ିଶାରେ କେତେକ ବ୍ରତ ଉପାସନା ଇତ୍ୟାଦି ପାଳିତ ହୋଇଥାଏ । ସେହି ବ୍ରତଗୁଡିକ ମଧ୍ୟରୁ ସୋମନାଥ ବ୍ରତ ଅନ୍ୟତମ । ସାମାଜିକ ପ୍ରାଣୀ ମଣିଷ ହୃଦୟରେ ଆଧାତ୍ମିକ ଭାବର ଉଦ୍ରେକ କରିବାପାଇଁ ପ୍ରାଚୀନକାଳର ଲେଖକ ଓ କବିଗଣ ସର୍ବଜନବୋଧ ଭାଷାରେ ସୁନ୍ଦର ତଥା ଉପଦେଶାତ୍ମକ କାହାଣୀ ପରିବେଷଣ କରିଯାଇଛନ୍ତି ଏହି ଓଷା ବ୍ରତ କଥାଗୁଡିକ ମାଧ୍ୟମରେ ।

ସୋମ ଅର୍ଥାତ୍ ଚନ୍ଦ୍ର, ସୋମନାଥ ଅର୍ଥାତ ଚନ୍ଦ୍ରଙ୍କର ଯିଏ ନାଥ ସିଏ ସୋମନାଥ । ସଂକ୍ଷେପରେ ବୁଝିବାକୁ ହେଲେ ସୋମନାଥ କହିଲେ ଭଗବାନ ଶିବଶଙ୍କରଙ୍କୁ ବୁଝାଏ । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ସୋମନାଥ ହେଉଛନ୍ତି ପ୍ରଥମ ଜ୍ୟୋତିର୍ଲିଙ୍ଗ ଯାହା ବର୍ତ୍ତମାନ ଗୁଜରାଟର ବେରାବଲ ନିକଟସ୍ଥ ପ୍ରଭାସପାଟଣା ଠାରେ ଅବସ୍ଥିତ । ସ୍ୱୟଂ ସୋମ ଅର୍ଥାତ୍ ଚନ୍ଦ୍ର ନିଜ ଆରାଧ୍ୟ ବା ନାଥ ଅର୍ଥାତ୍ ସୋମନାଥ କିମ୍ବା ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଏହି ମନ୍ଦିର ନିର୍ମାଣ କରିଥିଲେ । ୧୫୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ପୂର୍ବେ ଅତ୍ୟନ୍ତ ବିତ୍ତଶାଳୀଥିବାରୁ ୧୦୨୬ ଖ୍ରୀଷ୍ଟାବ୍ଦରେ ମହମ୍ମଦ ସୁଲତାନ୍ ଗଜନୀ ୧୭ ଥର ଏହି ମନ୍ଦିରକୁ ଆକ୍ରମଣ କରି ଲୁଣ୍ଠନ କରିଥିଲେ ।

ଏହି ମହାନ ବ୍ରତ ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଆରମ୍ଭ କରାଯାଇ ଆଶ୍ୱିନ ମାସ ଦଶମୀତିଥି ବା ଦଶହରାଦିନ ବ୍ରତର ଉଦ୍‌ଯାପନ କରାଯାଇଥାଏ । ଶାକ୍ତ ଏବଂ ଶୈବ ପରମ୍ପରାର ଏକ ଅନନ୍ୟ ଓଷାବ୍ରତ ହେଲା ସୋମନାଥ ବ୍ରତ । ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ଅନୁଧ୍ୟାନକଲେ ଜଣାଯାଏଯେ, ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶରେ ରୁଦ୍ର ସୁଧାନିଧି, ନାଥ ସାହିତ୍ୟ ଓ ମାଦଳାପାଞ୍ଜି ଭଳି ସୋମନାଥ ବ୍ରତର ମଧ୍ୟ ଏକ ଅନନ୍ୟ ପରମ୍ପରା ରହିଛି ଯାହାକି ଭଗବାନ ଶିବଙ୍କର ଅଲୌକିକତା ବର୍ଣ୍ଣନା ଦିଗରେ ବିଶେଷ ସହାୟକ ହୋଇଥାଏ ଏବଂ ଏହି ଶୈବଧର୍ମ ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିଥାଏ ।

ଶୈବ ସାହିତ୍ୟର ବିକାଶଧାରାରେ ସୋମନାଥ ବ୍ରତକଥା ହେଉଛି ଏକ ଅନନ୍ୟ ଉଦାହରଣ । ଶିବ ଉପାସନାର ମହତ୍ତ୍ୱ ପ୍ରତିପାଦନ ହେଉଛି ଏହାର ସୃଷ୍ଟିଜନିତ ମୌଳିକ ଆବେଦନ । ବୈଦିକ, ଧର୍ମୀୟ କର୍ମକାଣ୍ଡରୁ ବଞ୍ଚିତ ହୋଇ ବ୍ରାହ୍ମଣବାଦର ଉପେକ୍ଷା ଏବଂ ଆଧିପତ୍ୟର କବଳରୁ ଦୂରେଇ ରହିଥିବା ସାଧାରଣ ଓଡ଼ିଆର ଆଧାତ୍ମିକ ତୃଷ୍ଣା ନିବାରଣ କରିବାକୁ ଜନ୍ମ ନେଇଥିଲା ଅନେକ ପ୍ରକାରର ଲୌକିକ ଧର୍ମ ଏବଂ ଓଷାବ୍ରତର ପରଂପରା । ଏସବୁ ଦିଗରେ ଶୈବଧର୍ମ ପ୍ରଦାନ କରିଥିଲା ଏକ ବଳିଷ୍ଠ ଭିତ୍ତିଭୂମି ଯାହାର ପ୍ରଭାବରେ ଉତ୍କଳର ପ୍ରତି ଗ୍ରାମରେ ଗଣ ଉଦ୍ୟମ ଓ ପୃଷ୍ଠପୋଷକତାରେ ଗଢି ଉଠିଥିଲା ଅସଂଖ୍ୟ ଶୈବପୀଠ । ନାଥଧର୍ମ ପରେ ଓଡ଼ିଆ ସାହିତ୍ୟକୁ ଅନୁଧ୍ୟାନ କଲେ ଜଣାଯାଏଯେ, ଓଡ଼ିଆ ସାହିତ୍ୟର ବିକାଶ ପର୍ଯ୍ୟାୟରେ ଯେତେବେଳ ନାଥଧର୍ମର ପରଂପରା ଚାଲିଥିଲା ଏବଂ ପରେପରେ ରୁଦ୍ରସୁଧାନିଧି ରଚିତ ହୋଇଥିଲା ଯାହା ଶୈବଧର୍ମ ପରଂପରା ଆନୁଗତ୍ୟ ଏବଂ କଳସା ଚଉତିଶା ମଧ୍ୟ ଏହି ପରିପ୍ରେକ୍ଷୀରେ ରଚିତ ହୋଇଥିଲା । ଏହି ପରମ୍ପରାରେ ସୋମନାଥ ବ୍ରତକଥା ମଧ୍ୟ ସେହି ଗଣଧର୍ମରେ ପରିଣତ ହୋଇଥିବା ଶୈବଧର୍ମର ଆଧାତ୍ମିକ ଆବେଦନକୁ ଗଣଚେତନା ଜରିଆରେ ସର୍ବସମ୍ମୁଖରେ ଉପସ୍ଥାପିତକରେ । ବ୍ରତ ପାଳନର ପରଂପରାଟିଏ ସମ୍ଭବତଃ ଗଜପତି ଶାସନର ଅନ୍ତିମ କାଳରେ ଓଡ଼ିଶାର ଜନଜୀବନରେ ଗଢିଉଠିଛି । ଶୈବଧର୍ମର ମହିମା ପ୍ରତିପାଦନ ପୂର୍ବକ ଜୀବନର ଅଭିଷ୍ଟ ପ୍ରାପ୍ତି ଦିଗରେ ବ୍ରତକୁ ଏକ ଧାର୍ମିକ ତପସ୍ୟାର ରୂପ ପ୍ରଦାନ କରାଯାଇଛି । ଆପଣାର ଉପାସକଙ୍କୁ ପ୍ରଖ୍ୟାପିତ ଉପାସ୍ୟଙ୍କ ନିକଟରେ ବାନ୍ଧିରଖିବା କଥା ବ୍ରତରେ ଲକ୍ଷ୍ୟକରାଯାଏ । ଉପାସ୍ୟଙ୍କ ମହିମା ପ୍ରଚାରକୁ ବ୍ରତର ଗୋଟିଏ ଭାଗରେ ପ୍ରତିପାଦନ କରାଯାଏ । ଆରାଧ୍ୟଙ୍କ ମହିମା ବର୍ଣ୍ଣନା କରିବାକୁଯାଇ ଏଥିରେ କେତେକ ଅଲୌକିକ କାହାଣୀର ଅବତାରଣା କରାଯାଏ । ଅପର ଦିଗରେ ବ୍ରତପ୍ରତି ଅବହେଳା ବା ଅବଜ୍ଞା କଲେ ତାହାର ପରିଣତି କେମିତି ଭୋଗିବାକୁ ହୁଏ ସେ ସଂପର୍କିତ ଚେତାବନୀର ମଧ୍ୟ ଅବତାରଣା କରାଯାଇଥାଏ । ସୋମନାଥ ବ୍ରତ କଥା ମଧ୍ୟ ସେହି ଐତିହାସିକ ପୃଷ୍ଠଭୂମିର ଏକ ପ୍ରାମାଣିକ ଗ୍ରନ୍ଥ ଅଟେ । ଗଣ ଜୀବନ ଭିତରେ ଶୈବ ଜୀବନକୁ ସୁରକ୍ଷିତ ଭାବରେ ରଖିବାର ଆକୁଳ ପ୍ରୟାସରୁ ହିଁ ଏହାର ଜନ୍ମ । ସମ୍ଭବତଃ ଗଜପତି ପୁରୁଷୋତ୍ତମ ଦେବଙ୍କ ଶାସନକାଳ ଖ୍ରୀ:ପୂ : ୧୪୬୭ ରୁ ୧୪୯୭ ମଧ୍ୟରେ ଅର୍ଥାତ୍ ଖ୍ରୀ:ପୂ: ପଞ୍ଚଦଶ ଶତାବ୍ଦୀର ଶେଷଭାଗ ସୁଦ୍ଧା ସୋମନାଥ ବ୍ରତକଥା ରଚିତ ହୋଇଥିବାର ଜଣାଯାଏ । ଓଡ଼ିଶାର ବହୁଜନାଦୃତ ବ୍ରତଗୁଡିକ ମଧ୍ୟରେ ସୋମନାଥ ବ୍ରତ ଅନ୍ୟତମ । ଶିବ ହେଉଛନ୍ତି ଏହି ବ୍ରତର ଉପାସ୍ୟ ଦେବତା । ଏହାକୁ ନାରୀମାନେ ଶୁଦ୍ଧପୂତ ଭାବରେ ପାଳନ କରିଥା'ନ୍ତି । ବିଶିଷ୍ଟ ଗବେଷକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ୧୯୩୨ ଖ୍ରୀଷ୍ଟାବ୍ଦରେ ନିଜ ସଂପାଦିତ ଗ୍ରନ୍ଥ 'ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ'ରେ ସୋମନାଥ ବ୍ରତର କିଛିଅଂଶ ଆଲୋଚନା କରିଥିଲେ ଏବଂ ସର୍ବ ପ୍ରଥମେ ଏହାକୁ ଲୋକଲୋଚନକୁ ଆଣିଥିଲେ । ପରବର୍ତ୍ତି ସମୟରେ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି ୧୯୬୮ ମସିହାରେ ଏହାକୁ ସଂପୂର୍ଣ୍ଣ ସଂକଳନ କରିଥିଲେ । ଏହି ଉଭୟ ସଂକଳନରେ ଭାଷା ଓ ଶୈଳୀଗତ ପ୍ରଭେଦ ରହିଛି ।

ବ୍ରତର ବର୍ଣ୍ଣନାରୁ ଜଣାଯାଏ ଯେ, ଏକଦା କୈଳାସ ପର୍ବତରେ ଭଗବାନ ଶିବ ଦେବୀ ପାର୍ବତୀଙ୍କୁ ସାଙ୍ଗରେନେଇ ଆନନ୍ଦରେ ପରିଭ୍ରମଣ କରୁଥାଆନ୍ତି । ସେଠାରେ ତେତିଶ କୋଟି ଦେବଦେବୀ ମଧ୍ୟ ଉପସ୍ଥିତ ଥା'ନ୍ତି । ଏହି ସମୟରେ ମାତା ପାର୍ବତୀ ଶିବଶଙ୍କରଙ୍କୁ ପ୍ରଶ୍ନକଲେ ଯେ, ହେ ପ୍ରଭୁ ଏମିତି କେଉଁ ବ୍ରତ ଅଛି ଯେଉଁଥିରେ ଆପଣ ଅଧିକ ସନ୍ତୋଷ ହୋଇଥାଆନ୍ତି ମୋତେ ତାହା କୁହନ୍ତୁ । ମୁଁ ସେହି ବ୍ରତ ପାଳନ କରିବି । ଏହାଶୁଣି ଭୋଳାନାଥ ହସିହସି କହିଲେ ହେ ଦେବୀ , 'ସୋମନାଥ ବ୍ରତ' ନାମକ ମୋର ଏକ ପ୍ରମୁଖ ବ୍ରତ ଅଛି । ମୁଁ ଏହି ବ୍ରତଦ୍ୱାରା ଅଧିକ ପ୍ରସନ୍ନ ହୋଇଥାଏ । ତୁମେ ଏହି ବ୍ରତ କର । ପାର୍ବତୀ ପୁଣି ପଚାରିଲେ ଏହି ବ୍ରତ କଲେ କି ଫଳ ମିଳେ ଓ ଏହାର ମହିମା ଏବଂ ପୁଣ୍ୟ ବିଷୟରେ ଦୟାକରି କୁହନ୍ତୁ । ଏହାଦ୍ୱାରା ଶିବଶଙ୍କର ଦେବୀ ପାର୍ବତୀଙ୍କୁ ସୋମନାଥ ବ୍ରତ ବିଷୟରେ ଏହିପରି କହିଲେ ;

ପୂର୍ବ କାଳରେ ମାଳବ ଦେଶରେ ଜଣେ ରାଜା ଥିଲେ ଯାହାଙ୍କର ନାମ ବୀରବିକ୍ରମ ପାଟଳି ଥିଲା । ସେହି ରାଜା ମହା ପ୍ରତାପୀ ଥିଲେ । ତାଙ୍କ ରାଜ୍ୟକୁ ଆମ୍ଭର ଷାଠିଏ ଜଣ କପୋତି ଭ୍ରମଣରେ ଗଲେ । ସେହି କପୋତିମାନେ ସେ ନଗରୀର ପ୍ରାଚୁର୍ଯ୍ୟ ଦେଖି ଅତ୍ୟନ୍ତ ସନ୍ତୋଷ ହେଲେ । କପୋତିମାନେ ରାଜାଙ୍କ ସିଂହଦ୍ୱାରରେ ଯାଇ ଉପସ୍ଥିତ ହେଲେ ଓ ଦ୍ୱାରପାଳଙ୍କୁ କହିଲେ ଆମ୍ଭେମାନେ ରାଜାଙ୍କୁ ସାକ୍ଷାତକରି ତାଙ୍କୁ ସୋମନାଥଙ୍କ ପ୍ରସାଦ ଦେବାକୁ ଆସିଛୁ । ତୁମେ ଆମ୍ଭମାନଙ୍କୁ ଭିତରକୁ ପ୍ରବେଶ କରିବାପାଇଁ ଅନୁମତି ଦିଅ । ଦ୍ୱାରପାଳ ଏକଥା ରାଜାଙ୍କୁ ଜଣାଇବାରୁ ଏହାଶୁଣି ରାଜା ଅତ୍ୟନ୍ତ ଖୁସୀହେଲେ ଓ ସେମାନଙ୍କୁ ସସମ୍ମାନେ ନଅର ମଧ୍ୟକୁ ପାଛୋଟି ଆଣିବାପାଇଁ ଦ୍ୱାରପାଳଙ୍କୁ ଆଦେଶକଲେ । ଦ୍ୱାରପାଳ କପୋତିମାନଙ୍କୁ ଭିତରକୁ ନେଇଯିବାରୁ ରାଜା ସେମାନଙ୍କୁ ଅର୍ଘ୍ୟ ଦେଇ ପୂଜାକଲେ । ରାଜାଙ୍କର ଏଭଳି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଖି କପୋତିମାନେ ବହୁତ ଖୁସିହୋଇ ଆଣିଥିବା ପ୍ରସାଦ ତାଙ୍କୁ ଦେଲେ । ରାଜା ମଧ୍ୟ ଆନନ୍ଦ ଚିତ୍ତରେ କହିଲେ ହେ ଆଦରଣୀୟ କପୋତିମାନେ ଆପଣମାନଙ୍କର ଏଠାରେ ଉପସ୍ଥିତି ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ । ହେଲେ ଆପଣମାନେ ଏଠାକୁ ଆସିବାର ଅଭିପ୍ରାୟ ଦୟାକରି ମୋତେ କୁହନ୍ତୁ । କପୋତିମାନେ କହିଲେ ଆମ୍ଭେ ପଶ୍ଚିମ ସୋମନାଥଙ୍କର କପୋତିଗଣ । ଆପଣଙ୍କର ପ୍ରଜାବତ୍ସଳତା , ଯଶ , କୀର୍ତ୍ତି କଥାଶୁଣି ଏଠାକୁ ଆସିଛୁ । ନିଜର ଏଭଳି ଗୁଣଗାନ ଶୁଣି ରାଜା ଆହୁରି ଖୁସି ହୋଇଗଲେ ଓ କହିଲେ ହେ ମୋର ଶ୍ରଦ୍ଧେୟ କପୋତିଗଣ ମୋର ବଡ ସୌଭାଗ୍ୟଯେ , ଆପଣମାନେ ମୋ ନଅରରେ ପଦାର୍ପଣ କରିଛନ୍ତି । ଆପଣମାନେ ଆମ୍ଭର ଆତିଥ୍ୟତା ଗ୍ରହଣ ପୂର୍ବକ ଏଠାରେ ଆଜି ରହି ଭୋଜନ କରିବେ । ଏହାପରେ ରାଜା ନିଜ ସୂପକାରମାନଙ୍କୁ ଡକାଇ ଆଦେଶ କଲେ ଯେ, ପଶ୍ଚିମ ସୋମନାଥଙ୍କର ଷାଠିଏ ଜଣ କପୋତି ଆସିଛନ୍ତି । ସେମାନେ ଆଜି ଏଠାରେ ଭୋଜନ କରିବେ । ସେମାନଙ୍କ ଲାଗି ନାନାଦି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉ । ରାଜାଙ୍କ ଆଦେଶ ପାଇ ସୂପକାରମାନେ ଷଡରସ ପାକ ରାନ୍ଧିଲେ ଓ ରାଜାଙ୍କୁ ସୂଚନା ଦେଲେଯେ, ବ୍ୟଞ୍ଜନ ପ୍ରସ୍ତୁତ । ଫଳରେ ରାଜା କପୋତିମାନଙ୍କୁ କହିଲେ ଆପଣମାନେ ସଅଳ ସଅଳ ସ୍ନାନ କର୍ମ ସମ୍ପନ୍ନ କରିଆସନ୍ତୁ । ବେଳ ଉଛୁର ହେଲାଣି । ଭୋଜନ ମଧ୍ୟ ପ୍ରସ୍ତୁତ ହୋଇସାରିଛି । କପୋତିଗଣ ସ୍ନାନ ସାରି ଭୋଜନ କକ୍ଷରେ ଯାଇ ପ୍ରବେଶିଲେ । ରାଜା କପୋତିଗଣଙ୍କୁ ଆସନରେ ବସାଇଲେ ଓ ନିଜେ ମଧ୍ୟ ସେମାନଙ୍କ ସହିତ ଏକାଠି ବସିଲେ । ସୁବର୍ଣ୍ଣ ଥାଳିରେ ଅନ୍ନ, ନାନାଦି ବ୍ୟଞ୍ଜନ, ଘୃତ,ଖିରୀ, ପିଠା,ଲଡୁ ଓ ଛେନା ପ୍ରଭୃତି କ୍ରମେ ପରଷାଗଲା । ଭୋଜନପରେ କପୋତିମାନେ କହିଲେ ହେ ରାଜା, ଆପଣଙ୍କ ଆତିଥେୟତାରେ ଆମ୍ଭେମାନେ ଅତ୍ୟନ୍ତ ସନ୍ତୋଷ ହୋଇଛୁ । ଆମକୁ କି ବର ମାଗୁଛ ମାଗ । ରାଜା କହିଲେ ମୁଁ ଅବା କି ବର ମାଗିବି । ଆପଣମାନେ ଯଦି ମୋ ଉପରେ ସନ୍ତୁଷ୍ଟ ହୋଇଛନ୍ତି ତେବେ ଆପଣମାନେ ଯାହା ଉଚିତ ଭାବୁଛନ୍ତି ମୋତେ ସେହି ବର ଦିଅନ୍ତୁ । କପୋତିଗଣ କହିଲେ ଆମ୍ଭର ସୋମନାଥ ବ୍ରତ ପାଳନ କର । ଏହାଦ୍ୱାରା ତୁମେ ସୁଖ, ଶାନ୍ତି, ଧନ, ଜନ, ଗୋପ ,ଲକ୍ଷ୍ମୀ ପ୍ରାପ୍ତ ହେବ । ରାଜା ହରଷ ଚିତ୍ତରେ କହିଲେ ତେବେ ସେହି ବ୍ରତର ବିଧାନ ବିଷୟରେ ମଧ୍ୟ କୁହନ୍ତୁ । ଏହାପରେ କପୋତିଗଣ ବ୍ରତର କଥା ଶୁଣାଇଲେ ।

ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଏହି ବ୍ରତ ଆରମ୍ଭ କରାଯାଇ ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଏହି ବ୍ରତ ଉଦଯାପନର ବିଧି ରହିଛି । ପ୍ରାତଃ କାଳରୁ ସ୍ନାନ ଶୌଚାଦି କର୍ମ ସାରି ଦଶମେଞ୍ଚା ହଳଦି କରିବ ,ଦଶମେଞ୍ଚା ଗନ୍ଧ କରିବ, ଦଶଖଣ୍ଡ ଦାନ୍ତକାଠି ଥୋଇବ,ଦଶଥର ଦାନ୍ତ ଘଷିବ, ଗନ୍ଧ ହଳଦି ଲଗାଇ ଦଶଥର ସ୍ନାନ କରିବ, ଶୁକ୍ଳବସ୍ତ୍ର ପରିଧାନ କରିବ, ଦଶ ବର୍ଣ୍ଣର ପୁଷ୍ପ ଫଳ ମଧ୍ୟ ଆଣିବ । ଦଶଗୋଟି ଶୁକ୍ଳ ଉଆ (ଅରୁଆ ଚାଉଳ) ଚାଉଳ ରଖିବ,ଦଶଖିଅ ସୂତା, ବ୍ରତରେ ଦଶଟି ଗଣ୍ଠି ପକାଇବ, ସ୍ଫଟିକ ଲିଙ୍ଗ କିମ୍ବା ମୃତ୍ତିକାରେ ଲିଙ୍ଗ ତିଆରି କରିବ । ସେଥିରେ ରୁଦ୍ର ମଣ୍ଡଳକାଟି ଲିଙ୍ଗକୁ ସ୍ଥାପନ କରିବ । ଦଶଗୋଟି କଖାରୁ ଫୁଲରେ ସୋମନାଥଙ୍କୁ ପୂଜିବ । ଦଶ ବର୍ଣ୍ଣର ପୂରଦେଇ ଦଶଗୋଟି ପିଠା ପ୍ରସ୍ତୁତକରି ଭୋଗରୂପେ ସମର୍ପଣ କରିବ । ବ୍ରାହ୍ମଣଙ୍କଠାରୁ ବ୍ରତକଥା ଶୁଣିସାରି ଦୁବାକ୍ଷର ଚଢାଇବ ଓ ଚନ୍ଦ୍ରଙ୍କୁ ଅର୍ଘ୍ୟ ଦେବ । ଏହି ବିଧି ଅନୁସାରେ ପୂଜାକଲେ ମନୋବାଞ୍ଛିତ ଫଳ ପାଇବ । ପୂଜାବିଧି ଶୁଣିବାପରେ ରାଜା କହିଲେ ଶ୍ରଦ୍ଧେୟ କପୋତିଗଣ ଏହି ବ୍ରତକଥା ମୋ ମନକୁ ପାଇଲାନାହିଁ । ଆମ୍ଭେ ରାଜାହୋଇ ଯଦି ଏଭଳି ବ୍ରତ କରିବୁ ତେବେ ସମସ୍ତେ ଉପହାସ କରିବେ । ରାଜାଙ୍କ ଠାରୁ ଏଭଳି ନୈରାଶ୍ୟଜନକ କଥାଶୁଣି କପୋତିମାନେ ଅତ୍ୟନ୍ତ କୋପକଲେ । କହିଲେ ରାଜା , ସୋମନାଥ ଭଗବାନଙ୍କ ବ୍ରତକୁ ତୁମେ ନିନ୍ଦାକଲ, ତେଣୁ ତୁମକୁ କୁଷ୍ଠ ରୋଗ ହୋଇଯାଉ । ଏଭଳି ଅଭିଶାପ ଦେଇ କପୋତିଗଣ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ । ସେହିକ୍ଷଣି ରାଜାଙ୍କ ଶରୀରରେ କୁଷ୍ଠ ରୋଗ ହୋଇଗଲା । ହଠାତ୍ ଶରୀରରେ ଏଭଳି ପରିବର୍ତ୍ତନ ଦେଖି ରାଜା ଆଶ୍ଚର୍ଯ୍ୟ ହେଲେ ଓ କପୋତିଗଣଙ୍କ ଅଭିଶାପ କଥା ମନେମନେ ଭାଳିହେଲେ ଓ ନିଜକୁ ଧିକ୍କାର କଲେ । ରାଜାଙ୍କ ନିକଟରୁ ସବୁକଥା ଶୁଣି ରାଣୀ କହିଲେ ସ୍ୱାମୀ ଭଗବାନ ସୋମନାଥଙ୍କୁ ଆପଣ ନିନ୍ଦାକରି ଏଭଳି ଦଶା ଭୋଗିଲେ । ଏଥିରୁ ମୁକ୍ତିପାଇବା ପାଇଁ ଶୀଘ୍ର ସୋମନାଥଙ୍କର ଦର୍ଶନ କରନ୍ତୁ । ଏହାପରେ ରାଜା ସୋମନାଥଙ୍କର ଦର୍ଶନ ନିମନ୍ତେ ବାହାରିଲେ । ଏହାଶୁଣି ରାଣୀ କହିଲେ ମୁଁ ଜଣେ ପତିବ୍ରତା ନାରୀ । ଆପଣ ଚାଲିଗଲେ ମୁଁ କାହାର ସେବା କରିବି । ରାଜା କହିଲେ ତେବେ ମୋ ଅନୁପସ୍ଥିତିରେ ତୁମେ ମୋ କଠଉକୁ ପୂଜାକରିବ । ଏହାଶୁଣି ରାଜାଙ୍କ କଠଉ ପୂଜାକରି ରାଣୀ ରହିଲେ ଓ ରାଜା ସୋମନାଥଙ୍କର ଦର୍ଶନରେ ବାହାରିଗଲେ । ସୋମନାଥଙ୍କର ମନ୍ଦିର ସମ୍ମୁଖ ଭାଗରେ ରହି ଶ୍ରୀ ସୋମନାଥଙ୍କୁ ସ୍ତୁତିକଲେ, ସ୍ତବ ପାଠକଲେ । ରାଜାଙ୍କର ଆତୁରତା ଦେଖି କପୋତିମାନେ ଆଉ ଧୈର୍ଯ୍ୟଧରି ରହିପାରିଲେ ନାହିଁ । ସେମାନେ ସୋମନାଥଙ୍କୁ କହିଲେ ହେ ପ୍ରଭୁ ରାଜା ବୀର ବିକ୍ରମ ଆପଣଙ୍କୁ ଦର୍ଶନ କରିବାକୁ ଆସିଛନ୍ତି । ସେ ବାହାରେ ଅତି ଆକୁଳତା ସହକାରେ ଆପଣଙ୍କୁ ପ୍ରାର୍ଥନା କରୁଛନ୍ତି । ତାଙ୍କୁ ଆପଣ ଦର୍ଶନ ଦିଅନ୍ତୁ ପ୍ରଭୁ । ଏହାପରେ ସୋମନାଥ କହିଲେ ତାଙ୍କୁ ଭିତରକୁ ଆସିବାକୁ ଦିଅନାହିଁ । ବାହାରେ ସେମିତି ରହିବାକୁ ଦିଅ । କପୋତିମାନେ ରାଜାଙ୍କୁ କହିଲେ ରାଜା ସୋମନାଥଙ୍କର ଏବେ ଆଜ୍ଞାନାହିଁ । ଆଜ୍ଞାହେଲେ ତୁମେ ଭିତରକୁ ଯାଇପାରିବ । ବର୍ତ୍ତମାନ ଏହି ମଣ୍ଡପରେ ରହି ଅପେକ୍ଷା କର । ସେପଟେ ତାଙ୍କ ରାଜ୍ୟ ପୂରା ହତଲକ୍ଷ୍ମୀ ହୋଇଗଲାଣି , ରାଜାଙ୍କ ପୁତ୍ର ଭିକ୍ଷାବୃତ୍ତିକରି ଯାହା ଆଣନ୍ତି ସେଥିରେ ରାଣୀ ରନ୍ଧାରନ୍ଧି କରି ଖାଇ ଚଳିଯା'ନ୍ତି । ଦିନେ ରଜାପୁଅ ସବୁଦିନଭଳି ଭିକ୍ଷାବୃତ୍ତି କରିବାକୁ ଗୋଟିଏ ଗ୍ରାମକୁ ଯାଇଥିଲେ । ସେହି ଗ୍ରାମରେ ପାତ୍ରମନ୍ତ୍ରୀ ମଧ୍ୟ ରହୁଥିଲେ । ସେମାନେ ରଜାପୁଅକୁ ଚିହ୍ନିପାରି କହିଲେ ଆରେ ତୁମେତ ରାଜା ବୀରବିକ୍ରମଙ୍କ ପୁତ୍ର । ଏତେବଡ ପ୍ରତାପୀ ରାଜାଙ୍କ ପୁଅହୋଇ ତୁମେ ଏଭଳି ଭିକ୍ଷା ମାଗୁଛ କାହିଁକି । ଉତ୍ତରରେ କପୋତିଗଣଙ୍କ ଅଭିଶାପ କଥାପରେ ରାଜ୍ୟ ହତଲକ୍ଷ୍ମୀ ହେବାକଥା ଏବଂ ରାଜା ସୋମନାଥଙ୍କର ଦର୍ଶନପାଇଁ ଯାଇ ଆଉ ଫେରିନଥିବା ଇତ୍ୟାଦି ସମସ୍ତ କଥାଶୁଣି ସେହି ପାତ୍ର ମନ୍ତ୍ରୀମାନେ ସଂପୃକ୍ତ ରାଜ୍ୟକୁଯାଇ ରାଣୀ ଓ ତାଙ୍କ ପୁତ୍ରପୁତ୍ରୀଙ୍କୁ ସେଠାରୁ ତଡିଦେଇ ନିଜକୁ ରାଜ୍ୟର ରାଜା ଘୋଷଣା କରିଦେଲେ । ଫଳରେ ରାଣୀ ଅନ୍ୟ ଉପାୟ ନପାଇ ପିଲାଛୁଆଙ୍କୁ ନେଇ ଦୁଇଟି ପୁଟୁଳି ଧରି ସେଠାରୁ ବାହାରିଗଲେ ଓ ବ୍ରାହ୍ମଣ ଶାସନ ଗ୍ରାମରେ ଯାଇ ରହିଲେ । କିଛିଦିନପରେ ସୋମନାଥଙ୍କର କପୋତିମାନେ ସେହି ବ୍ରାହ୍ମଣ ଶାସନକୁ ଯାଇଥିବାରୁ ବ୍ରାହ୍ମଣମାନେ ସେମାନଙ୍କୁ ପୂଜାକଲେ । ସୋମନାଥଙ୍କର ବ୍ରତ ପାଳନ କରିବାପାଇଁ କପୋତିଗଣ ବ୍ରାହ୍ମଣମାନଙ୍କୁ କହିଲେ ଓ ପୂଜାବିଧି କଥା ମଧ୍ୟ ଶୁଣାଇଲେ । ଫଳରେ ବ୍ରାହ୍ମଣୀମାନେ ଶୁଦ୍ଧପୂତ ଭାବରେ ଏହି ବ୍ରତ କଲେ । ଏକଥା ଶୁଣି ରାଣୀଙ୍କ ସହିତ ରହୁଥିବା ପୋଇଲି ଏକଥାଶୁଣି ରାଣୀଙ୍କୁ ଜଣାଇଲେ ଓ ସେହି ବ୍ରତ ପାଳନ କରିବାପାଇଁ କହିଲେ । ସବୁଶୁଣି ରାଣୀ କହିଲେ ମୁଁ ତ ବର୍ତ୍ତମାନ ଦରିଦ୍ର ଭାବରେ ଜୀବନଯାପନ କରୁଛି । ଏଭଳି ଦୟନୀୟ ଅବସ୍ଥାରେ କିଭଳି ସେହି ମହାନ ବ୍ରତ ପାଳନ କରିପାରିବି । ପୋଇଲି ଜଣକ କହିଲା - ରାଣୀ ମା' ଆପଣ ବ୍ୟସ୍ତ ହୁଅନ୍ତୁନି । ମୁଁ ବ୍ରାହ୍ମଣୀମାନଙ୍କଠାରୁ ବ୍ରତ ମାଗି ଆଣିବି । ଏହାପରେ ରାଣୀ ବିଧିମୁତାବକ ବ୍ରତ ପାଳନକଲେ । ରାଣୀଙ୍କର ନିଷ୍ଠା ଓ ଆତୁରତା ଦେଖି ସୋମନାଥଙ୍କର ଦୟାହେଲା । ସେ ରାଣୀଙ୍କୁ ଶୁଭାଶୀର୍ବାଦ ପ୍ରଦାନ କଲେ । ଏହି ଆଶୀର୍ବାଦ ଫଳରେ ରାଜାଙ୍କ ଶରୀର କ୍ରମେ ସୁସ୍ଥ ହେବାକୁ ଲାଗିଲା । ରାଜା ସୋମନାଥଙ୍କୁ ଦର୍ଶନ କରିବାକୁ ମଧ୍ୟ ସୌଭାଗ୍ୟ ପାଇଲେ । କପୋତିମାନେ କହିଲେ ରାଜା, ତୁମେ ସୋମନାଥଙ୍କର ନିନ୍ଦାକରି ଏତେ ଦଶା ଭୋଗିଲ, ତୁମ ରାଜ୍ୟ ହତଲକ୍ଷ୍ମୀ ହୋଇଗଲା, ତୁମ ପରିବାର ଚଳିବାପାଇଁ ଭିକ୍ଷାବୃତ୍ତି କଲେ ଓ ଅନ୍ୟମାନେ ତୁମ ରାଜ୍ୟକୁ ଶାସନ କରୁଥିଲେ । କିନ୍ତୁ ତୁମରାଣୀ ଯଥାବିଧି ସୋମନାଥଙ୍କର ବ୍ରତ ପାଳନ କରିବାରୁ ତୁମେ ଆରୋଗ୍ୟଲାଭ କଲ । ଏବେ ରାଣୀଙ୍କର ସୁକର୍ମ କାରଣରୁ ତୁମେ ଶାପମୁକ୍ତ ହୋଇଛ । ନିଜ ରାଜ୍ୟକୁ ଯାଇ ଆନନ୍ଦରେ ରୁହ । ପରେ ରାଜାଙ୍କ ଫେରିଆସିବା କଥା ଶୁଣି ପାତ୍ରମନ୍ତ୍ରୀମାନେ ରାଜଗାଦି ଛାଡି ପଳାୟନ କଲେ । ରାଜା ସୈନ୍ୟସାମନ୍ତଙ୍କୁ ପଠାଇ ନିଜ ରାଣୀ ଓ ପିଲାମାନଙ୍କୁ ଆଣିଲେ । ରାଣୀଙ୍କଠାରୁ ସୋମନାଥ ବ୍ରତକଥା ଶୁଣି ରାଜା କହିଲେ ରାଣୀ, ମୁଁ ସୋମନାଥଙ୍କର ମହିମା ଜାଣିପାରିଛି । ଏଣିକି ପ୍ରତିବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଆମ୍ଭେ ଏହି ବ୍ରତ ପାଳନ କରିବା । ପ୍ରଭୁ ସୋମନାଥଙ୍କର ଆରାଧନା କରିବା । ଏହାପରେ ରାଜାଙ୍କର ପୂର୍ବ ଅବସ୍ଥା ଫେରିଆସିଲା ଓ ଯଥାପୂର୍ବ ଶାନ୍ତିରେ ରାଜ୍ୟ ଶାସନ କଲେ ଏବଂ ପରିବାରଙ୍କୁ ନେଇ ଖୁସିରେ ଜୀବନ ଅତିବାହିତ କଲେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# କୋରିଆକୁ ୪-୧ରେ ପରାସ୍ତ କରି ଏସିଆ କପ ଚାମ୍ପିୟନ ହେଲା ଭାରତ



**ରାଜଗୀର**

ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରି ଭାରତ ହକି ଏସିଆ କପ୍ ଟାଇଟଲ ଜିତିଛି। ଚତୁର୍ଥ ଥର ପାଇଁ ଭାରତ ଏସିଆ କପ୍ ଟ୍ରଫି ଜିତିଛି। ଏହି ବିଜୟ ସହ ଭାରତ ୨୦୨୬ରେ ବେଲଜିୟମ ଓ ନେଦରଲାଣ୍ଡସରେ ହେବାକୁ ଥିବା ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି ।

ଟିମ୍ ଇଣ୍ଡିଆ ପାଇଁ ସୁଖଜିତ ସିଂହ, ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ ଏବଂ ଦିଲପ୍ରୀତ ସିଂହ ଦୁଇଟି ଗୋଲ ଦେଇଥିଲେ। ଏହା ସହିତ, ଭାରତ ୨୦୧୩ ଫାଇନାଲର ପରାଜୟର ପ୍ରତିଶୋଧ ନେଇଛି, ଯେତେବେଳେ ଦକ୍ଷିଣ କୋରିଆ ଭାରତକୁ ୪-୩ ଗୋଲରେ ପରାସ୍ତ କରି ଟ୍ରଫି ଜିତିଥିଲା।

ମ୍ୟାଚର ପ୍ରାରମ୍ଭିକ ମୁହୂର୍ତ୍ତରେ ସୁଖଜିତ ସିଂହ ଏକ ଗୋଲ ସ୍କୋର କରି ଟିମ୍ ଇଣ୍ଡିଆକୁ ଆଗୁଆ ରଖିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମଧ୍ୟ ମିଳିଥିଲା, କିନ୍ତୁ ଗୋଲ ହୋଇପାରିନଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭ ହୋଇଥିଲା ଯେତେବେଳେ ଜୁଗରାଜ ସିଂହଙ୍କୁ ୨ ମିନିଟ୍ ପାଇଁ ନିଲମ୍ବିତ କରାଯାଇଥିଲା। ଟିମ୍ ଇଣ୍ଡିଆ ପଡ଼ିଆରେ ୧୦ ଜଣ ଖେଳାଳି ଥିଲେ, ଏହା ସତ୍ତ୍ୱେ କୋରିଆନ୍ ଦଳ କୌଣସି ଗୋଲ କରିପାରିନଥିଲା। ଦ୍ୱିତୀୟ କ୍ୱାର୍ଟରରେ ଦିଲପ୍ରୀତ ସିଂହ ଏକ ଗୋଲ ସ୍କୋର କରି ଟିମ୍ ଇଣ୍ଡିଆକୁ ୨-୦ରେ ଆଗୁଆ ରଖିଥିଲେ। ଭାରତ ହାଫ୍ ଟାଇମ୍ ପର୍ଯ୍ୟନ୍ତ ୨-୦ରେ ଆଗୁଆ ଥିଲା। ତୃତୀୟ କ୍ୱାର୍ଟରରେ ଦକ୍ଷିଣ କୋରିଆର ଆରମ୍ଭ ଭଲ ଥିଲା, କିନ୍ତୁ ଟିମ୍ ଇଣ୍ଡିଆ ଏକ ଗୋଲ ସ୍କୋର କରିବାରେ ସଫଳ ହୋଇଥିଲା। ଦିଲପ୍ରୀତ ସିଂହ ମ୍ୟାଚରେ ତାଙ୍କର ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୩-୦ରେ ଆଗୁଆ କରିଥିଲେ। ଚତୁର୍ଥ ଏବଂ ଶେଷ କ୍ୱାର୍ଟରରେ ମଧ୍ୟ ଏକ କଠିନ ସଂଘର୍ଷ ଦେଖିବାକୁ ମିଳିଥିଲା, ଯେଉଁଠାରେ ବରିଷ୍ଠ ଖେଳାଳି ଅମିତ ରୋହିଦାସ ଭାରତ ପାଇଁ ଚତୁର୍ଥ ଗୋଲ ସ୍କୋର କରିଥିଲେ। କୋରିଆନ୍ ଦଳ ମ୍ୟାଚରେ କେବଳ ଗୋଟିଏ ଗୋଲ ସ୍କୋର କରିପାରିଥିଲା।

# ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନସିପ୍‌ରେ ଭାରତକୁ ଐତିହାସିକ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ**



ଭାରତକୁ ମିଳିଛି ଐତିହାସିକ ସଫଳତା। ପ୍ରଥମଥର ପାଇଁ ଭାରତୀୟ ପୁରୁଷ କମ୍ପାଉଣ୍ଡ ଟିମ୍ ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନସିପ୍‌ରେ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛି। ଅମନ ସୈନି, ଋଷଭ ଯାଦବ ଓ ପ୍ରଥମେଶ ବାଲଚନ୍ଦ୍ର ଫୁଜେଙ୍କୁ ନେଇ ଗଠିତ ଭାରତୀୟ ଟିମ୍ ଏପରି କୀର୍ତ୍ତିମାନ ହାସଲ କରିପାରିଛି।

ଫାଇନାଲରେ ଭାରତୀୟ ଟିମ୍ ଫ୍ରାନ୍ସର ନିକୋଲ୍ସ ଗିରାର୍ଡ, ଜେନ ଫିଲିପେ ବୌଲଚ ଓ ଫ୍ରାଙ୍କୋସ ଡୁବୋଇସଙ୍କୁ ପରାସ୍ତ କରିଛି। ଫ୍ରାନ୍ସ ପୂର୍ବରୁ ୧୯୯୫ ଜାକାର୍ତ୍ତା ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନସିପରେ ସ୍ୱର୍ଣ୍ଣ ଜିତିଥିଲା। ପ୍ରଥମଥର ପାଇଁ କମ୍ପାଉଣ୍ଡ ଟିମ୍ ଇଭେଣ୍ଟ ବିଶ୍ୱ ଚାମ୍ପିୟନସିପ୍‌ରେ ସାମିଲ ହୋଇଥିବା ବେଳେ ଫ୍ରାନ୍ସ ବାଜି ମାରି ନେଇଥିଲା। କିନ୍ତୁ ୨୦୨୫ରେ ଭାରତୀୟ ଟିମ୍ ଫ୍ରାନ୍ସକୁ ହରାଇ ଇତିହାସ ରଚିଛି। ଭାରତର ବିଜୟ ଯାତ୍ରା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରୁ ଆରମ୍ଭ ହୋଇଥିଲା। ମ୍ୟାଚ୍ ୨୩୨ ପଏଣ୍ଟରେ ଟାଇ ରହିବାରୁ ଶୁଟ ଆଉଟ ସ୍ଥିତି ଉପୁଜିଥିଲା। ଏହାକୁ ୩୦-୨୮ରେ ଭାରତ ଜିତି ପରବର୍ତ୍ତୀ ରାଉଣ୍ଡକୁ ଯାଇଥିଲା। ଏହାପରେ ଆମେରିକାକୁ କ୍ୱାର୍ଟର ଫାଇନାଲରେ ଦଳ ୨୩୪-୨୩୩ ପଏଣ୍ଟରେ ହରାଇଥିଲା ଦଳ।

ସେମି ଫାଇନାଲରେ ଭାରତୀୟ ଟିମ୍‌କୁ କଡ଼ା ଟକ୍କର ଦେଇଥିବା ତୁର୍କୀ। କିନ୍ତୁ ଏହି ମ୍ୟାଚ୍ ଭାରତର ୩ ଷ୍ଟାର ତୀରନ୍ଦାଜ ଚମତ୍କାର ଢଙ୍ଗରେ ୨୩୪-୨୩୨ ପଏଣ୍ଟ ବ୍ୟବଧାନରେ ଜିତି ଫାଇନାଲରେ ପ୍ରବେଶ କରିଥିଲେ।

ଫାଇନାଲରେ ଦଳର ମୁକାବିଲା ପୂର୍ବତନ ଚାମ୍ପିୟନ ଫ୍ରାନ୍ସ ସହ ହୋଇଥିଲା। ଦୁଇ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ଶେଷରେ ଭାରତୀୟ ଟିମ ୨୩୫-୨୩୩ ପଏଣ୍ଟ ବ୍ୟବଧାନରେ ଫ୍ରାନ୍ସକୁ ହରାଇ ସ୍ୱର୍ଣ୍ଣ ପଦକ ନିଜ ନାଁରେ କରିଛି। ତୃତୀୟ ରାଉଣ୍ଡ ସୁଦ୍ଧା ସ୍ଥିତି ୧୭୬-୧୭୬ ରହିଥିଲା। ନିର୍ଣ୍ଣାୟକ ରାଉଣ୍ଡରେ ଭାରତ ୫୯ ପଏଣ୍ଟ ସ୍କୋର କରିଥିବା ବେଳେ ଫ୍ରାନ୍ସ ୫୭ ପଏଣ୍ଟ ହିଟ୍ କରିଥିଲା। ଫଳରେ ଭାରତ ୨ ପଏଣ୍ଟ ବ୍ୟବଧାନରେ ଫାଇନାଲକୁ ଜିତି ଇତିହାସ ରଚିଥିଲା।

୨୩ ବର୍ଷୀୟ ଋଷଭ ଯାଦବଙ୍କ ପାଇଁ ଏହି ବିଜୟ ଓ ଦିନ ବେଶ ସ୍ମରଣୀୟ ହୋଇଛି। କାରଣ ସେ ରବିବାର ବ୍ୟକ୍ତିଗତ ଭାବେ ନିଜର ଦ୍ୱିତୀୟ ପଦକ ହାସଲ କରିଛନ୍ତି। ପୁରୁଷ ବର୍ଗର ଫାଇନାଲ ପୂର୍ବରୁ ସେ ମିକ୍ସଡ ଟିମ୍ ଫାଇନାଲରେ ମଧ୍ୟ ନଜର ଆସିଥିଲେ। ସେ ଜ୍ୟୋତି ସୁରେଖା ବର୍ମାଙ୍କୁ ସାଥୀ କରି ଫାଇନାଲରେ ପ୍ରବେଶ କରିଥିଲେ। ହେଲେ ନେଦରଲ୍ୟାଣ୍ଡ ଠାରୁ ଭାରତୀୟ ଯୋଡ଼ିଙ୍କୁ ୧୫୫-୧୫୭ ପଏଣ୍ଟ ବ୍ୟବଧାରେ ହାରିବାକୁ ପଡ଼ିଥିଲେ। ମିକ୍ସଡ ଇଭେଣ୍ଟରେ ଭାରତ ରୌପ୍ୟ ପଦକ ଜିତଥିଲା। ମିକ୍ସଡ ଇଭେଣ୍ଟରେ ହାରିଥିବା ଋଷଭ ପୁରୁଷ ବର୍ଗରେ କମାଲ କରି ଦେଶ ପାଇଁ ଓ ବ୍ୟକ୍ତିଗତ ନିଜ ପାଇଁ ସ୍ୱର୍ଣ୍ଣ ପଦକ ଜିତି ପାରିଛନ୍ତି।

# ଭାରତ ଏ' ଦଳର ନେତୃତ୍ୱ ନେବେ ଶ୍ରେୟସ

**ନୂଆଦିଲ୍ଲୀ**

ଆଗାମୀ ଏସିଆ କପ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇ ନ ଥିବା ଶ୍ରେୟସ ଆୟାର ଅଷ୍ଟ୍ରେଲିଆ ଏ' ବିପକ୍ଷରେ ହେବାକୁ ଥିବା ଦୁଇଟି ବହୁ ଦିନିଆ ମ୍ୟାଚ୍‌ରେ ଭାରତ ଏ' ଦଳର ନେତୃତ୍ୱ ନେବେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତା ୧୬ ତାରିଖଠାରୁ ଲକ୍ଷ୍ନୌରେ ଆରମ୍ଭ ହେବ। ଭାରତ ଏ' ଦଳରେ ସାଇ ସୁଦର୍ଶନ, ଧ୍ରୁବ ଜୁରେଲ, ନୀତୀଶ ରେଡ୍ଡୀ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଭଳି ଟେଷ୍ଟ ଦଳର ସଦସ୍ୟ ରହିଛନ୍ତି। ଏସିଆ କପ୍ ଦଳରେ ସ୍ଥାନ ପାଇ ନ ଥିବା ଲୋକେଶ ରାହୁଲ ଓ ମହମ୍ମଦ ସିରାଜଙ୍କୁ ସେପ୍ଟେମ୍ବର ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ଲାଗି ଦଳରେ ସାମିଲ କରାଯାଇଛି। ଦୁଇଟି ବହୁ ଦିନିଆ ମ୍ୟାଚ୍ ପରେ ଭାରତ ଏ' ଓ ଅଷ୍ଟ୍ରେଲିଆ ଏ' ମଧ୍ୟରେ ୩ ଦିନିକିଆ ମ୍ୟାଚ୍ ଖେଳାଯିବ।

# ଜିଲ୍ଲାରୁ ୩୧ ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ଆଥଲେଟିକ୍‌ରେ ଯୋଗ ଦେଲେ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଆଥଲେଟିକ ଆସୋସିଏସନ ତରଫରୁ ହାଇସ୍କୁଲ ଓ କଲେଜର ୩୧ ଜଣ ଛାତ୍ରଛାତ୍ରୀ କଟକ ବାରବାଟୀ ଠାରେ ହେଉଥିବା ଆଥ୍‌ଲେଟିକ ଖେଳରେ ଯୋଗ ଦେଇଛନ୍ତି। ଜିଲ୍ଲାରୁ ୧୪ ବର୍ଷରୁ ୧୬ ବର୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଦୌଡ଼, ଖୋଖୋ, ଲଙ୍ଗ ଜମ୍ପ, ହାଇ ଜମ୍ପ ଇତ୍ୟାଦି ଖେଳରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଆଥ୍‌ଲେଟିକ ଆସୋସିଏସନର କୋଚ୍ ସେକ୍ ସୌକତଙ୍କ ନେତୃତ୍ୱରେ ଏହି ଛାତ୍ରଛାତ୍ରୀମାନେ ନିଜର କ୍ରୀଡ଼ା ପ୍ରଦର୍ଶନ କରିବାକୁ କଟକ ବାରବାଟୀକୁ ଯାଇଥିବା ଜଣାପଡ଼ିଛି।

# ଜଳକ୍ରୀଡ଼ାରେ ସ୍ୱର୍ଣ୍ଣ ବିଜେତା ରଶ୍ମିତାଙ୍କୁ ସମ୍ବର୍ଦ୍ଧନା

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

କାଶ୍ମୀର ଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟସ୍‌ରେ ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଚୌଦ୍ୱାର ନବଗ୍ରହ ସାହିର ରଶ୍ମିତା ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ରଶ୍ମିତା ଚୌଦ୍ୱାର ସହିତ କଟକ ଜିଲ୍ଲା ଓ ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧନା ଅର୍ପଣ କରିଛନ୍ତି। ସେ ଦଳୀୟ ପ୍ରତିନିଧିମାନଙ୍କ ସହିତ ଜଗତପୁରସ୍ଥିତ ସାଇ ହଷ୍ଟେଲକୁ ଯାଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ରଶ୍ମିତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମହେନ୍ଦ୍ର ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ଚିରଞ୍ଜୀବୀ ଖଣ୍ଡାୟତ, ଚୌଦ୍ୱାର ମଣ୍ଡଳ ସଭାପତି ମମତା ବେହେରା, ପ୍ରସାର ଜ୍ୟୋତି କୁମାର କୁମାର, ଜିଲ୍ଲା ସଭାପତି ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ କୁମାର ସାହୁ, ଅଜିତ୍ କୁମାର ସୁବୁଦ୍ଧିରାୟ, ଚିନ୍ମୟ ବେହେରା, ସନ୍ତୋଷ କୁମାର ବେହେରା, ପ୍ରଶାନ୍ତ ବିଶ୍ୱାଳ, ସରିତା ଶୁକ୍ଲ, ପ୍ରଦୀପ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ଉପସ୍ଥିତ ଥିଲେ।



# ସେରେନା ୱିଲିୟମ୍ସଙ୍କ ୧୧ ବର୍ଷ ପୁରୁଣା ରେକର୍ଡର ସମକକ୍ଷ ହେଲେ ସବାଲେଙ୍କା



**ନୂଆଦିଲ୍ଲୀ**

ଷ୍ଟାର ଟେନିସ୍ ଖେଳାଳି ଆର୍ଯ୍ୟନା ସବାଲେଙ୍କା ବେଶ୍ ସଫଳତାର ସହ ନିଜର ୟୁଏସ୍ ଓପନ କ୍ରାଉନକୁ ଡିଫେଣ୍ଡ କରିପାରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ୟୁଏସ୍ ଓପନର ମହିଳା ଏକକ ବର୍ଗର ଫାଇନାଲରେ ସବାଲେଙ୍କା ବେଶ୍ ଚମତ୍କାର ଢଙ୍ଗରେ ଅନ୍ୟତମ ଷ୍ଟାର ଅମାନ୍ଦା ଅନିସିମୋଭାଙ୍କୁ ହରାଇ ଦେଇଛନ୍ତି। ଫାଇନାଲ ଜିତିବାକୁ ସବାଲେଙ୍କାଙ୍କୁ କେବଳ ୧ ଘଣ୍ଟା ୩୪ ମିନିଟର ସମୟ ଲାଗିଥିଲା। ସେ ୬-୩, ୭-୬(୩) ସେଟରେ ଅନିସିମୋଭାଙ୍କୁ ପରାସ୍ତ କରି ଦେଇଛନ୍ତି। ଏହା ତାଙ୍କ ଟେନିସ କ୍ୟାରିୟରର ୪ର୍ଥ ଗ୍ରାଣ୍ଡସ୍ଲାମ। ସେ ଦୁଇ ଥର ୟୁଏସ୍ ଓପନ ଓ ୨ ଥର ଅଷ୍ଟ୍ରେଲିଆ ଓପନ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ୨୦୨୩ ଓ ୨୦୨୪ରେ ସବାଲେଙ୍କା ପ୍ରଥମେ ଅଷ୍ଟ୍ରେଲିଆ ଓପନ ଜିତିଥିଲେ। ଏହାପରେ ସେହି ୨୦୨୪ରେ ୟୁଏସ୍ ଓପନ ଟାଇଟଲ ହାତେଇଥିଲେ। ଏବେ ୨୦୨୫ରେ ମଧ୍ୟ ସେ ୟୁଏସ୍ ଓପନ ଟାଇଟଲକୁ ନିଜ ପାଖରେ ରଖିବାକୁ ସକ୍ଷମ ହୋଇଛନ୍ତି।

ଏହି ବିଜୟ ସହ ସବାଲେଙ୍କା କିମ୍ବଦନ୍ତୀ ଟେନିସ୍ ଖେଳାଳି ସେରେନା ୱିଲିୟମ୍ସଙ୍କ ୧୧ ବର୍ଷ ପୁରୁଣା ରେକର୍ଡର ସମକକ୍ଷ ହୋଇଛନ୍ତି। ୨୦୧୪ରେ ସେରେନା ନିଜର ୟୁଏସ୍ ଓପନ କ୍ରାଉନକୁ ନିଜ ପାଖରେ ରଖିବାକୁ ସକ୍ଷମ ହୋଇଥିଲେ। ସମାନ ସଫଳତା ସବାଲେଙ୍କା ମଧ୍ୟ ନିଜ ନାଁରେ କରିଛନ୍ତି। ଉଭୟ ୱିମ୍ବେଲଡନ ଓ ଫ୍ରେଞ୍ଚ ଓପନରେ ସବାଲେଙ୍କାଙ୍କୁ ରନର୍ସ ଅପରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ହେଲେ ଏଥର ସେ ଫାଇନାଲରେ ଟାଇଟଲ ଜିତି ପାରିଛନ୍ତି। ଏଥିସହ ବେଲାରୁଷର ଏହି ସୁନ୍ଦୀର ଜଣଙ୍କ ୱିମ୍ବିଲଡନ ସେମି ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ମଧ୍ୟ ଅନିସିମୋଭାଙ୍କ ଠାରୁ ନେଇଛନ୍ତି।

# ମୋବେଶର ଅହମଦ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**



ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ ଫୁଟବଲ ଖେଳ ପଡିଆରେ ମୋବେଶର ଅହମଦ ମେମୋରିଆଲ୍ ପ୍ରଥମ ଦୁଇ ଦ୍ୱିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଠଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନର ପ୍ରଥମ ମ୍ୟାଚ୍ କେରଙ୍ଗ ଅହମଦିଆ (ବି) ଏବଂ ପାଇକତିଗିରିଆ ଏଫ୍.ସି ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ପାଇକତିଗିରିଆ ଏଫ.ସି ୧-୦ ଗୋଲ ବ୍ୟବଧାନରେ କେରଙ୍ଗ ଅହମଦିଆ (ବି)କୁ ପରାସ୍ତ କରି ବିଜୟ ଲାଭ କରିଥିଲା।

ଦ୍ୱିତୀୟ ମ୍ୟାଚ୍ ଡି.ଏଚ.ସି ଜଟଣୀ ଏବଂ ନିତା ଏକାଡେମୀ ପୁରୀ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ପୁରୀ ୧-୦ ବ୍ୟବଧାନରେ ଜଟଣୀ ଠାରୁ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ଏସ.ଏସ.ସି ଶରଧାପୁର ଏଫ.ସି ଏବଂ ଦିବ୍ୟଜ୍ୟୋତି କ୍ଲବ ପଙ୍କାଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଶରଧାପୁର ୨-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ କେରଙ୍ଗ ଅହମଦିଆ (ଏ) ଏବଂ ବଜରଙ୍ଗବଲୀ ଘଟିକିଆ ମଧ୍ୟରେ ହୋଇଥିଲା। ଖେଳ ବହୁତ ସଂଘର୍ଷପୂର୍ଣ୍ଣ ଓ ଚିତ୍ତାକର୍ଷକ ହୋଇ ଥିଲା। ଖେଳ ଶେଷ ସମୟ ପର୍ଯ୍ୟନ୍ତ ୧-୧ ଗୋଲରେ ଅମିମାଂଶିତ ରହିଥିବା ବେଳେ ଟ୍ରାଇବେକର ମାଧରେ କେରଙ୍ଗ ଏ ୪-୨ ଗୋଲରେ ବିଜୟୀ ହୋଇଥିଲା।

ପ୍ରଥମ ଦିନର ଚାରଟି ମ୍ୟାଚ୍‌ରେ ମୁଖ୍ୟ ରେଫେରି ଭାବେ ବିଦେଶୀ ନାୟକ, ସଖାୱତ ଅଲ୍ଲି ଏବଂ ପ୍ରଫୁଲ କୁମାର ବେହେରା ଖେଳ ପରିଚାଳନା କରିଥିଲେ। ତାଙ୍କ ସହ ଲାଇନ୍ସ ମ୍ୟାନରେ ସଗିର ଅହମଦ ଏବଂ ଅମଜାଦ ଖାଁ ସହଯୋଗ କରିଥିଲେ। ୪ର୍ଥ ରେଫେରୀ ଭାବେ ସେକ ଫରହାନ ଏବଂ ନାସର ଖାଁ ଦାୟିତ୍ୱ ତୁଲାଇ ଥିଲେ।

ମୁଖ୍ୟ ଅତିଥି ଭାବେ କେରଙ୍ଗ ଅହମଦିଆ ମୁସଲିମ ସଂଗଠନର ସଭାପତି ଓସିମ ଅହମଦ ଯୋଗ ଦେଇଥିବା ବେଳେ ଅତିଥି ଭାବେ ଇଦ୍ରିସ ଖାଁ, ଜଲାଲ ମହମ୍ମଦ, ସେକ ଇଦୁ, ଡାନିଆଲ ନାୟକ, ନସିରୁଦ୍ଦିନ ଖାଁ, ମୋଜଫର ଖାଁ, ତହମୁର ଖାଁ, ଜାହାଙ୍ଗିର ଖାଁ, ଶୁକଦେବ ନାୟକ, ରାମ ମାରାଣ୍ଡି, ଓଲିମୁଦ୍ଦିନ ଖାଁ, ଦେବାଶିଷ ନାୟକ, ରସିଦ ଖାଁ, ସଲିମ ଖାଁ, ଫଜଲ ଅଲ୍ଲି, ଅମିର ଅହମଦ ଏବଂ ଫରିଦୁଦ୍ଦିନ ଖାଁ ଯୋଗ ଦେଇଥିଲେ।

ଦ୍ୱିତୀୟ ଦିନ ସକାଳ ୧୦ ଘଟିକା ସମୟରେ ପ୍ରଥମ ସେମିଫାଇନାଲ ଏବଂ ୧୧ଘଟିକା ସମୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ ତଥା ସନ୍ଧ୍ୟା ୩ ଘଟିକା ସମୟରେ ଫାଇନାଲ ମ୍ୟାଚ୍ ଖେଳ ହେବ ବୋଲି ଟୁର୍ଣ୍ଣାମେଣ୍ଟ କମିଟି ସୂଚନା ଦେଇଛି।

# ବାର୍‌ହା ଆକ୍ରମଣରେ ଯୁବକ ମୃତ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**



ଛତ୍ରପୁର ଥାନା ଅନ୍ତର୍ଗତ ବଡ଼ମାଧପୁର ହନୁମାନସାହି ଠାରେ ଜଣେ ଯୁବକଙ୍କ ବାର୍‌ହ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ବରଙ୍ଗ ଗ୍ରାମର ନୀଳମାଧବ ପ୍ରଧାନ (୨୬)। ଶନିବାର ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଆମ୍ବୁଲାନ୍ସରେ ସ୍ଥାନାନ୍ତରିତ ହେଉଥିବା ସମୟରେ ଖଲ୍ଲିକୋଟ ଘାଟି ଠାରେ ଅବସ୍ଥା ଅଧିକ ଜଟିଳ ହେବାକୁ ଖଲ୍ଲିକୋଟ ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲେ। ପରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଛତ୍ରପୁର ପୋଲିସର ଉପସ୍ଥିତରେ ଶବ ବ୍ୟବଚ୍ଛେଦ ହୋଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ମୃତ ନୀଳମାଧବ ଜଣେ ମେଳାପୀ ଓ ପରୋପକାରୀ ଯୁବକ ଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସରପଞ୍ଚ ପ୍ରତିନିଧି ଶିବ ଶଙ୍କର ସେଠୀ, ସମିତି ସଭ୍ୟଙ୍କ ସମେତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ କିଶୋର ଚନ୍ଦ୍ର ରେଡ୍ଡୀ ପ୍ରମୁଖ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ସରକାରୀ ଅନୁକମ୍ପା ସହାୟତା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ନୀଳମାଧବର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଚୋରା ମଦ ଜବତ : ୬ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ରାଜନଗର, ଓ ତାଣ୍ଡିଆପାଳ ମେରାଇନ ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଗୋବିନ୍ଦପୁର ଗ୍ରାମର ଅନିରୁଦ୍ଧ ମଳିକଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ସୌମ୍ୟ ରଞ୍ଜନ ପାତ୍ରଙ୍କ ଠାରୁ ୨୧ ଲିଟର ଦେଶୀ ମଦ, ଏକଲାପୁର ଗ୍ରାମର ସୁଦର୍ଶନ ରାଉତଙ୍କ ଠାରୁ ୩୬ ଲିଟର ବିଦେଶୀ ମଦ, ବେନାକନ୍ଦା ଗ୍ରାମର ନାଡୁଗୋପାଳ ମଣ୍ଡଳଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, କଂସାର ଗ୍ରାମର ମଧୁସୂଦନ ପାଲଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ସମୁଦାୟ ୧୫୭ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ ଏବଂ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରୀକ୍ଷକ ଛାୟାକାନ୍ତ ନାୟକ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# କୁଡୁମୀ ସମ୍ପ୍ରଦାୟକୁ ପୁନଃ ଆଦିବାସୀ ମାନ୍ୟତା ଦାବିରେ କଳାଦିବସ ପାଳନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କୁଡୁମି ସମ୍ପ୍ରଦାୟକୁ ପୁନଃ ଆଦିବାସୀ ମାନ୍ୟତା ଦାବି କରି କୁଡୁମୀ ସେନା ପକ୍ଷରୁ ଶନିବାର କଳା ଦିବସ ପାଳନ କରାଯାଇଛି। କୁଡୁମୀ ସେନାର ସଭାପତି ଜୟମୁନି ମହାନ୍ତ ନେତୃତ୍ୱରେ ହଜାର ହଜାର କୁଡୁମୀ ଲୋକେ ଏକତ୍ରିତ ହୋଇ ବିଜେପି ସରକାର ବିରୁଦ୍ଧରେ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାରିପଦା ସ୍ଥିତ ମଧୁବନ ପଡ଼ିଆରୁ ବିରାଟ ଜନ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ପୁନଃ ଆଦିବାସୀ ମାନ୍ୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। କୁଡୁମି ସମ୍ପ୍ରଦାୟକୁ ୧୯୫୦ ସେପ୍ଟେମ୍ବର ୬ ତାରିଖରେ ଆଦିବାସୀ ଜନଜାତି ତାଲିକାରୁ ବାଦ ଦିଆଯାଇଥିଲା। ଏଥିପରେ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକା ଭୁକ୍ତ କରିବା ପାଇଁ ଦାବି ହେଇ ଆସୁଥିଲେ ମଧ୍ୟ ଦାବି ପୂରଣ ହୋଇନାହିଁ। ତେଣୁକରି ଆଜିର ଦିନକୁ କୁଡୁମି ସମ୍ପ୍ରଦାୟ ପକ୍ଷରୁ କଳା ଦିବସ ଭାବେ ପାଳିତ କରାଯାଇଥାଏ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଆଦିବାସୀ ମାନ୍ୟତା ପାଇଁ ଘୋଷଣା ପତ୍ରରେ ୧୬୯ଟି ଜନଜାତିର ନାମ ରହିଥିବା ବେଳେ କୁଡୁମି ସମ୍ପ୍ରଦାୟର ନାମ ନାହିଁ। ଯାହାକୁ ନେଇ କୁଡୁମି ସମ୍ପ୍ରଦାୟର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଆଦିବାସୀ ମାନ୍ୟତା ପାଇଁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବାରମ୍ବାର ଓ ଆନ୍ଦୋଳନ ଜାରି ଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ମାନ୍ୟତା ମିଳିଲା ନାହିଁ। ଦୀର୍ଘଦିନରୁ କୁଡୁମି ଜାତିକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ତେଣୁକରି ବିକ୍ଷୋଭ ପ୍ରଦର୍ଶନ କରି ଆଦିବାସୀ ମାନ୍ୟତା ପାଇଁ ଦାବି ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହଜାର ହଜାର ସଂଖ୍ୟାରେ କୁଡୁମୀ ସମ୍ପ୍ରଦାୟର ଲୋକେ ନିଜର ହକ୍ ପାଇଁ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଦୀର୍ଘଦିନରୁ କୁଡୁମି ଜାତିକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ସରକାରୀ ଅବହେଳା ପାଇଁ ସେମାନେ ଆଦିବାସି ମାନ୍ୟତା ପାଉନଥିବା ବେଳେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର କରାଯିବା ନେଇ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୁଡୁମୀ ସେନାର ପ୍ରମୁଖ କର୍ମକର୍ତ୍ତା ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ବସନ୍ତ କୁମାର ବିଶ୍ୱାଳ ସ୍ମୃତି ସଂସଦର ସଭାପତି ଫକୀର ଚରଣ ଖଟୁଆଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଉପମୁଖ୍ୟ ମନ୍ତ୍ରୀ ତଥା ନବଉତ୍କଳର ନିର୍ମାତା ବସନ୍ତ କୁମାର ବିଶ୍ୱାଳଙ୍କର ୨୨ ତମ ଶ୍ରାଦ୍ଧବାର୍ଷିକୀ ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବକ୍ତାମାନେ ତାଙ୍କର ବହୁମୁଖୀ ପ୍ରତିଭା ବିଶେଷ କରି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରି ଥିଲେ। ଏହି ବୈଠକରେ ଗୋପାଳ ଚନ୍ଦ୍ର ମହାଲିକ, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ପ୍ରତିଭା ପୂଜା ସଂସଦର ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ସୁଶୀଲ କୁମାର ସାମଲ, କାଉନସିଲର ରମେଶ ଚନ୍ଦ୍ର ଦାସ, ମହେନ୍ଦ୍ର କୁମାର ପରିଡ଼ା, ତରୁଣ ରଞ୍ଜନ ପ୍ରଧାନ, ରତ୍ନାକର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ରମେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଗୋବରୀ ନଦୀ ଘାଟରେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ତିଳ ତର୍ପଣ କାର୍ଯ୍ୟ ସମାପନ ହୋଇଥିଲା।

# ମୋଦୀଙ୍କ ଠାରୁ କ'ଣ ଶିଖିପାରିବ ଇସ୍ରାଏଲ: ରାଷ୍ଟ୍ରୀୟ ସମ୍ମାନ ଏକ ରଣନୀତିକ ସମ୍ପତ୍ତି

**ଜାକି ସାଲୋ, ଦ ଜେରୁଜେଲମ୍ ପୋଷ୍ଟ**

ସମ୍ପ୍ରତି ଭାରତ-ଆମେରିକା ସମ୍ପର୍କ ଗୁରୁତର ବିଶ୍ୱାସ ସଂକଟ ଦେଇ ଗତି କରୁଛି। ଟାରିଫ ନୀତିର ଗଭୀର ବିବାଦ, ରୁଷ୍ ସହିତ ଭାରତର ସ୍ୱତନ୍ତ୍ର ସମ୍ପର୍କ ଏବଂ ପାକିସ୍ତାନ ସହ ଭାରତର ସୀମା ବିବାଦ ଉପରେ ଆମେରିକୀୟ ପ୍ରଶାସନର ଆଭିମୁଖ୍ୟ କାରଣରୁ ଏଭଳି ସ୍ଥିତି ଉପୁଜିଛି।

ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ନୂଆଦିଲ୍ଲୀ ଉଚ୍ଚ ଟାରିଫ୍ ଦର ଲାଗୁ କରିବାକୁ ନେଇ ଅସନ୍ତୁଷ୍ଟ ଥିବା ବାରମ୍ବାର କହିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ କହିଛନ୍ତି, ଭାରତରେ ଲାଗୁ ହେଉଥିବା ଟିକସ ବିଶ୍ୱରେ ସର୍ବାଧିକ ମଧ୍ୟରୁ ଅନ୍ୟତମ। ଏହାର ଜବାବରେ ଟ୍ରମ୍ପ ଭାରତ ଉପରେ ୫୦% ପର୍ଯ୍ୟନ୍ତ ଟିକସ ମଧ୍ୟ ଲାଗୁ କରିଛନ୍ତି।

ତଥାପି ଏହା କେବଳ ଗୋଟିଏ ଦିଗ। ରୁଷ ସହିତ ଭଲ ସମ୍ପର୍କ ରଖିଥିବା ଏବଂ ରୁଷ୍ ଠାରୁ ଅଶୋଧିତ ତୈଳ କିଣୁଥିବା ଭାରତ ଟ୍ରମ୍ପଙ୍କ କଟୁ ମନ୍ତବ୍ୟର ଶିକାର ମଧ୍ୟ ହୋଇଛି। ଆମେରିକା ରାଷ୍ଟ୍ରପତି ରୁଷ୍ ଏବଂ ଭାରତକୁ 'ମୃତ ଅର୍ଥବ୍ୟବସ୍ଥା' କହି କଟାକ୍ଷ କରିଛନ୍ତି। ଟ୍ରମ୍ପ ଦାବି କରିଛନ୍ତି ଯେ, ସେମାନେ ପରସ୍ପରକୁ କ୍ଷତି ପହଞ୍ଚାଉଛନ୍ତି ଏବଂ ସେମାନଙ୍କ ବାଣିଜ୍ୟ କାରବାରରୁ ମସ୍କୋର ଯୁଦ୍ଧ ମେସିନକୁ ସହାୟତା ମିଳୁଛି। ସେ ଏହା ମଧ୍ୟ କହିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ବିଷୟରେ ଆଦୌ ଚିନ୍ତା କରୁନାହାନ୍ତି।' ଏହା ଭାରତ ଭଳି ବିକାଶଶୀଳ ମହାଶକ୍ତି ପାଇଁ ଏକ ବ୍ୟକ୍ତିଗତ ଅପମାନ ଏବଂ ଆଘାତ।

ପାକିସ୍ତାନ ସହିତ ଭାରତର ସୀମା ସଂଘର୍ଷରେ, ଟ୍ରମ୍ପ ନିଜକୁ ଜଣେ ନିରପେକ୍ଷ ମଧ୍ୟସ୍ଥ ଭାବରେ ଉପସ୍ଥାପିତ କରିବାକୁ ଚେଷ୍ଟା କରିଥିଲେ। ସେ ପ୍ରବଳ ଚାପ ପ୍ରୟୋଗ କରିବା, ଉଭୟ ପକ୍ଷ ଉପରେ ପ୍ରତିବନ୍ଧକ ଧମକ ଦେବା ଏବଂ ଯୁଦ୍ଧବିରତି କରାଇଥିବା ଦାବି କରିଥିଲେ। ପରେ ପାକିସ୍ତାନ ମଧ୍ୟ ତାଙ୍କ ମଧ୍ୟସ୍ଥତାକୁ ପ୍ରଶଂସା କରିଥିଲା ଏବଂ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ସୁପାରିସ କରିଥିଲା। ତେବେ ୱାଶିଂଟନର ଭୂମିକାକୁ ନୂଆଦିଲ୍ଲୀ ନ୍ୟୁନ କରି ଉପସ୍ଥାପନ କରିଥିଲା ଏବଂ ଏହା ଥିଲା ଦୁଇ ଦେଶ ମଧ୍ୟରେ ଗଭୀର ଅବିଶ୍ୱାସର ଆଉ ଏକ ପ୍ରଦର୍ଶନ।

ଶ୍ରୀ ମୋଦୀଙ୍କ କଡ଼ା ଜବାବ କେବଳ ଆର୍ଥିକ ଏବଂ ସାମରିକ ଉତ୍ତେଜନା କାରଣରୁ ନଥିଲା, ବରଂ ଏହା ମୁଖ୍ୟତଃ ବ୍ୟକ୍ତିଗତ ଭାବେ ତାଙ୍କୁ ଏବଂ ଦେଶ ପ୍ରତି ହୋଇଥିବା ଅପମାନର କଡ଼ା ପ୍ରତିକ୍ରିୟା ଥିଲା। ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଚାରିଟି ଫୋନ୍ କଲ୍ ଉଠାଇନଥିଲେ। ଏହି ପ୍ରସଙ୍ଗରେ ଇସ୍ରାଏଲ କେତେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହାସଲ କରିବା ଉଚିତ୍।

ଖାନ୍ ୟୁନିସ୍ ଘଟଣା : ଅଗଷ୍ଟ ୨୫ ତାରିଖରେ ଇସ୍ରାଏଲର ବୋମା ମାଡ଼ରେ ଖାନ ୟୁନିସର ନାସିର ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଥିଲା। ଏଥିରେ ପ୍ରାୟ ୨୦ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ କେତେକ ସାମ୍ବାଦିକ ମଧ୍ୟ ପ୍ରାଣ ହରାଇଥିଲେ। କିଛି ଘଣ୍ଟା ମଧ୍ୟରେ, ଆଇଡିଏଫର ମୁଖପାତ୍ର, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିଥିଲେ। ଆଇଡିଏଫର ମୁଖପାତ୍ର 'ନିରୀହ ନାଗରିକ'ଙ୍କ ମୃତ୍ୟୁ ପାଇଁ ଇଂରାଜୀରେ କ୍ଷମତା ପ୍ରାର୍ଥନା କରିଥିଲେ। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଘଟଣାର ଦ୍ରୁତ ତଦନ୍ତ କରିବାକୁ ଘୋଷଣା କରିଥିଲେ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହି ଘଟଣାକୁ 'ଦୁର୍ଭାଗ୍ୟଜନକ' ବୋଲି କହିଥିଲେ ଏବଂ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ସୂଚନା ଦେଇଥିଲେ।

ଏହି ତିନୋଟି ବୟାନରେ କେବଳ ଅନ୍ତର୍ଜାତୀୟ ଜନସାଧାରଣଙ୍କ ଅସନ୍ତୋଷକୁ ଶାନ୍ତ କରିବାର ଇଚ୍ଛା ଜାହିର କରାଯାଇନଥିଲା ବରଂ ଏହି ଘଟଣାର ପରିଣାମକୁ ନେଇ ନେତାମାନଙ୍କ ମଧ୍ୟରେ ରହିଥିବା ଚିନ୍ତା ଏବଂ ସମ୍ଭାବ୍ୟ ଭୟ ମଧ୍ୟ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥିଲା। ଏହି ନେତାମାନେ ନିଜର କାର୍ଯ୍ୟ ଜରିଆରେ ନିରୀହ ନାଗରିକଙ୍କ ହତ୍ୟା ପାଇଁ କିଛି ଉତ୍ତରଦାୟିତ୍ୱ ମୁଣ୍ଡାଇବାର ବାର୍ତ୍ତା ଦେଇଥିଲେ, ଯାହା ଅନ୍ତର୍ଜାତୀୟ ଆଇନ ଦୃଷ୍ଟିରୁ ଏକ ବିପଜ୍ଜନକ ଉଦାହରଣ ସୃଷ୍ଟି କରିପାରେ।

ତେବେ ବାସ୍ତବତା ଖୁବ୍ ଜଟିଳ ବୋଲି ଏହାର ପରବର୍ତ୍ତୀ ଘଟଣାକ୍ରମ ଗୁଡ଼ିକରୁ ଜଣାପଡ଼ିଥିଲା। କାରଣ ଅନେକ ପୀଡ଼ିତ ହମାସର ସଦସ୍ୟ ଥିଲେ। ହେଲେ, ସମ୍ପୂର୍ଣ୍ଣ ସୂଚନା ଆସିବାକୁ ଅପେକ୍ଷା କରିବା ପରିବର୍ତ୍ତେ ଇସ୍ରାଏଲ ଉତ୍ତରଦାୟିତ୍ୱ ମୁଣ୍ଡାଇବାର ବାର୍ତ୍ତା ଦେଲା, ଫଳରେ ଏହାର କୂଟନୈତିକ ଏବଂ ଆଇନଗତ ସ୍ଥିତି ଦୁର୍ବଳ ହୋଇଥିଲା।

ଭାରତ ଠାରୁ ଶିକ୍ଷା : ଠିକ୍ ଏହି ସ୍ଥାନରେ ଆମେ ଶ୍ରୀ ମୋଦୀଙ୍କ ଉଦାହରଣ ଆଡ଼କୁ ଫେରିବା ଉଚିତ୍। ଟ୍ରମ୍ପଙ୍କ ଆକସ୍ମିକ ଏବଂ ଲଗାତାର ଆକ୍ରମଣକାରୀ ବୟାନବାଜିର ସାମ୍ନା କରିବା ପରେ ଶ୍ରୀ ମୋଦୀ ତୁରନ୍ତ କ୍ଷମା ମାଗିବା ପରିବର୍ତ୍ତେ, ରାଷ୍ଟ୍ରୀୟ ସମ୍ମାନର ସୁରକ୍ଷା କରି କଡ଼ା ଶବ୍ଦରେ ଜବାବ ଦେବାକୁ ଉଚିତ୍ ମଣିଥିଲେ।

ହୁଏତ' ତାଙ୍କର ଆଭିମୁଖ୍ୟ କଠୋର ହୋଇପାରେ, କିନ୍ତୁ ସେ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ : ଭାରତ ନିଜକୁ କାହାର ଅଧୀନସ୍ଥ କିମ୍ବା ଦୁର୍ବଳ ରାଷ୍ଟ୍ର ରୂପେ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ।

ଏହାର ବିପରୀତ ଇସ୍ରାଏଲ, ଖାନ୍ ୟୁନିସ୍ ଘଟଣା ପରେ ନିଜକୁ ଅତ୍ୟଧିକ ପାରଦର୍ଶୀ ଏବଂ ଭୟଭୀତ ଥିବା ଭଳି ପ୍ରଦର୍ଶିତ କରିଥିଲା। ହୁଏତ ସ୍ୱଳ୍ପକାଳୀନ କ୍ଷତିକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଇସ୍ରାଏଲ ଏହି ଆଭିମୁଖ୍ୟ ଆପଣାଇ ଥାଇପାରେ, କିନ୍ତୁ ଏହାଦ୍ୱାରା ଦୀର୍ଘକାଳୀନ ରଣନୀତିକ ହିତ କ୍ଷତିଗ୍ରସ୍ତ ହୋଇପାରେ।

ସୁତରାଂ, କୌଣସି ଦେଶ କଷ୍ଟକର ଏବଂ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଲେ ମଧ୍ୟ ନିଜ ରାଷ୍ଟ୍ରୀୟ ସମ୍ମାନକୁ ରକ୍ଷା କରିବା ଉଚିତ। ତରବରିଆ ଭାବେ ଉତ୍ତରଦାୟିତ୍ୱ ମୁଣ୍ଡେଇବାକୁ ଆଗେଇ ଆସିବାକୁ ଏକ ଦୁର୍ବଳତା ଭାବେ ବିବେଚନା କରାଯାଇପାରେ ଏବଂ ଏହାକୁ ବିରୋଧୀମାନେ ଶୋଷଣର ସୁଯୋଗ ଭାବେ ବ୍ୟବହାର କରିପାରନ୍ତି। ଏଭଳି ସ୍ଥିତିରେ ନିଜର ମତ ଉପସ୍ଥାପନ ବେଳେ ସତର୍କତା ଅବଲମ୍ବନ କରିବା ଏବଂ ସିଦ୍ଧାନ୍ତରେ ଦୃଢ଼ ରହିବା ଅତ୍ୟନ୍ତ ଜରୁରୀ ହୋଇଥାଏ।

ରାଷ୍ଟ୍ରୀୟ ସମ୍ମାନ କୌଣସି ବିଳାସ ସାଧନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସମ୍ପତ୍ତି। ଯଦି ଇସ୍ରାଏଲ ନିଜର ସ୍ଥିତି ଏବଂ ସୁରକ୍ଷାକୁ ମଜବୁତ କରିବାକୁ ଚାହୁଁଛି, ତା'ହେଲେ ଦୁନିଆ ଆଗରେ ନିଜର ଦୃଢ଼ କ୍ଷମତାକୁ ପ୍ରଦର୍ଶନ କରିବାକୁ ହେବ। ଏହାର ଅର୍ଥ ହେଉଛି, ଯେତେ ଅନ୍ତର୍ଜାତୀୟ ଚାପ ଥିଲେ ସୁଦ୍ଧା କ୍ଷମା ପ୍ରାର୍ଥନା କରିବାରେ ବିଳମ୍ବ କରାଯିବା ଉଚିତ୍।





# ରଥଯାତ୍ରାରେ ୨୪ ହଜାରରୁ ଅଧିକ ପାସ୍ ବାଣ୍ଟିଛନ୍ତି ସରକାର

## ଅଭିଯୋଗ ସହ ସ୍ପଷ୍ଟୀକରଣ ଦାବି କଲା କଂଗ୍ରେସ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଚଳିତବର୍ଷ ରଥଯାତ୍ରାରେ ରାଜ୍ୟ ସରକାର ପାସ୍ ବଣ୍ଟାକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ କର୍ଡନ ପାସ ୨୫୦୦ ଓ ଅନ୍ୟାନ୍ୟ ୨୨,୫୦୦ ପାସ୍‌କୁ ମିଶାଇ ୨୪,୩୫୦ ପାସ୍ ବଣ୍ଟନ ହୋଇଛି। ଯାହା ପୂର୍ବ ବିଜେଡି ସରକାର ସମୟରେ ବଣ୍ଟା ଯାଇଥିବା ପାସ୍‌ଠାରୁ ପ୍ରାୟ ୫ଗୁଣା ଅଧିକ। କାହା ସ୍ୱାର୍ଥ ସାଧନ ପାଇଁ ଏତେ ସଂଖ୍ୟାରେ ଭିଆଇପି ପାସ୍ ବଣ୍ଟା ଯାଇଥିଲା ଆଇନ ମନ୍ତ୍ରୀ ଏହା ଉପରେ ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ଜୟଶ୍ରୀ ପାତ୍ର ଦାବି କରିଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପାତ୍ର କହିଲେ, ବିରୋଧୀ ଦଳ ଥିବା ବେଳେ ବିଜେପି ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବିରୋଧରେ ଚିତ୍କାର କରୁଥିଲା। ମାତ୍ର କ୍ଷମତାକୁ ଆସିବା ପରେ ବିଜେପି ପୁନର୍ବାର ଧାଡ଼ି ଦର୍ଶନ ଲାଗୁ କରିବା ପାଇଁ ଅଣ୍ଟା ଭିଡ଼ିଛି। ବହୁ ବାଦ ବିବାଦ ପରେ ପରିଚାଳନା କମିଟି ଗଠନ କରାଗଲା, କିନ୍ତୁ ଏହା ଦଳୀୟ କମିଟି ଭଳିଆ ପ୍ରତୀତ ହେଉଛି। କମିଟି ଧାଡ଼ି ଦର୍ଶନ ଉପରେ ପ୍ରାଥମିକତା ଦେଉଛି। ଶ୍ରୀମନ୍ଦିର ନୀତିକାନ୍ତି, ରଥଯାତ୍ରା ସମୟରେ ବ୍ୟାରିକେଡ୍, ରାଧା ମାଧବ ବିଜେ, ବୟସ୍କା ହବିଷ୍ୟାଳୀ ମାଆ, ଭିଡ଼ ପାଇଁ ମହାସ୍ନାନ, ଭୋଗ ଆଦିରେ ଧାଡ଼ି ଦର୍ଶନ ବ୍ୟାଘାତ ସୃଷ୍ଟି କରିବ। ଏହା ଉପରେ କମିଟି ଦୃଷ୍ଟି ରଖିଛି କି ବୋଲି ଶ୍ରୀମତୀ ପାତ୍ର ପ୍ରଶ୍ନ କରିଛନ୍ତି। ମୁଖପାତ୍ର ଲଲାଟେନ୍ଦୁ ଦାସ କହିଲେ, ଶ୍ରୀମନ୍ଦିର ଖଣି ଖାଦାନର ଦିନ ଦ୍ୱିପ୍ରହରରେ ହରିଲୁଟ୍ ଚାଲିଛି। ଦେଶରେ ମହାପ୍ରଭୁଙ୍କ ୬୨ ହଜାର କୋଟି ଟଙ୍କାର ସମ୍ପତ୍ତି ଅଛି। ତହିଁରୁ ଓଡ଼ିଶାରେ ୩୮ ହଜାର କୋଟି ଟଙ୍କାର ସମ୍ପତ୍ତି ରହିଛି। ରାଜ୍ୟରେ ଥିବା ସମ୍ପତ୍ତିର ପ୍ରାୟ ୩୦% କେବଳ ଖୋର୍ଦ୍ଧା ଓ ପୁରୀରେ ଅଛି। ଏହି ସମ୍ପତ୍ତିରେ ହଜାର ହଜାର କୋଟି ଟଙ୍କାର ବାଲି, ମୋରମ ଓ ମାଙ୍କଡ଼ା ପଥର ଖଣି ଅନ୍ତର୍ଭୁକ୍ତ। ଏହି ଖଣି ଖାଦାନକୁ ବହୁବର୍ଷ ହେବ ସରକାର ନିଲାମ କରିନାହାନ୍ତି। ଏହାସତ୍ତ୍ୱେ ଶାସନର ଛତ୍ରଛାୟା ତଳେ ପ୍ରଭାବଶାଳୀ ଲୋକ ଖଣି ଖାଦାନର ହରିଲୁଟ୍ କରି ଚାଲିଛନ୍ତି। ସେ ଆହୁରିମଧ କହିଲେ ଯେ ଗତ ମେ ମାସରେ ହାଇକୋର୍ଟ ମହାପ୍ରଭୁଙ୍କ ସମ୍ପତ୍ତି ରକ୍ଷଣାବେକ୍ଷଣରେ ବ୍ୟତିକ୍ରମ କେବଳ ଆଇନଗତ ସମସ୍ୟା ନୁହେଁ, ବରଂ ଏକ ଆଧ୍ୟାତ୍ମିକ ଅପମାନ ଓ ସାଂସ୍କୃତିକ କ୍ଷତି ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ। ଅତିଶୀଘ୍ର ମହାପ୍ରଭୁଙ୍କ ସମ୍ପତ୍ତି ସରକାର ପୁନର୍ବାର ନିଜ ଅକ୍ତିଆରକୁ ଆଣନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶର ୪ ମାସ ବିତିଯାଇଥିଲେ ସୁଦ୍ଧା ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ମହାପ୍ରଭୁଙ୍କ ସମ୍ପତ୍ତି ଆଇନ ମନ୍ତ୍ରୀଙ୍କ ପରିବାର ଦଖଲରେ ଅଛି କି ନାହିଁ ତାହାର ଏକ ସତ୍ୟପାଠ ଦାଖଲ କରନ୍ତୁ ବୋଲି ମୁଖପାତ୍ର ଶ୍ରୀ ଦାସ ଦାବି କରିଛନ୍ତି।

## ଦୁର୍ଗାପୂଜା, ରାବଣ ପୋଡ଼ି ଓ ଭସାଣୀ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

# ଡିଜେ ସାଉଣ୍ଡ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ



**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**
ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଆଗାମୀ ଦଶହରା ପର୍ବ, ରାବଣ ପୋଡ଼ି ଓ ଭସାଣି ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଧାୟକ ଅମରେନ୍ଦ୍ର ଦାସ ଶାରଦୀୟ ପର୍ବ ମା'ଦୁର୍ଗାଙ୍କ ଆଗମନକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ । ଏଥି ସହିତ ଚଳିତ ବର୍ଷ ରାବଣ ପୋଡ଼ିରେ ଇଲେକ୍ଟ୍ରୋନିକ କୋଲ୍ଡ ଫାୟାରର ବ୍ୟବହାର କରାଗଲେ ଏହା ଅତ୍ୟନ୍ତ ଚିତ୍ତାକର୍ଷକ ହେବା ସହ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ନିଜ ମତ ଦେଇଥିଲେ । ବୈଠକରେ ଉପସ୍ଥିତ ରହି ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଓ ପୌରପାଳିକା ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ପୂଜା ଭସାଣୀରେ ଡି ଜେ ସାଉଣ୍ଡର ଅପବ୍ୟବହାରକୁ ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଯାହା ସର୍ବ ସମ୍ମତିରେ ଗୃହୀତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ଚଳିତ ବର୍ଷ ୨୯.୦୯.୨୦୨୫ ରିଖ ଠାରୁ ୦୩.୧୦.୨୦୨୫ ରିଖ ପର୍ଯ୍ୟନ୍ତ ଜଗତସିଂହପୁର ପୌର ପରିଷଦ ଅଞ୍ଚଳରେ ହେବାକୁ ଥିବା ଦୁର୍ଗାପୂଜା ଉତ୍ସବକୁ ଶାନ୍ତି, ଶୃଙ୍ଖଳା ଓ ଉତ୍ସାହ ଉଦ୍ଦୀପନାର ସହିତ ପାଳନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ, ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସମସ୍ତ ମେଢ଼ କମିଟିର କର୍ମକର୍ତ୍ତାମାନଙ୍କର ସହଯୋଗ କାମନା କରିଥିଲେ। ବିଧାୟକ ଉପସ୍ଥାନ କରିଥିବା ପ୍ରସ୍ତାବକୁ ସହମତି ପ୍ରଦାନ କରି ସମସ୍ତ ସରକାରୀ ନିୟମାବଳୀ ସହ ଏହାର ତଦାରଖ ନିମନ୍ତେ ଆରକ୍ଷୀ ଅଧିକ୍ଷକଙ୍କୁ ଉପଦେଶ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ମଧ ଡି ଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟ ର ବ୍ୟବହାରକୁ ଗୁରୁତ୍ୱ ଦେବା ସହ ପୂଜା ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ପ୍ରତି ସାବଧାନ ରହିବାକୁ ଉପଦେଶ ଦେଇଥିଲେ । ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଚଳିତ ବର୍ଷ ଦୁର୍ଗା ପୂଜା କୁ ଶାନ୍ତି ଶୃଙ୍ଖଳା ର ସହ ପାଳନ କରିବାକୁ ଜିଲ୍ଲାବାସୀ ଙ୍କୁ ନିବେଦନ କରିଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ବିଜୟା ଦଶମୀ ଦିନ ଅର୍ଥାତ୍ ତା ୦୨.୧୦.୨୫ ରିଖ ଦିନ ରାବଣ ପୋଡ଼ି ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହେବ। ସେହିପରି ଭସାଣି ଉତ୍ସବ ତା ୦୩.୧୦.୨୫ରିଖ ଦିନ ଅନୁଷ୍ଠିତ ହେବ। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେରଖି ଉକ୍ତ ୨ ଦିନ କୌଣସି ମେଲୋଡି ପରିବେଷଣ କରାଯିବ ନାହିଁ ବୋଲି ସର୍ବ ସମ୍ମତିରେ ନିଷ୍ପତ୍ତି ଗ୍ରହଣ କରାଗଲା। ରାବଣ ପୋଡ଼ି ଓ ସାଧାରଣ ସଭା ନିମନ୍ତେ ଶ୍ରୀରାମ କ୍ଲବ୍ ଏବଂ ଭସାଣୀ ଉତ୍ସବ ପାଇଁ ସମସ୍ତ କାର୍ଯ୍ୟ ଥାନପତି କ୍ଲବ୍ ସମ୍ପାଦନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ମୂର୍ତ୍ତି ବିସର୍ଜନ ନିମନ୍ତେ ଗାଲୁପଡ଼ା, ପୁରୋହିତପୁର ଏବଂ କଲେଜ ଛକ ଠାରୁ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଡ଼ରେ ଅସ୍ଥାୟୀ ପୋଖରୀ ଖନନ ପାଇଁ ଅଧିକ୍ଷଣ ଯନ୍ତ୍ରୀ (ଜଳ ସମ୍ପଦ), ଅଧିକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠାବାଡ଼ି), ଅଧିକ୍ଷଣ ଯନ୍ତ୍ରୀ (ଗ୍ରାମ୍ୟ ଉନ୍ନୟନ), ଅଧିକ୍ଷଣ ଯନ୍ତ୍ରୀ (ଡ୍ରେନେଜ)ଙ୍କୁ ଦାୟିତ୍ୱ ଦିଆଗଲା। ରାସ୍ତା ମରାମତି ସମୟରେ କେବଳ ଡଷ୍ଟ ନ ପକାଇ ଉପଯୁକ୍ତ ଉପାୟରେ ଯଥାଶୀଘ୍ର ପରସ୍ପର ସମ୍ମନ୍ୱୟରେ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଟ୍ରାଫିକ ନିୟନ୍ତ୍ରଣ ଓ ପୋଲିସ ଶିବିର ଦାୟିତ୍ୱ ଆରକ୍ଷୀ ଅଧିକ୍ଷକ ସମ୍ପାଦନ କରିବେ। ଟାଉନ୍ ହଲ୍ ଠାରୁ ଦଶ ନମ୍ବର, ପୁରୋହିତପୁର ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଆଲିପିଙ୍ଗଳ ଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛର ଡାଳ କଟା କାମ ପୂର୍ତ୍ତ ବିଭାଗ ସମ୍ପାଦନ କରିବେ। ଆସନ୍ତା ୨୦.୦୯.୨୫ ତାରିଖ ସୁଦ୍ଧା ସମସ୍ତ ରାସ୍ତାର ମରାମତି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ଅଧିକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠାବାଡ଼ି) ଏବଂ ଏନ୍.ଏଚ ଡିଭିଜନ କଟକ, ଅଧିକ୍ଷଣ ଯନ୍ତ୍ରୀ ଆର ଡି, ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଲିପିଙ୍ଗଳ ଠାରୁ ପୋଷ୍ଟ ଅଫିସ ରାସ୍ତା ପୂର୍ତ୍ତ ବିଭାଗ, ଦଶ ନମ୍ବର ଠାରୁ ଚାଟରା ବ୍ରିଜ କେନାଲ, ଜିରା ଠାରୁ ଚର୍ଚ୍ଚିକା ବଜାର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଓହଳ ଠାରୁ ବଡ଼ବଜାର କୋର୍ଟ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ନିର୍ବାହୀ ଅଧିକାରୀ ପୌର ପରିଷଦ ସମ୍ପାଦନ କରିବେ। ଅସ୍ଥାୟୀ ପୋଖରୀରୁ ବିସର୍ଜିତ ସାମଗ୍ରୀ ବାହାର କରିବା, ପୋଖରୀ ଜଳକୁ ଚୂନ ପକାଇ ବିଶୋଧିତ କରିବା, ପୋଖରୀ ନିକଟରେ ଡଷ୍ଟବିନ୍ ରଖିବା, ବିସର୍ଜନ ସ୍ଥଳୀ ଓ ମେଲଣ ପଡିଆରେ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରିବା ସହିତ ୫ଟି ଜେନେରେଟର ରଖିବା ପାଇଁ ନିର୍ବାହୀ ଅଧିକାରୀ ପୌର ପରିଷଦ ବିହିତ ବ୍ୟବସ୍ଥା ଗ୍ରହଣ କରିବେ। ବୈଠକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରାବଣ ପୋଡ଼ି ଓ ଭସାଣୀ ଉତ୍ସବ ଦିନ ମେଲଣ ପଡିଆରେ ଓ ଅସ୍ଥାୟୀ ପୋଖରୀ ନିକଟରେ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପାନୀୟ ଜଳର ବ୍ୟବସ୍ଥା, ସହରରେ ପାଣି ପାଇପ୍ ମରାମତି, ରାବଣ ପୋଡ଼ି ଓ ଭସାଣି ଦିନ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ୍ ବିଷୟରେ ନିଷ୍ପତ୍ତି ନିଆଯାଇଥିଲା। ଦୁର୍ଗାପୂଜା ସମୟରେ ଡିଜେ ସାଉଣ୍ଡ ନ ବଜାଇବା, ଶାନ୍ତି ଶୃଙ୍ଖଳାର ସହ ପୂଜା ଓ ଭସାଣୀ କରିବା, ପ୍ରତ୍ୟେକ ମେଢ଼ ପାଖରେ ସି ସି ଟିଭି ଲଗାଇବା ଏବଂ ନିୟମଭଙ୍ଗକାରୀ ବିରୁଦ୍ଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବାକୁ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଥିଲେ। ମେଲଣ ପଡିଆ ଓ ବିସର୍ଜନ ସ୍ଥଳୀରେ ଦମକଳ ଗାଡ଼ି ରଖିବା, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରିବା, ଅସ୍ଥାୟୀ ପୋଖରୀ ନିକଟରେ ଡଷ୍ଟବିନ ରଖିବା, ନିର୍ଦ୍ଧାରିତ ସମୟ ଏବଂ ସ୍ଥାନରେ ମେଢ଼ମାନଙ୍କ ଉପସ୍ଥିତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ପାର୍କିଂ ଜୋନ ଓ ନୋ ପାର୍କିଂ ଜୋନ ଚିହ୍ନିତ କରିବା ପାଇଁ ପୌର ନିର୍ବାହୀ ଅଧିକାରୀ ଶ୍ରୀମତି ସୀମା ଜେନା ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଜିଙ୍କ୍ୟ ମାଣେଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ପୂଜା ମଣ୍ଡପ ରେ ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ, ମୂର୍ତ୍ତି ରେ ମାଟି ଓ ପ୍ରାକୃତିକ ରଙ୍ଗର ବ୍ୟବହାର ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପୂଜା କମିଟିର କର୍ମକର୍ତ୍ତା ମାନେ ସରକାରୀ ଅଧିକାରୀ ମାନଙ୍କୁ ପୂଜା ମଣ୍ଡପ ବୁଲିବା ପାଇଁ ଆମନ୍ତ୍ରଣ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ସମସ୍ତ ମେଢ଼ର କର୍ମକର୍ତ୍ତା, ଶାନ୍ତି କମିଟିର ସଦସ୍ୟ, ସମସ୍ତ ବିଭାଗୀୟ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ଆଇନଜୀବୀ ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ବିବରଣୀ ପାଠ କରିଥିଲେ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀ କଲ୍ୟାଣ ସଂଘ ତରଫରୁ ସୁନାମୁଦୀରେ ବିଶାଳ ନୂଆଁଖାଇ ଭେଟଘାଟ



**ପାଟଣାଗଡ଼, ନ୍ୟୁଜ ବ୍ୟୁରୋ**
ବଲାଙ୍ଗିର ଜ଼ିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ ବ୍ଲକ ତରଫରୁ ସୁନାମୁଦୀ ଠାରେ ବିଶାଳ ଆଦିବାସୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀମାନେ ପାରମ୍ପରିକ ନୃତ୍ୟଗୀତ ସହିତ ଗାଁରେ ସାଂସ୍କୃତିକ ଶୋଭାଯାତ୍ରା କରିଥିଲେ । ସଂଘର ବ୍ଲକ ସଭାପତି ଭୁବନେଶ୍ୱର କୁଅଁରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ସଂଘର ଜ଼ିଲ୍ଲା ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା, ବ୍ଲକ ସଭାପତି ପଦ୍ମନ ପ୍ରଧାନୀ ଟିଟିଲାଗଡ଼, ମନରଞ୍ଜନ ଭୋଇ ବଙ୍ଗୋମୁଣ୍ଡା, ରାଜୀବ କୁଅଁର ମୁରିବାହାଲ, ସନ୍ତୋଷ ପୁଟା ସଇଁତଲା, ବଲାଙ୍ଗିର ନଗର ସଭାପତି ରାମଚନ୍ଦ୍ର ମୁର୍ମୁ, ଟିଟିଲାଗଡ଼ ନଗର ସଭାପତି ନିତ୍ୟାନନ୍ଦ ମାଝୀ,ଶ୍ରୀମତୀ ଲକ୍ଷ୍ମୀ ଶବର ଖପ୍ରାଖୋଲ, ଭୁବନେଶ୍ୱର ଧରୁଆ ଆଗଲପୁର, ପ୍ରଫୁଲ୍ଲ ପ୍ରଧାନୀ, କୈଳାଶ ପ୍ରଧାନୀ, ପାର୍ଥରାମ ଭୋଇ, ସଂକୀର୍ତନ ସିକା,ସୁନାମୁଦୀ ପଞ୍ଚାୟତ ସଭାପତି ଲଳିତ ମିର୍ଦ୍ଧା, ସମ୍ପାଦକ ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ ସଭାକୁ ସାଧାରଣ ସମ୍ପାଦକ ଗିରିଧାରୀ ଭୋଇ ପରିଚାଳନା କରିଥିଲେ । ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ତାଙ୍କ ବକ୍ତବ୍ୟ ରେ ପ୍ରକାଶ କରିଥିଲେ ଯେ ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଅଛନ୍ତି ସତ କିନ୍ତୁ ଆଦିବାସୀ ସମ୍ପ୍ରଦାୟ ର ବିକାଶ ପାଇଁ କୌଣସି କାର୍ଯ୍ୟ କରାଯାଉନାହିଁ। ଆଦିବାସୀ ସମୁଦାୟର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଯୋଜନା ଗୁଡିକୁ ସରକାର ବନ୍ଦ କରିଦେଉଛନ୍ତି । ଉଦାହରଣ ମାଧ୍ୟମରେ ସାଂସଦ ଶ୍ରୀ ବିଶି ଉଦବେଗ ପ୍ରକାଶ କରି କହିଲେ ଯେ ରାଜ୍ୟରେ ୨୩ ପ୍ରତିଶତ ଆଦିବାସୀ ଛାତ୍ରଛାତ୍ରୀ ପାଇଁ ଘରୋଇ ଇଂରାଜୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଏସଟି ଏସସି ଛାତ୍ରଛାତ୍ରୀ ସରକାରୀ ଖର୍ଚ୍ଚରେ ପଢ଼ିବା ସୁଯୋଗ ପାଉଥିଲେ। ଆବାସିକ ସୁବିଧା ପାଇଁ ଅନ୍ୱେଷା ହଷ୍ଟେଲ ପ୍ରତିଷ୍ଠା ହୋଇଛି। ୨୦୧୫ ମସିହାରୁ ଓଡିଶାରେ ୨୩ ହଜାର ଏସଟି ଏସସି ଛାତ୍ରଛାତ୍ରୀ ୯୮ ଟି ଅନ୍ୱେଷା ହଷ୍ଟେଲ ପଢୁଛନ୍ତି। କିନ୍ତୁ ସରକାର ଏହି ଯୋଜନାରେ ଚଳିତ ଶିକ୍ଷା ବର୍ଷ ରୁ ପ୍ରଥମ ଶ୍ରେଣୀ ରେ ନାମ ଲେଖା ବନ୍ଦ କରିଦେଇଛନ୍ତି। ସରକାରଙ୍କ ଏଭଳିଆ ମାନସିକତା ଏସଟି ଏସସି ବିରୋଧୀ ମନୋଭାବର ପରିଚୟ ବୋଲି ସାଂସଦ ଶ୍ରୀ ବିଶି କ୍ଷୋଭ ପ୍ରକାଶ କରିଥିଲେ। ସେହିଭଳି ମେଡିକାଲ, ଇଞ୍ଜିନିୟରିଂ, ପ୍ରଫେସନାଲ ଉଚ୍ଚ ଶିକ୍ଷାନୁଷ୍ଠାନରେ ଏସଟି ସମ୍ପ୍ରଦାୟ ପାଇଁ ୨୩ ପ୍ରତିଶତ ସଂରକ୍ଷଣ ବଦଳରେ ୧୨ ପ୍ରତିଶତ ଏବଂ ଏସସି ପାଇଁ ୧୭ ପ୍ରତିଶତ ବଦଳରେ ୮ ପ୍ରତିଶତ କୋଟା ବ୍ୟବସ୍ଥାକୁ ରାଜ୍ୟସଭା ସାଂସଦ ଶ୍ରୀ ବିଶି କଡ଼ା ସମାଲୋଚନା କରିଥିଲେ। ଜମି, ଜଳ, ଜଙ୍ଗଲ ଉପରେ ଆଦିବାସୀଙ୍କ ଅଖଣ୍ଡ ଅଧିକାର ରହିଛି। ଆଦିବାସୀ ବସବାସ କରୁଥିବା ଜମି ଜଙ୍ଗଲ ଅଞ୍ଚଳରେ ଖଣିଜ ପଦାର୍ଥ ରହିଛି । ତେବେ ଖଣିଜ ଦ୍ରବ୍ୟ ଉତ୍ତୋଳନ ନାଁରେ ଆଦିବାସୀ ମାନଙ୍କୁ ବିସ୍ଥାପନ କରିବା ଅନୁଚିତ ବୋଲି ଚେତାବନୀ ଦେଇଥିଲେ। ଶେଷରେ ଓଡ଼ିଆ ମାଧ୍ୟମରେ ପଢ଼ିଥିବା ମୁରିବାହାଲ ବ୍ଲକ ଚଲକି ଗାଁ ର ବିଷ୍ଣୁ ଚରଣ ମାଝୀ ନିଟ ପରୀକ୍ଷାରେ ୧୧୧ ରେଙ୍କ ରେ କୃତିତ୍ୱ ହାସଲ କରି ବୁର୍ଲା ମେଡିକାଲ କଲେଜରେ ଏମବିବିଏସ ପଢ଼ିବାର ଉଦାହରଣ ସୃଷ୍ଟି କରି ଥିବାରୁ ଶ୍ରୀ ମାଝୀ ଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ମାଝୀଙ୍କୁ ଉତ୍ସାହିତ କରିବା ପାଇଁ ସଂଘ ତରଫରୁ ୫ହଜାର ଟଙ୍କା ଆର୍ଥିକ ସହଯୋଗ କରାଯାଇଥିଲା।

## ଆଦିତ୍ୟ ଆଲୁମିନା ରିଫାଇନାରୀ ଓ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର

# କଂସାରିଗୁଡାଠାରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପ୍ରାଣୀ ଚିକିତ୍ସାଳୟ



**ରାୟଗଡା, ନ୍ୟୁଜ ବ୍ୟୁରୋ**
ଗ୍ରାମାଞ୍ଚଳରେ ପଶୁପାଳନକୁ ନେଇ ଉତ୍ସାହ ବୃଦ୍ଧି ଓ ସ୍ଥାୟୀ ଜୀବିକା ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ରାୟଗଡା ଜିଲ୍ଲା କଂସାରିଗୁଡା ଠାରେ ପ୍ରତିଷ୍ଠିତ ଆଦିତ୍ୟ ଆଲୁମିନା ରିଫାଇନେରୀ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ଏହି ୟୁନିଟ୍ । ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ) ମଧ୍ୟରେ ଆନୁଷ୍ଠାନିକ ଭାବେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଯାଇଛି। ସ୍ଥାନୀୟ କଂସାରିଗୁଡ଼ା ଠାରେ ଏହି ଆଧୁନିକ ପ୍ରାଣୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହେବ। ଆଦିତ୍ୟ ଆଲୁମିନା ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଏହି ଅଭିନବ ପଦକ୍ଷେପ ଗ୍ରହଣ ହୋଇଥିବା ବେଳେ ସ୍ଥାନୀୟ ଗ୍ରାମାଞ୍ଚଳରେ ଉନ୍ନତ ପ୍ରାଣୀ ସ୍ୱାସ୍ଥ୍ୟସେବା ପାଇଁ ଥିବା ଆବଶ୍ୟକତାକୁ ପୂରଣ ନେଇ ଏହାର ଲକ୍ଷ୍ୟ ରଖିଛି । ଏହି ଅଭିଯାନ ଅଧୀନରେ ଗୃହପାଳିତ ଗାଇ, ଛେଳି, କୁକୁଡ଼ା ଓ ବୁଲା ଜୀବଜନ୍ତୁଙ୍କୁ ଉଚ୍ଚମାନର ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦିଆଯିବ । ଏଥିସହିତ ଏହି ସେବାକୁ ଆହୁରି ବ୍ୟାପକ କରିବା ପାଇଁ ଏକ ସ୍ୱତନ୍ତ୍ର ଆନିମଲ ହେଲଥ୍ ଭ୍ରାମ୍ୟମାଣ ଭ୍ୟାନ୍ ବ୍ୟବସ୍ଥା କରାଯାଇଛି । ଯାହା ମୋବାଇଲ୍ ସେବା ସହିତ କଂସାରିଗୁଡ଼ା ଏବଂ ଲକ୍ଷ୍ମୀପୁର ଅଞ୍ଚଳର ପ୍ରାୟ ୫୦ଟି ଗ୍ରାମରେ ପ୍ରାଣୀ ସ୍ୱାସ୍ଥ୍ୟ ସେବା ଯୋଗାଇବ । ଏହି ସୁବିଧା ଗୃହ ପାଳିତ ପଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଏବଂ ଗ୍ରାମୀଣ ପରିବାରର ଆର୍ଥିକ ଉନ୍ନତିରେ ସହାୟକ ହେବ। ଏ ନେଇ ଆଦିତ୍ୟ ଆଲୁମିନା ରିଫାଇନେରୀ ୟୁନିଟ୍ ହେଡ୍ ଏବଂ ସଭାପତି ଶ୍ରୀ ମଜହର ବେଗ୍ କହିଛନ୍ତି ଯେ, ଏହି ପଦକ୍ଷେପ ସମସ୍ତଙ୍କ ପାଇଁ ଅଭିବୃଦ୍ଧି, ସ୍ଥାୟୀ ଜୀବିକା ଓ ପ୍ରାଣୀ ଚିକିତ୍ସା ମାଧ୍ୟମରେ ତୃଣମୂଳ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ପ୍ରାଣୀ ଚିକିତ୍ସା ସେବା ବ୍ୟତୀତ, ଆଦିତ୍ୟ ବିର୍ଲା ରିଫେନେରି ସିଏସଆର ଦ୍ୱାରା ଏହି ଅଭିଯାନ ମାଧ୍ୟମରେ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା, ଆୟ ବୃଦ୍ଧି ଏବଂ ଉନ୍ନତ ପଶୁପାଳନ ଅଭ୍ୟାସ ମାଧ୍ୟମରେ ଗ୍ରାମୀଣ ସମୁଦାୟକୁ ସଶକ୍ତ କରିବା ଉପରେ ଏକ ସାମଗ୍ରିକ ପଦକ୍ଷେପ । ସମ୍ପୃକ୍ତି ପ୍ରୟାସ ପାଇଁ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏହାର ଦୀର୍ଘକାଳୀନ ସଫଳତା ପାଇଁ ବୈଷୟିକ ଜ୍ଞାନକୌଶଳ ଏବଂ କାର୍ଯ୍ୟକ୍ଷେତ୍ରରେ ପରିଚାଳନାଗତ ସହାୟତା ପ୍ରଦାନ କରିବ । ଏହି ବୁଝାମଣା ପତ୍ର ଆଦିତ୍ୟ ଆଲୁମିନା ରିଫାଇନାରୀର ୟୁନିଟ୍ ହେଡ୍ ଏବଂ ସଭାପତି ମଜହର ବେଗ୍ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡଃ ଅନିତା ପାତ୍ରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ପ୍ରଫେସର ଡଃ ମୁକ୍ତି କାନ୍ତ ମିଶ୍ର, ସଭାପତି, ସିୟୁଟିଏମ୍, ଶ୍ରୀମତୀ ଅରୁନ୍ଧତୀ ବିଶ୍ୱାଳ, ନିର୍ଦ୍ଦେଶକ – ପାର୍ଟନରସିପ୍ସ, ସିୟୁଟିଏମ୍, ଦୀପକ ମହାନ୍ତି, ମୁଖ୍ୟ – ଏଚ୍‌ଆର, ଆଦିତ୍ୟ ଆଲୁମିନା ରିଫାଇନାରୀ, ମୃତ୍ୟୁଞ୍ଜୟ ଲେଙ୍କା, ଉପ-ସଭାପତି ମାଇନ୍ସ, ତନ୍ମୟ ମାହାନ୍ତି, ମୁଖ୍ୟ ସିଏସଆର ଏବଂ ଆର୍ ଓ ଆର୍ ଙ୍କ ସମେତ ଆଦିତ୍ୟ ଆଲୁମିନା ଓ ସିୟୁଟିଏମ୍ ଅନୁଷ୍ଠାନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଦିତ୍ୟ ଆଲୁମିନା ରିଫାଇନେରୀର ଏହି ପଦକ୍ଷେପ ଗୋଷ୍ଠୀ କଲ୍ୟାଣ ଏବଂ ସ୍ଥାୟୀ ଗ୍ରାମୀଣ ବିକାଶ ପ୍ରତି ହିଣ୍ଡାଲକୋ ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଦର୍ଶାଉଛି।

# ବଢ଼ି ଚାଲିଛି ସାଇବର କ୍ରାଇମ୍

## ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରଙ୍କ ଫେକ୍ ମେଲ୍ ଆଇଡି କଲେ ସାଇବର ଅପରାଧୀ

**କଟକ, ନ୍ୟୁଜ ବ୍ୟୁରୋ**
ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରଙ୍କ ଫେକ୍ ମେଲ୍ ଆଇଡି କଲେ ସାଇବର ଅପରାଧୀ । ଦିନକୁ ଦିନ ବଢ଼ି ଚାଲିଛି ସାଇବର କ୍ରାଇମ୍ । ଗୋଟିଏ ପଟେ କେନ୍ଦ୍ର ସରକାର ପ୍ରତ୍ୟେକ କାର୍ଯ୍ୟକୁ ସହଜ ଓ ସରଳ ଉପାୟରେ କରିବା ପାଇଁ ଅନଲାଇନକୁ ପ୍ରାଥମିକତା ଦେଉଥିବା ବେଳେ ସାଇବର ଲୁଟେରା ମାନେ ଭିନ୍ନ ଭିନ୍ନ ତରିକାରେ ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି । ଏମିତି କିଛି ଅଭିଯୋଗ ଆସିଛି କଟକ ସିଡିଏ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ । ଅଭିଯୋଗ ଅନୁଯାୟୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବହୁ କର୍ମଚାରୀଙ୍କ ନାମରେ ହୋଇଛି ଫେକ୍ ମେଲ ଆଇଡି। ଫେକ୍ ମେଲ୍ ଆଇଡି କରି ସିଟି ଅର୍ବାନ ଏଡିପିଏଚଓଙ୍କୁ ଅଫିସିଆଲ୍ ତଥ୍ୟ ମଗାଯାଇଥିବା ଅଭିଯୋଗ । ଏମିତିକି ମେଲ୍ ଆଇଡିରେ ଉକ୍ତ କର୍ମଚାରୀ ମାନଙ୍କ ଫଟୋକୁ ମଧ ବ୍ୟବହାର କରାଯାଇଛି । ଶନିବାର ସନ୍ଧ୍ୟା ସମୟରେ ଏହି ମେଲ୍ ଗୁଡ଼ିକ ଯାଇଥିବା ବେଳେ ଯେତେବେଳେ ଉପରିସ୍ଥ ଅଧିକାରୀ ମାନେ ପଚାରିଥିଲେ ସେତେବେଳେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା । କେହି ଅଫିସ ଲୋକ ସଂପୃକ୍ତ ଥିବା କର୍ମଚାରୀ ମାନେ ଅନୁମାନ କରୁଥିବା ବେଳେ ଏହି ଘଟଣାକୁ ନେଇ କଟକ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି କର୍ମଚାରୀ ମାନେ।

# ଧର୍ମ ବା ଜାତି ଆଧାରରେ ଭେଦଭାବ ଯେପରି ନ ହେବ ତାହା ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ ବ୍ୟୁରୋ**
ଧର୍ମ ବା ଜାତି ଆଧାରରେ କୌଣସି ପ୍ରକାର ଭେଦଭାବ ଯେପରି ନ ହେବ ତାହା ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୀବନ ଅମୃତ (ଜଳ) ପ୍ରଦାନ କରିବା କ୍ଷେତ୍ରରେ କୌଣସି ଭେଦଭାବ କରାଯାଇ ପାରିବ ନାହିଁ। ସରକାର ନିଜର ସବୁ ନାଗରିକଙ୍କୁ ସାମନ ରୂପରେ ପ୍ରଦାନ କରୁଥିବା ସୁବିଧାରୁ ସମାଜର ନିର୍ଦ୍ଦିଷ୍ଟ ବର୍ଗକୁ ବଞ୍ଚିତ କରାଯିବା ଅକଳ୍ପନୀୟ। ରାଜ୍ୟର କୌଣସି ଧର୍ମ ନଥିବା ବେଳେ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ସମସ୍ତ ନାଗରିକଙ୍କୁ ସମାନ ସୁଯୋଗ ଓ ସମାନତା ପ୍ରଦାନ କରିଛି। ରାଜ୍ୟ କୌଣସି ନାଗରିକଙ୍କୁ ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ, ଜନ୍ମସ୍ଥାନ କିମ୍ବା ଏମାନଙ୍କ ମଧ୍ୟରୁ କୌଣସି ଗୋଟିଏ ଆଧାରରେ ଭେଦଭାବ କରିବାକୁ ସମ୍ବିଧାନର ଧାରା ୧୫ ନିଷେଧ କରିଛି ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବଉରିଗୁଡ଼ା ଗ୍ରାମର ନଳକୂପ ମରାମତି ପ୍ରସଂଗ ନେଇ କୃଷ୍ଣଚନ୍ଦ୍ର ମହାନନ୍ଦ ଓ ଅନ୍ୟମାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ଧର୍ମ ବା ଜାତି ଆଧାରରେ ଗ୍ରାମର କୌଣସି ବାସିନ୍ଦା ଯେପରି ନଳକୂପ ମାଧ୍ୟମରେ ଜଳର ଉତ୍ସ ଉପଯୋଗ ବା ବ୍ୟବହାର କରିବା କ୍ଷେତ୍ରରେ ଯେଭଳି କୌଣସିପ୍ରକାର ଭେଦଭାବ ନ ହେବ ତାହା ସରକାର ସୁନିଶ୍ଚିତ କରିବେ। ଯଦି ସମାଜର କୌଣସି ବର୍ଗ ସମ୍ବିଧାନର ମୂଳଦୁଆକୁ ଅତିକ୍ରମଣ କରି ଅନ୍ୟ ଏକ ବର୍ଗ ଗୁଡ଼ିକ ଉପରେ ଏପରି ରୋକ ଲଗାଏ ତେବେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରସଂଗ ସୁନିଶ୍ଚିତ କରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ପୁରୁଣା ନଳକୂପ ମରାମତି ସମ୍ଭବ ହୋଇ ନଥିଲା। ନିକଟରେ ଏକ ନୂଆ ନଳକୂପ ବସା ଯାଇଛି ଓ ଗ୍ରାମବାସୀଙ୍କ ପାଇଁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଭଳି ତଥ୍ୟକୁ ବିଚାରକୁ ନେଇ ହାଇକୋର୍ଟ ଏ ସଂପର୍କିତ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବଉରିଗୁଡ଼ା ଗ୍ରାମର ନଳକୂପ ମରାମତି ପ୍ରସଂଗ ନେଇ କୃଷ୍ଣଚନ୍ଦ୍ର ମହାନନ୍ଦ ଓ ଅନ୍ୟମାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜିଏସ୍‌ଟିର ଲାଭ...

ମମତା ବାନାର୍ଜୀ ବ୍ୟକ୍ତିଗତ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ଉପରେ ଜିଏସ୍‌ଟି ଛାଡ ପାଇଁ ପରାମର୍ଶ ଦେଇଥିଲେ । ଏହାକୁ ନେଇ ମଧ ସୀତାରମଣ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ସମସ୍ତ ରାଜ୍ୟ ଦଳୀୟ ଲାଇନ୍‌ରୁ ବାହିରି ଏଥିରେ ଅବଦାନ ଦେଇଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୀମା ଉପରେ ମୋତେ ଏକ ପତ୍ର ଲେଖିପାରିଥାନ୍ତେ । ମୋର କହିବା କଥା ହେଉଛି ଯେ ଜିଏସ୍‌ଟି ପରିଷଦରୁ ବାହାରି ପ୍ରଥମେ ମୁଁ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲି, ମୁଁ ପରିଷଦରେ ଉପସ୍ଥିତ ଥିବା ପ୍ରତ୍ୟେକ ମନ୍ତ୍ରୀ, ପ୍ରତ୍ୟେକ ଅର୍ଥମନ୍ତ୍ରୀଙ୍କୁ, ସେମାନେ ଯେକୌଣସି ଦଳ ସହିତ ଜଡିତ ଥାଆନ୍ତୁ ନା କାହିଁକି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲି । କହିଥିଲି ଯେ ଆପଣ ସମସ୍ତେ ଏବଂ ଆମେ ସମସ୍ତେ ମିଶି, କିଛି ଏମିତି ନେଇକି ଆସିଛୁ, ଯାହା ସାଧାରଣ ଲୋକଙ୍କ ଉପରେ ଆଶ୍ଚର୍ଯ୍ୟଜନକ ଭାବରେ ସକାରାତ୍ମକ ପ୍ରଭାବ ପଡିବ । ସେଥିପାଇଁ , ମୁଁ ପ୍ରତ୍ୟେକଙ୍କ ନିକଟରେ କୃତଜ୍ଞ।' ସୀତାରମଣ କହିଛନ୍ତି, 'ମୁଁ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ପୂର୍ଣ୍ଣ ଭରସା ଏବଂ ବିଶ୍ୱାସ ରଖିଛି । ଯିଏ ଟାରିଫ୍ ମାମଲାଗୁଡ଼ିକୁ ସମ୍ଭାଳିବାରେ ଅତ୍ୟନ୍ତ କୁଶଳୀ । ସେ ରାଷ୍ଟ୍ରକୁ ସର୍ବୋପରି ମାନନ୍ତି ଏବଂ ଭବିଷ୍ୟତରେ କିମ୍ବା ଆଜି ଯେକୌଣସି ନିଷ୍ପତ୍ତି ନେବେ , ତାହା ଏଥିରୁ ଭିନ୍ନ ହେବ ନାହିଁ । ଏହା ରାଷ୍ଟ୍ର ପାଇଁ ହେବ ଏବଂ ସେ ଏହା ନିଶ୍ଚିତ କରିବେ ଯେ ଭାରତ ଉପରେ କୌଣସି ପ୍ରତିକୂଳ ପ୍ରଭାବ କିମ୍ବା ଆଘାତ ନ ପଡୁ ।' ଭାରତର ବୈଶ୍ୱିକ ଆଭିମୁଖ୍ୟ ଉପରେ ସେ ଜୋର ଦେଇ କହିଛନ୍ତି ଯେ ଭାରତ ହିଁ ତାଙ୍କର ପ୍ରାଥମିକତା । ତେବେ ସେ ୫୦ ପ୍ରତିଶତ ଆମେରିକୀୟ ଟାରିଫର ସ୍ୱଳ୍ପକାଳୀନ ପ୍ରଭାବକୁ ସ୍ୱୀକାର କରିଛନ୍ତି, କିନ୍ତୁ ଆଶ୍ୱାସନା ଦେଇଛନ୍ତି ଯେ ରପ୍ତାନିକାରୀମାନଙ୍କୁ ତାଙ୍କ ସରକାର ଦ୍ୱାରା ସମର୍ଥନ ମିଳିବ ।

### ଝାରସୁଗୁଡ଼ାକୁ ଦେଶର...

ମନ୍ତ୍ରୀ ଡ. ମହାପାତ୍ର ପରିମଳ ଓ ପରିଷ୍କାର ଦିଗରେ ଶୂନ୍ୟ ସହନଶୀଳତା ଅବଲମ୍ବନ ସରକାରଙ୍କ ପ୍ରାଥମିକତା ବୋଲି କହିବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଡାକରା 'ଏକ ପେଡ଼ ମା' କେ ନାମ, ସ୍ୱଚ୍ଛତା ହିଁ ସଭ୍ୟତା' ଅଧୁନା ଅପରିହାର୍ଯ୍ୟ ବୋଲି କହିଥିଲେ। ଏମ୍‌ସିଏଲ୍ ପ୍ରେକ୍ଷାଳୟରେ ପୁଷ୍ପାଶ୍ରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ପ୍ରାକ ସୂଚନା ଦେଇଥିବା ବେଳେ ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୀପାବଳିରେ...

ଋତୁରେ ଏକ ଉପହାର ଭାବରେ ଏକ ବଡ଼ ଆଶ୍ୱସ୍ତି ହୋଇପାରେ ବୋଲି କୁହାଯାଉଛି। ଡିଏ ବୃଦ୍ଧି ପରେ, ଯଦି ଜଣେ କର୍ମଚାରୀଙ୍କ ମୂଳ ଦରମା ୫୦,୦୦୦ ଟଙ୍କା ହୋଇଥାଏ, ତେବେ ପୂର୍ବରୁ ସେ ୫୫ ପ୍ରତିଶତ ହାରରେ ୨୭,୫୦୦ଟଙ୍କା ପାଉଥିଲେ। କିନ୍ତୁ, ଡିଏ ଲାଗୁ ହେବା ପରେ ଏହା ୨୯,୦୦୦ ଟଙ୍କାକୁ ବୃଦ୍ଧି ପାଇବ। ଅର୍ଥାତ୍, ପ୍ରତି ମାସରେ ପ୍ରାୟ ୧୫୦୦ ଟଙ୍କା ଅତିରିକ୍ତ ଲାଭ ମିଳିବ। ଅର୍ଥନୀତିଜ୍ଞମାନଙ୍କ ଅନୁସାରେ ବର୍ତ୍ତମାନ ଏହି ଡିଏ ବୃଦ୍ଧି କର୍ମଚାରୀ ଏବଂ ପେନସନଭୋଗୀଙ୍କୁ କ୍ଷଣସ୍ଥାୟୀ ଆଶ୍ୱସ୍ତି ପ୍ରଦାନ କରିବ। କିନ୍ତୁ ୮ମ ବେତନ କମିଶନ ଲାଗୁ ହେବା ପରେ ପ୍ରକୃତ ପରିବର୍ତ୍ତନ ଦେଖାଯିବ ।

### ୧୩ ଯାଏଁ ...

ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମରେ ଘଡ଼ଘଡ଼ି, ବିଜୁଳି ଓ ପବନ ହେବ। ମଙ୍ଗଳବାରରୁ ବୁଧବାର ମଧ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ଘଡ଼ଘଡ଼ି ଓ ବିଜୁଳି ସହ ପବନ ହେବ।

Mail ID: - eepwd.bgr@rediffmail.com
eepwd.bgr@gmail.com
Ph. No. 06652-232374
B-491

GOVERNMENT OF ODISHA
OFFICE OF THE SUPERINTENDING ENGINEER,
BOLANGIR (R&B) DIVISION: BOLANGIR
BID IDENTIFICATION No: BGR R&B/ 15/ 2025-26
No. 5724 // Dtd.26.08.2025

1. The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of building work and road work detailed in the table below from eligible contractors.
2. Nature of work : Building Work and Road Work
3. No of tender : 2 Nos. Building Work and 6 Nos. Road Work
4. Tender cost : Rs. 600/-, Rs. 4000/- and Rs. 6000/- (Tender paper cost)
5. Class of Contractor : "D", "C" and "B" Class Contractor (Registered in CDMS)
6. Date & Time of sale & Receipt of Bids : From Dt.09.09.2025,11.00 A.M Dt. 15.09.2025 up to 5.00 P.M
7. Date of opening bid : Dt.16.09.2025 at 11.30 A.M
8. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.

OIPR-34028/11/0036/2526
Superintending Engineer
Bolangir (R&B) Division

ଉତ୍କଳ ଦୀପିକା

ଭୁବନେଶ୍ୱର
୦୮ ସେପ୍ଟେମ୍ବର,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ଇନ୍ଦ୍ର-ଗୋବିନ୍ଦ ପୂଜା ସମ୍ପନ୍ନ

**ପୁରୀ ,୦୭/୯ ନ୍ୟୁଜ ବ୍ୟୁରୋ**

ଇନ୍ଦ୍ର-ଗୋବିନ୍ଦ ପୂଜା ଭାଦ୍ରବ ମାସର ଗୋଟିଏ ବିଶେଷ ପର୍ବ। ଭାଦ୍ରବପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ଏହି ପର୍ବ ପାଳିତ ହୋଇଯାଇଛି। ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନର 'ଇନ୍ଦ୍ରଧ୍ୱଜ ପୂଜା' ସହିତ ଏହାର ସଂପର୍କ ରହିଛି। ଏକଦା ଏହା ଭାରତବର୍ଷର ତଥା ଓଡ଼ିଶାର ଏକ ବଡ଼ ଉତ୍ସବ ଥିଲା । ଶ୍ରୀଜଗନ୍ନାଥ ମନ୍ଦିରରେ ମଧ୍ୟ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନ ଏହି 'ଇନ୍ଦ୍ରଧ୍ୱଜ ପୂଜା' ହୋଇଥାଏ। କିନ୍ତୁ ଏହାର ଗୋଟିଏ ସ୍ୱତନ୍ତ୍ର ବିଧି ରହିଛି। ସେଦିନ ସନ୍ଧ୍ୟାଧୂପ ସରିବା ପରେ, ସ୍ନାନବେଦୀ ପାଖ ଚାହାଣିମଣ୍ଡପଠାରେ (ବଡ଼ଛତା ମଠ କୋଣରେ) କୋଠ ସୁଆଁସିଆ ସେବକ ସାତମେଘଙ୍କୁ ବାଉଁଶରେ ତିଆରି କରି ଗୋଟିଏ କାଠ ଗୟଳରେ ବାନ୍ଧନ୍ତି । ଏହି ସାତମେଘ ବନ୍ଧା ହେବାର ଗୋଟିଏ ପୌରାଣିକ ଭିତ୍ତି ରହିଛି। ପୁରାଣରେ ସମ୍ବର୍ତ୍ତକ, ଆବର୍ତ୍ତକ, ପୁଷ୍କର ଓ ଦ୍ରୋଣ ନାମରେ ଚାରିମେଘଙ୍କର ବର୍ଣ୍ଣନା ରହିଛି। କିନ୍ତୁ ଗୋପପୁରରେ ଇନ୍ଦ୍ର ସାତଦିନ ବର୍ଷା କରିଥିଲେ । 'ଭାଗବତ'ରେ ଏ ସଂପର୍କରେ କୁହାଯାଇଛି ଯେ, "ଇନ୍ଦ୍ର ଯେ ଶୂନ୍ୟେ ରହିଥିଲା। ସପତ ଦିନ ବରଷିଲା।" ତେଣୁ ଏଠାରେ ମେଘଙ୍କର ସଂଖ୍ୟା ସାତ ହୋଇଛି। ଏହି ସାତମେଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ସେଠାରେ ବନ୍ଧା ହୋଇ ରହନ୍ତି। ପୂର୍ଣ୍ଣିମା ଦିନ ହୁଏ 'ଇନ୍ଦ୍ର-ଗୋବିନ୍ଦ ବନ୍ଦାପନା'। ସେଦିନ ହରଚଣ୍ଡୀ ସାହି ଆଖଡ଼ା ଅନ୍ତର୍ଗତ ବାସେଳୀ ସାହିରୁ 'ଇନ୍ଦ୍ରହାତୀ' (ଐରାବତ ପ୍ରତିମା) ଆସେ । ହାତୀ ପିଠିରେ ଇନ୍ଦ୍ର (ବେଶଧାରୀ)



ଆସନ୍ତି। ଏହି ଅବସରରେ ଶ୍ରୀମନ୍ଦିରରେ ଇନ୍ଦ୍ର-ଗୋବିନ୍ଦ ବନ୍ଦାପନା ନୀତି ହୋଇଥିଲା। ଇନ୍ଦୁ ପୂର୍ଣ୍ଣିମା ଦିନ ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁଙ୍କୁ ଖଣ୍ଡିଏ ମାଳ ଲାଗିଥିଲା। ଦକ୍ଷିଣୀ ଘର ଭୋଗ ସରିବା ପରେ ଛାମୁ ଦିହୁଡ଼ି ସହ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ହସ୍ତରେ ବିଜେ କରାଇ ଭିତର ସିଂହାସନ ଉପରେ ରଖିଥିଲେ। ଏହାପରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ତତ୍ପରେ ମହାଜନ ସେବକ ଦୋଳଗୋବିନ୍ଦଙ୍କୁ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଏହାପରେ ବିମାନବଡୁ ସେବକ ଉକ୍ତ ପାଲିଙ୍କିଟିକୁ ଘଣ୍ଟ, ଛତ୍ର, କାହାଳୀ ସହ ବଡ଼ ଛତା ମଠ ନିକଟରେ ଥିବା ଟିକିରା ଗୋହିରୀ ନିକଟକୁ ନେଇଥିଲେ। ଏହାପରେ ବାସେଳି ସାହିରୁ ଇନ୍ଦ୍ର ହାତୀ ଆସିଥିଲେ। ଶୀତଳ ଭୋଗ ହେବା ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର, ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ବନ୍ଦାପନା ପରେ ଦିଅଁ ଦେଉଳକୁ ବାହୁଡ଼ା ବିଜେ କରିଥିଲେ।

# ଆସନ୍ତା ୧୪ରେ ଶ୍ରୀମନ୍ଦିରରେ ସହସ୍ର କୁମ୍ଭାଭିଷେକ ନୀତି

**ପୁରୀ ୦୭/୦୯ ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୪ ତାରିଖ ରବିବାର ମୂଳାଷ୍ଟମୀରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ସହସ୍ର କୁମ୍ଭାଭିଷେକ ନୀତି । ଶ୍ରୀକ୍ଷେତ୍ରାଧିଶ୍ୱରୀ ମା' ବିମଳାଙ୍କ ଷୋଡ଼ଶଦିନାତ୍ମକ ପୂଜାର୍ଚ୍ଚନାର ଶୁଭାରମ୍ଭ ହେବ । ଏହି ଅବସରରେ ବଡ଼ଦେଉଳରେ ପାଳିତ ହେବ ଦୁର୍ଗା-ମାଧବ ଉପାସନା । ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ହେଉଛନ୍ତି ମାଧବ। ସର୍ବତ୍ର ଦୁର୍ଗାଙ୍କ ସହିତ ମହାଦେବଙ୍କ ଉପାସନାର ପରମ୍ପରା ରହିଛି । ହେଲେ ଶ୍ରୀକ୍ଷେତ୍ରରେ ମାଧବଙ୍କ ସହିତ ଦୁର୍ଗାଙ୍କ ଉପାସନାର ପ୍ରଚଳନ ରହିଛି। ଚଳିତ ବର୍ଷ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ସମେତ ପୀଠମାନଙ୍କରେ ୧୭ ଦିନ ଶାରଦୀୟ ଦୁର୍ଗା ପୂଜା ହେବ। ଚଳିତ ମାସ ୨୮ ତାରିଖ ରବିବାର ଦେବୀଙ୍କ ମହାସପ୍ତମୀ ପୂଜା, ୨୯ ତାରିଖ ମହାଷ୍ଟମୀ ପୂଜା ଓ ୩୦ ତାରିଖ ମହାନବମୀ ପୂଜା ହେବ । ଅକ୍ଟୋବର ୧ ତାରିଖ ବୁଧବାର ବିଶ୍ରାମ। ୨ ତାରିଖ ଗୁରୁବାର ଠାକୁରାଣୀଙ୍କ ଦଶହରା ପୂଜା ହେବ। ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ



ଷୋଡ଼ଶଦିନାତ୍ମକ ପୂଜା। ଏହି ଅବସରରେ ମହିଳାଙ୍କୁ ମା'ବିମଳାଙ୍କ ମନ୍ଦିରକୁ ପ୍ରବେଶ ବାରଣ ରହିଥାଏ। ପୂଜା ଆରମ୍ଭରେ ମହାପ୍ରଭୁଙ୍କ ସକାଳ ଧୂପ ବଢ଼ିବା ପରେ ଭଣ୍ଡାରରୁ ମା'ଦୁର୍ଗାଙ୍କ ସ୍ୱର୍ଣ୍ଣ ପ୍ରତିମା ଆଣି ରତ୍ନ ସିଂହାସନରେ ବିଜେ କରାଯିବ । ମା'ସୁଭଦ୍ରାଙ୍କ ଆଜ୍ଞାମାଳ ମା'ଦୁର୍ଗାଙ୍କୁ ଲାଗି କରାଯିବ । ଦେବୀ ମାର୍ଜଣା ମଣ୍ଡପକୁ ବିଜେ ହୋଇ ଠାକୁରାଣୀଙ୍କ କୁମ୍ଭାଭିଷେକ ହେବ । ମାଧବଙ୍କ ପ୍ରତିମୂର୍ତ୍ତିକୁ ବିଜେ କରାଯାଇ ଦୁର୍ଗାଙ୍କ ସହ ରୁନ୍ଧା ହୋଇ ଏକତ୍ର ଇନ୍ଦ୍ର ଆସନରେ ବିଜେ ହେବେ। ପରେ ସୁସଜ୍ଜିତ ବିମାନରେ ଯାଇ ମା'ବିମଳା ଠାକୁରାଣୀଙ୍କ ଜଗମୋହନରେ ବିଜେ ହୋଇ ସ୍ୱତନ୍ତ୍ର ନୀତି ହେବ। ଠାକୁରଙ୍କ ରାତି ଚନ୍ଦନଲାଗି ନୀତି ବଢ଼ିଲେ ଦୁର୍ଗାମାଧବଙ୍କୁ ବିଜେ କରାଇ ଆଣି ଭଣ୍ଡାର ଘରେ ସ୍ଥାପନା କରାଯିବ। ଷୋଳପୂଜାର ନବମ ଦିନରୁ ଦୁର୍ଗାମାଧବଙ୍କୁ ବିମାନରେ ନେଇ ଶ୍ରୀମନ୍ଦିର ସମ୍ମୁଖ ଦୋଳମଣ୍ଡପ ସାହି ସ୍ଥିତ ନାରାୟଣୀଙ୍କ ମନ୍ଦିରରେ ବିଜେ କରାଯିବ। ଏହାକୁ ଶାକ୍ତ ତଥା ଗୁପ୍ତ ଗୁଣ୍ଡିଚା ମଧ୍ୟ କୁହାଯାଏ। ମା'ବିମଳାଙ୍କର ମୁଖ୍ୟପୂଜା ଶୁଦ୍ଧ ସାତ୍ତ୍ୱିକ ଅଟେ। ମାତ୍ର ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ଶ୍ରୀଜଗନ୍ନାଥଙ୍କ ପହୁଡ଼ ପରେ ଦେବୀପୀଠରେ ବଳିକ୍ରିୟା ସଂପାଦିତ ହେବାର ବିଧି ରହିଛି। ଶ୍ରୀମନ୍ଦିର ପରମ୍ପରା ଅନୁସାରେ ଶ୍ରୀନହରରେ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ବରଣ ହୋଇ ଦେବୀ ପୀଠରେ ପୂଜାର୍ଚ୍ଚନା କରିଥାନ୍ତି ।

# ଭୁବନେଶ୍ୱରରେ ହେବ ନ୍ୟାୟପାଳିକା ମହାକୁମ୍ଭ

## ଯୋଗଦେବେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି




**ନୂଆଦିଲ୍ଲୀ,୦୭/୦୯ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ନ୍ୟାୟପାଳିକାର ଦ୍ୱିତୀୟ ମହାକୁମ୍ଭ । ଏହା ମିଳିତ ଭାବେ ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଏବଂ ଆଡଭୋକେଟ୍ ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଉଛି । ଏହି ମହାକୁମ୍ଭରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ବି ଆର. ଗଭାଇ ଓ ଅନ୍ୟ ବିଚାରପତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ବିଭିନ୍ନ ରାଜ୍ୟ ହାଇକୋର୍ଟର ମୁଖ୍ୟ ବିଚାରପତି, ଆଡଭୋକେଟ୍ ଜେନେରାଲ, ଭାରତ ସରକାରଙ୍କ ଆଟର୍ଣ୍ଣି ଜେନେରାଲ ଓ ସଲିସିଟର ଜେନେରାଲ ମଧ୍ୟ ଯୋଗଦେବେ। ଏହି ମହାକୁମ୍ଭ ଭୁବନେଶ୍ୱର ଲୋକସେବା ଭବନରେ ହେବ। ଓଡ଼ିଶା ସରକାରଙ୍କ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସାମ୍ବାଦିକମାନଙ୍କୁ ଏନେଇ ସୂଚନା ଦେଇଛନ୍ତି।

# ମା'ଙ୍କ ସ୍ୱୀକାର ସତ୍ତ୍ୱେ ପିଲାର ଡିଏନ୍‌ଏ ଟେଷ୍ଟ ବାଧ କରିବା ମାତୃତ୍ୱ ପ୍ରତି ଅପମାନ

**କଟକ, ୭/୯ ନ୍ୟୁଜ ବ୍ୟୁରୋ**

ଡିଏନ୍‌ଏ ଟେଷ୍ଟ ପାଇଁ ଜଣେ ବ୍ୟକ୍ତିଙ୍କୁ ବାଧ କରାଯାଇପାରିବ ନାହିଁ । ଏହା ବ୍ୟକ୍ତିଗତ ଗୋପନୀୟତା ଅଧିକାରକୁ ପ୍ରଭାବିତ କରିଥାଏ । ଜଣଙ୍କୁ ଡିଏନଏ ଟେଷ୍ଟ ପାଇଁ କୁହାଯିବା ଅନୁଚିତ ବୋଲି ଓଡ଼ିଶା ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି। ଏଥି ସହିତ ପାରିବାରିକ ସଂପତ୍ତି ବିବାଦକୁ ନେଇ ବିଚାରାଧୀନ ମାମଲାରେ ଜଣେ ପ୍ରତିପକ୍ଷଙ୍କ ପିତୃତ୍ୱ ନିରୂପଣ କରିବା ପାଇଁ ଡିଏନଏ ଟେଷ୍ଟ ପ୍ରସଙ୍ଗ ନେଇ ଦାୟର ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି । ଡିଏନଏ ଟେଷ୍ଟ ପାଇଁ ନିର୍ଦ୍ଦେଶ ଦେବା ଲାଗି ଏହା ଏକ ଉପଯୁକ୍ତ ମାମଲା ନୁହେଁ ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି । ମା'ଙ୍କ ସ୍ପଷ୍ଟ ଭାବରେ ପିତୃତ୍ୱ ସ୍ୱୀକାର କରିବା ସତ୍ତ୍ୱେ ପୁଅର ଡିଏନଏ ପରୀକ୍ଷା ନିର୍ଦ୍ଦେଶ ଦେବା ତାଙ୍କ ମାତୃତ୍ୱ ପ୍ରତି ଅପମାନ ଏବଂ ଆଇନର ବିରୁଦ୍ଧ ହେବ ବୋଲି ଓଡ଼ିଶା ହାଇକୋର୍ଟ ରାୟ ଦେଇଛନ୍ତି। ପାରିବାରିକ ସଂପତ୍ତି ବିଭାଜନ



ବିବାଦକୁ ନେଇ ବିଚାରାଧୀନ ମାମଲାରେ ଜଣେ ପ୍ରତିପକ୍ଷଙ୍କ ପିତୃତ୍ୱ ନିରୂପଣ କରିବା ପାଇଁ ଡିଏନଏ ପରୀକ୍ଷା ପ୍ରସଙ୍ଗ ନେଇ ଦାୟର ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଡିଏନ୍‌ଏ ଟେଷ୍ଟ ପାଇଁ ନିର୍ଦ୍ଦେଶ ଦେବା ଲାଗି ଏହା ଏକ ଉପଯୁକ୍ତ ମାମଲା ନୁହେଁ ବୋଲି ଆବେଦନକୁ ଖାରଜ କରିବା ସମୟରେ ଏକକ ବେଞ୍ଚରେ ବସିଥିବା ଜଷ୍ଟିସ୍ ବି.ପି. ରାଉତରାୟ ଏହି ମତ ଦେଇଛନ୍ତି। ଆବେଦନକାରୀଙ୍କ ପ୍ରାର୍ଥନାକୁ ପ୍ରତ୍ୟାଖ୍ୟାନ କରିବା ଟ୍ରାଏଲ୍ କୋର୍ଟଙ୍କ ଆଦେଶରେ କୌଣସି ଦୁର୍ବଳତା ଦେଖାଯାଉ ନାହିଁ । ଫଳସ୍ୱରୂପ, ସିଏମ୍‌ପି ଖାରଜ କରାଯାଇଛି ବୋଲି ଜଷ୍ଟିସ୍ ରାଉତରାୟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ୨୦୧୮ରେ ଜଣେ ବ୍ୟକ୍ତି ପାରିବାରିକ ସଂପତ୍ତି ବଣ୍ଟନ ପ୍ରସଙ୍ଗକୁ ନେଇ କୁଚିଣ୍ଡାସ୍ଥିତ ସିଭିଲ ଜଜ୍ (ବରିଷ୍ଠ ଡିଭିଜନ) ଅଦାଲତରେ ମାମଲା ଦାୟର କରିଥିଲେ । ଏହି ମାମଲାରେ ପ୍ରତିପକ୍ଷ ନମ୍ବର-୧ ଲିଖିତ ଜବାବ ଦାଖଲ କରିବା ସହିତ ପ୍ରତିପକ୍ଷ ନମ୍ବର-୩ଙ୍କ ପାରିବାରିକ ସଂପତ୍ତିରେ କୌଣସି ଅଂଶ ବା ଅଧିକାର ନାହିଁ ବୋଲି ଦର୍ଶାଇଥିଲେ । ଏଥି ସହିତ ପ୍ରତିପକ୍ଷ ନମ୍ବର-୩ଙ୍କ ପିତୃତ୍ୱ ନିରୂପଣ ପାଇଁ ଡିଏନଏ ଟେଷ୍ଟ ପାଇଁ ନିର୍ଦ୍ଦେଶ ପ୍ରଦାନ କରିବାକୁ ପ୍ରତିପକ୍ଷ ନମ୍ବର-୧ ଏକ ଆବେଦନ ଦାୟର କରିଥିଲେ । ଏହି ମାମଲାର ଶୁଣାଣି ବେଳେ ପ୍ରତିପକ୍ଷ ନମ୍ବର-୩ଙ୍କ ମାଆ ଅଦାଲତରେ ସାକ୍ଷ୍ୟ ପ୍ରଦାନ କରି ସେ ସଂପୃକ୍ତ ସହ ପୂର୍ବଜଙ୍କ ତଥା ତାଙ୍କ ପୁଅ ବୋଲି କହିଥିଲେ । ସଂପୃକ୍ତ ପୂର୍ବଜଙ୍କ ସହିତ ପ୍ରତିପକ୍ଷ ନମ୍ବର-୩ଙ୍କ ମାଆଙ୍କ ବିବାହକୁ ନେଇ କୌଣସି ବିବାଦ ନଥିବା ସ୍ପଷ୍ଟ ହୋଇଥିଲା। ଏଭଳି ସ୍ଥିତିରେ ସିଭିଲ ଜଜ୍ ଅଦାଲତ ୨୦୨୪, ଡିସେମ୍ବର ୨ରେ ପ୍ରତିପକ୍ଷ ନମ୍ବର-୩ଙ୍କ ଡିଏନଏ ଟେଷ୍ଟ ପାଇଁ ପ୍ରତିପକ୍ଷ ନମ୍ବର-୧ ଦାୟର କରିଥିବା ଆବେଦନକୁ ଖାରଜ କରିଥିଲେ । ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ପ୍ରତିପକ୍ଷ ନମ୍ବର-୧ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୌଣସି ବ୍ୟକ୍ତିଙ୍କ ପିତୃତ୍ୱ ସହିତ ଜଡିତ ମାମଲାରେ ଡିଏନଏ ଟେଷ୍ଟ ପାଇଁ ନିର୍ଦ୍ଦେଶ ସହଜରେ ଦିଆଯିବା ଉଚିତ ନୁହେଁ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି । ଭାରତୀୟ ପ୍ରମାଣ ଆଇନର ଧାରା ୧୧୨କୁ ଉଦ୍ଧୃତ କରି, କୋର୍ଟ ମତ ଦେଇଛନ୍ତି ଯେ, ଏପରି ପରିସ୍ଥିତିରେ ଡିଏନଏ ପରୀକ୍ଷା ନିର୍ଦ୍ଦେଶ ଦେବା ଜଣେ ମାଆଙ୍କ ସାକ୍ଷ୍ୟ ଏବଂ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା ସହିତ ସମାନ। ଏପରି ଟେଷ୍ଟ ବିଭାଜନ ମାମଲା ପାଇଁ ଅପ୍ରାସଙ୍ଗିକ, ଯେଉଁଠାରେ ପକ୍ଷମାନଙ୍କର ପାରିବାରିକ ସ୍ଥିତି ସେମାନଙ୍କ ଅଂଶ ନିର୍ଣ୍ଣୟ କରେ । ଜଷ୍ଟିସ୍ ରାଉତରାୟ ଆହୁରି କହିଛନ୍ତି ଯେ, ପୁଅର ମାନ୍ୟତା କେବଳ ବାୟୋଲୋଜିକାଲ ପ୍ରମାଣ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ସାମାଜିକ ସ୍ୱୀକୃତିରେ ମଧ୍ୟ ରହିଛି । ସେ ଗୁରୁତ୍ୱାରୋପ କରିଛନ୍ତି ଯେ, କୋର୍ଟମାନଙ୍କୁ ଡାକ୍ତରୀ ପରୀକ୍ଷା ବାଧ କରିବା ପୂର୍ବରୁ ଗୋପନୀୟତାର ଅଧିକାର ଏବଂ ସତ୍ୟର ଆବଶ୍ୟକତାକୁ ତୁଳନା କରିବା ଉଚିତ, 'ପ୍ରମୁଖ ଆବଶ୍ୟକତା' ପାଇଁ ଡିଏନଏ ପରୀକ୍ଷା ସଂରକ୍ଷଣ କରିବା ଉଚିତ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ୧୨,୦୦୦ କୋଟି ଟଙ୍କାର ଡ୍ରଗ୍ସ ଜବତ : ୧୨ ଗିରଫ



**ହାଇଦ୍ରାବାଦ ୭/୯**

ମୁମ୍ବାଇର ମୀରା ଭାୟାଣ୍ଡାର-ଭାସାଇ-ବୀରାର ପୋଲିସ ହାଇଦ୍ରାବାଦର ଚେରଲାପଲ୍ଲୀ ଅଞ୍ଚଳରେ ଚଢଉ କରି ଏକ ବଡ ଧରଣର ଡ୍ରଗ୍ସ କାରବାରର ଫର୍ଦ୍ଦାଫାଶ କରିଛି। ଏହି ଅଭିଯାନରେ ପ୍ରାୟ ୧୨,୦୦୦ କୋଟି ଟଙ୍କାର ମେଥାଇଲେନେଡିଓକ୍ସି-ମେଥାମ୍ଫେଟାମାଇନ୍ ଜବତ କରିଛି। ଏହି ଅଭିଯାନ ମୁମ୍ବାଇ ପୋଲିସର କ୍ରାଇମ୍ ବ୍ରାଞ୍ଚ ୟୁନିଟ୍ ୪ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଘଟଣାରେ ୧୨ ଜଣଙ୍କୁ ଗିରଫ କରାଯାଇଛି। ଯେଉଁମାନଙ୍କ ମଧ୍ୟରେ ଫ୍ୟାକ୍ଟ୍ରୀ ମାଲିକ ଶ୍ରୀନିବାସ ବିଜୟ ମୂର୍ତ୍ତି ବୋଲେଟି ଏବଂ ତାଙ୍କ ସହଯୋଗୀ ତନାଜୀ ପାଣ୍ଡାରିନାଥ ପାଟଓ୍ୱାରୀ ମଧ୍ୟ ସାମିଲ ରହିଛନ୍ତି। ଏହି ଅଭିଯାନ ଗତ ଅଗଷ୍ଟ ୮ ତାରିଖରେ ମୁମ୍ବାଇରେ ଜଣେ ୨୩ ବର୍ଷୀୟ ବାଂଲାଦେଶୀ ମହିଳା ଫାତିମା ମୁରାଦ ଶେଖଙ୍କୁ ଗିରଫ କରାଯିବା ପରେ ଆରମ୍ଭ ହୋଇଥିଲା। ତାଙ୍କଠାରୁ ପୋଲିସ ୧୦୦ ଗ୍ରାମ୍ ଏମ୍‌ଡି ଏବଂ ୨୫ ଲକ୍ଷ ଟଙ୍କା ନଗଦ ଜବତ କରିଥିଲା। ତଦନ୍ତ ମାଧ୍ୟମରେ ଜଣାପଡ଼ିଥିଲା ଯେ ସେ ତେଲଙ୍ଗାନାର ଚେରଲାପଲ୍ଲୀସ୍ଥିତ ଏକ ଫ୍ୟାକ୍ଟ୍ରୀରୁ ଡ୍ରଗ୍ ପରିବହନ କରୁଥିଲେ। ଏହା ପରେ ପୋଲିସ ଚେରଲାପଲ୍ଲୀର ନବୋଦୟ କଲୋନୀରେ ଥିବା 'ବାଗଦେବୀ ଲ୍ୟାବ୍' ନାମକ ଏକ କେମିକାଲ ଫ୍ୟାକ୍ଟ୍ରୀ ଉପରେ ଚଢ଼ଉ କରିଥିଲା। ଯାହା ବାହାରୁ ବୈଧ ଦେଖାଯାଉଥିଲେ ମଧ୍ୟ ଏହା ଏକ ବୃହତ୍ ଡ୍ରଗ୍ ଉତ୍ପାଦନ କେନ୍ଦ୍ର ଥିଲା। ଚଢ଼ଉ ସମୟରେ ପୋଲିସ ୫.୭୯ କିଲୋଗ୍ରାମ ଏମ୍‌ଡି, ୩୫,୫୦୦ ଲିଟର ରାସାୟନିକ ପଦାର୍ଥ ଏବଂ ଡ୍ରଗ୍ ଉତ୍ପାଦନ ପାଇଁ ବ୍ୟବହୃତ ଅତ୍ୟାଧୁନିକ ସାମଗ୍ରୀ ଜବତ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ଏହି ଫ୍ୟାକ୍ଟ୍ରୀ ବର୍ଷ ବର୍ଷ ଧରି ଚାଲି ଆସୁଥିଲା ଏବଂ ଏହାର ଅଧିକାଂଶ ଡ୍ରଗ୍ ମୁମ୍ବାଇ ଏବଂ ଅନ୍ୟ ରାଜ୍ୟଗୁଡ଼ିକରେ ସ୍ଥାନୀୟ ଅପରାଧୀ ଓ ଏଜେଣ୍ଟମାନଙ୍କ ମାଧ୍ୟମରେ ଯୋଗାଣ ହେଉଥିଲା।

## ସାହାରା ଇଣ୍ଡିଆ ବିରୋଧରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ

# ୧.୭୪ଲକ୍ଷ କୋଟି ଟଙ୍କା ଦୁର୍ନୀତି ମାମଲାରେ ଦାଖଲ କଲା ଚାର୍ଜସିଟ୍

**କୋଲକାତା, ୭/୯**

ସାହାରା ଇଣ୍ଡିଆ ଗ୍ରୁପ୍ ଏବଂ ଏହାର ମାଲିକ ସୁବ୍ରତ ରାୟଙ୍କ ପରିବାର ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ମନି ଲଣ୍ଡରିଂ ମାମଲାରେ ଇଡି କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ଅଭିଯୋଗ ହୋଇଛି ଯେ, ସାହାରା ଗ୍ରୁପ୍ ନିବେଶକଙ୍କଠାରୁ ୧.୭୪ ଲକ୍ଷ କୋଟି ଟଙ୍କାର ଠକେଇ କରିଛି । ଏହି ଟଙ୍କା ଉଚ୍ଚ ରିଟର୍ଣ୍ଣ ପ୍ରତିଶ୍ରୁତି ଦେଇ ନିଆଯାଇଥିଲା। ନିବେଶକମାନେ ସେମାନଙ୍କ ଟଙ୍କା ଫେରସ୍ତ ପାଇନାହାନ୍ତି । ଚାର୍ଜସିଟ୍‌ରେ ସୁବ୍ରତ ରାୟଙ୍କ ପତ୍ନୀ, ପୁଅ ଏବଂ ଅନେକ ଅଧିକାରୀଙ୍କ ନାମ ରହିଛି। ଇଡି ଏବେ ସୁବ୍ରତ ରାୟଙ୍କ ପଳାତକ ପୁଅ ବିରୋଧରେ ଗିରଫ ପରୱାନା ଜାରି କରିବାକୁ ପ୍ରସ୍ତୁତ ହେଉଛି । ଇଡି ସାହାରା ଇଣ୍ଡିଆ ଗ୍ରୁପ୍ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛି। ସାହାରା ଗ୍ରୁପ୍ ଗାଁରୁ ଗାଁ ପର୍ଯ୍ୟନ୍ତ ଏଜେଣ୍ଟ ରଖିଥିଲା। ଏହି ଏଜେଣ୍ଟମାନେ ଲୋକମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସାହାରାରେ ଟଙ୍କା ନିବେଶ କରିବା ସୁରକ୍ଷିତ ଏବଂ ଭଲ ରିଟର୍ଣ୍ଣ ମିଳିବ। ଏହି ଭରସା ଯୋଗୁଁ କୋଟି କୋଟି ଲୋକ ସାହାରାରେ ସେମାନଙ୍କର କଠିନ ପରିଶ୍ରମର ଟଙ୍କା ନିବେଶ କରିଥିଲେ । କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା ଯେ, ଲୋକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ ଉଚ୍ଚ ରିଟର୍ଣ୍ଣ ମିଳିବ ଏବଂ ସେମାନଙ୍କ ଭବିଷ୍ୟତ ସୁରକ୍ଷିତ ହେବ। କିନ୍ତୁ ଏହି ବିଶ୍ୱାସ ଏକ ବହୁତ ବଡ଼ ଠକେଇରେ ପରିଣତ ହୋଇଥିଲା। ଇଡି ଏହି ଠକେଇ ମାମଲାରେ ଏକ ଚାର୍ଜସିଟ୍ ଦାଖଲ କରିଛି। ଏହି ଚାର୍ଜସିଟ୍ କୋଲକାତାର ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ କୋର୍ଟରେ ଦାଖଲ କରାଯାଇଛି। ଏହି ଚାର୍ଜସିଟ୍‌ରେ ସୁବ୍ରତ ରାୟଙ୍କ ପତ୍ନୀ ସ୍ୱପ୍ନା, ପୁଅ ସୁଶାନ୍ତ ରାୟ, ଜେପି ବର୍ମା ଏବଂ ଅନିଲ ଆବ୍ରାହମଙ୍କ ଭଳି ଅନେକ ଅଧିକାରୀଙ୍କୁ ଅଭିଯୁକ୍ତ କରାଯାଇଛି। ସାହାରା ଗ୍ରୁପ୍ ନିବେଶକଙ୍କଠାରୁ ପ୍ରାୟ ୧.୭୪ ଲକ୍ଷ କୋଟି ଟଙ୍କା ଗ୍ରହଣ କରିଥିଲା। କିନ୍ତୁ ନିବେଶକମାନଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରାଯାଇ ନଥିଲା ବୋଲି ଇଡି ଏହି ଚାର୍ଜସିଟ୍‌ରେ ଦର୍ଶାଇଛି । ସୁବ୍ରତ ରାୟ ଆଉ ଏହି ଦୁନିଆରେ ନାହାନ୍ତି। ଏପରି ପରିସ୍ଥିତିରେ ଇଡି ଏହି ସମ୍ପୂର୍ଣ୍ଣ ଠକେଇରେ ତାଙ୍କ ପୁଅ ସୁଶାନ୍ତ ରାୟଙ୍କୁ ପଳାତକ ଘୋଷଣା କରିଛି। ଇଡି ଅଭିଯୋଗ କରିଛି ଯେ, ସୁଶାନ୍ତ ତଦନ୍ତରେ ଯୋଗ ଦେଉନାହାନ୍ତି। ଏବେ ଇଡି କୋର୍ଟରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିବାକୁ ପ୍ରସ୍ତୁତ ହେଉଛି।

# ଏଫ୍‌ଏମ୍‌ରେ ପୁଣି ଟ୍ରାଫିକ୍ ଜାମ୍‌ର ସୂଚନା ମିଳିବ : ପୁଲିସ୍ କମିଶନର

**ଭୁବନେଶ୍ୱର,୦୭/୯ ନ୍ୟୁଜ ବ୍ୟୁରୋ**

ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଏଫ୍‌ଏମ୍ ରେଡିଓ ଷ୍ଟେସନ୍‌ରେ ଶୁଣିବାକୁ ମିଳିବ ଟ୍ରାଫିକ୍ ଅପ୍‌ଡେଟ୍। କେଉଁଠି ଟ୍ରାଫିକ୍ ଜାମ୍, କ'ଣ ପାଇଁ ଜାମ୍, କେଉଁ ରାସ୍ତା ଦେଇ ଗଲେ ସହଜ ହେବ ସେ ସବୁ ଅପ୍‌ଡେଟ୍ ମିଳିବ ଏଫ୍‌ଏମ୍‌ରେ ବୋଲି ପୁଲିସ୍ କମିଶନର ଏସ୍ ଦେବଦତ୍ତ ସିଂହ କହିଛନ୍ତି । ଆଗକୁ ପାର୍ବଣ ଥିବାରୁ କମିଶନରେଟ୍ ପୁଲିସ ପୁରୁଣା ବ୍ୟବସ୍ଥାକୁ ଆପଣାଇଛି । ସବୁ ବେଳେ ସହରବାସୀ ଟ୍ରାଫିକ ଜାମରେ ଫସି ରହୁଥିଲେ । ଏହାକୁ ନଜରରେ ରଖି ପୂର୍ବତନ ପୁଲିସ୍ କମିଶନର ଡାକ୍ତର ଆର ପି ଶର୍ମା ଯୋଜନା କରିଥିଲେ ଟ୍ରାଫିକ୍ ଜାମ୍ ବିଷୟରେ ଏଫ୍‌ଏମ୍ ରେଡିଓରେ ସହରବାସୀଙ୍କୁ ଜଣାଇବା । ଭୁବନେଶ୍ୱରରେ ଥିବା ସବୁ ଏଫ୍‌ଏମ୍ ଷ୍ଟେସନ୍ ସହ ଆଲୋଚନା କରିଥିଲେ। ଟ୍ରାଫିକ୍ ଏସିପି ସବୁ ସମୟରେ ଏଫ୍‌ଏମ୍‌ରେ ଟ୍ରାଫିକ୍ ସମସ୍ୟା ବିଷୟରେ ଜଣାଉଥିଲେ। ଏହି ବ୍ୟବସ୍ଥା ୨୦୧୯ ଶେଷ ପର୍ଯ୍ୟନ୍ତ ଚାଲିଥିଲା । ତା'ପରେ କ'ଣ ହେଲା କେଜାଣି ବନ୍ଦ ହୋଇଗଲା। ଏବେ ଲୋକମାନେ ଘଣ୍ଟା ଘଣ୍ଟା ଟ୍ରାଫିକ୍ ଜାମ୍‌ରେ ଫସୁଛନ୍ତି। ସୋସିଆଲ୍ ମିଡିଆରେ ଟ୍ରାଫିକ୍ ପୁଲିସ୍‌ର ଅପାରଗତା ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ




ଟୁଇଟ୍ କରି ଜଣାଉଛନ୍ତି । ଏ ସବୁକୁ ଦେଖି କମିଶନରେଟ୍ ପୁଲିସ୍‌ର ନିଦ ଭାଙ୍ଗିଛି । ଏଫ୍‌ଏମ୍‌ରେ ପୁଣି ଟ୍ରାଫିକ୍ ଜାମ୍‌ର ସୂଚନା ଦେବାକୁ ଯୋଜନା କରିଛନ୍ତି ପୁଲିସ୍ କମିଶନର । ବିଭିନ୍ନ ଏଫଏମ୍ ରେଡିଓ ଷ୍ଟେସନ୍‌ର କର୍ମଚାରୀମାନଙ୍କୁ ଡାକି ପୁଲିସ୍ କମିଶନର ଆଲୋଚନା କରିଛନ୍ତି । ଆସୁଛି ପାର୍ବଣ ପୂଜା । ସହରବାସୀମାନେ ଘଣ୍ଟା ଘଣ୍ଟା ଟ୍ରାଫିକ୍‌ରେ ଫସିବେ । ସେଥିପାଇଁ ଏଫ୍‌ଏମ୍ ମାଧ୍ୟମରେ ଟ୍ରାଫିକ୍ ପୁଲିସ୍ ପକ୍ଷରୁ ସୂଚନା ଦିଆଯିବ ବୋଲି ପୁଲିସ୍ କମିଶନର କହିଛନ୍ତି ।

# ଭଟ୍ଟାରିକା ମନ୍ଦିରକୁ ଛୁଇଁଲା ବନ୍ୟା ପାଣି

**କଟକ, ୭/୯ ନ୍ୟୁଜ ବ୍ୟୁରୋ**

ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ମନ୍ଦିର ପାଦଦେଶକୁ ଛୁଇଁଲା ମହାନଦୀର ବନ୍ୟାଜଳ। ହୀରାକୁଦ ଜଳଭଣ୍ଡାରରେ ୧୨ଟି ଗେଟ ଖୋଲାଥିବା ହେତୁ ମନ୍ଦିର ବେଢାରେ ବନ୍ୟାଜଳ ପ୍ରବେଶ କରିଛି। ମହାନଦୀର ବନ୍ୟାଜଳ ଯଦିଓ ମା'ଙ୍କ ମନ୍ଦିରକୁ ଛୁଇଁଛି ତଥାପି ମା'ଙ୍କୁ ଜଳାସାୟୀ କରିପାରିନି। ବନ୍ୟାଜଳ ମାଙ୍କୁ ଜଳାସାୟୀ କରିବାକୁ ହେଲେ ଆହୁରି କିଛି ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ଯଦି ମନ୍ଦିରରେ ବନ୍ୟାଜଳ ପ୍ରବେଶ କରେ ତେବେ ମା'ଙ୍କ ମନ୍ଦିର ପାଖରେ ଥିବା ରୋଷ ଘରକୁ ମା'ଙ୍କୁ ସ୍ଥାନାନ୍ତର କରାଯିବ। ସେଥିପାଇଁ ମା'ଙ୍କ ସେବାୟତ ସଜାଗ ଥିବାବେଳେ ବଡମ୍ବା ଦେବୋତ୍ତର ବିଭାଗ ମଧ୍ୟ ସଜାଗ ରହିଛି। ମନ୍ଦିରରେ ମାଆଙ୍କର ପୂଜା ରୀତିରେ ଯେମିତି କୌଣସି ବ୍ୟାଘାତ ନଘଟେ ସେଥିପ୍ରତି ବଡମ୍ବା ଦେବୋତ୍ତର ବିଭାଗ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ହଜିବାକୁ ବସିଲାଣି ଭାଗବତ ଟୁଙ୍ଗି : ୪ ବର୍ଷ ହେବ ମିଳୁନି ଆର୍ଥିକ ସହାୟତା

**କଟକ,୦୭/୦୯ ନ୍ୟୁଜ ବ୍ୟୁରୋ**

କେଉଁଠି ଚାଳିଆଟିଏ ଛିଡ଼ା ହୋଇଛି, ଆଉ କେଉଁଠି ମାଟିରେ ମୁହଁ ମାଡ଼ି ପଡ଼ିଛି । କେଉଁଠି ଗାଁ ଲୋକେ ମିଶି ପୁନରୁଦ୍ଧାର କରିବାକୁ ଉଦ୍ୟମ କରୁଛନ୍ତି । ଆଉ କେଉଁଠି ସମ୍ବଳ ଅଭାବରୁ ତାହା ସମ୍ଭବ ହୋଇପାରି ନାହିଁ । କଟକ ଜିଲ୍ଲା ସମେତ ରାଜ୍ୟର କୋଣ ଅନୁକୋଣରେ ଭାଗବତ ଟୁଙ୍ଗିର ଏବେ ଏଭଳି ଅବସ୍ଥା। ଯେଉଁ ଭାଗବତ ଟୁଙ୍ଗିରୁ ଦିନେ ଭାଗବତ କଥା ଭାସି ଆସୁଥିଲା ଆଜି ସେହି ଭାଗବତ ଟୁଙ୍ଗିଗୁଡ଼ିକ ମୁହଁ ମାଡ଼ି ପଡ଼ିଛନ୍ତି । କିଛି ବର୍ଷ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତା ଟୁଙ୍ଗି ପରମ୍ପରାକୁ ଉଜ୍ଜୀବିତ କରିଥିଲା । କିନ୍ତୁ ଗତ ଚାରି ବର୍ଷ ହେଲା




ସହାୟତାକୁ ବନ୍ଦ କରି ଦିଆଯାଇଛି। ଫଳରେ ଅନେକ ଭାଗବତ ଟୁଙ୍ଗି ଏବେ ଦୟନୀୟ ଅବସ୍ଥାରେ, ଏଠାରୁ ଆଉ ଭାଗବତ କଥା ଭାସିଆସୁନି । ଓଡ଼ିଶାରେ ହଜି ଯାଉଥିବା ଭାଗବତ ଟୁଙ୍ଗି ପରମ୍ପରାକୁ ପୁନରୁଜ୍ଜୀବିତ କରିବା ଲାଗି ରାଜ୍ୟ ସରକାର ଟୁଙ୍ଗି ଖୋଜିବା ଆରମ୍ଭ କରିଥିଲେ । ୨୦୧୪-୧୫ ମସିହାରୁ ଟୁଙ୍ଗିଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଯୋଜନା ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରତି ଜିଲ୍ଲା ପ୍ରଶାସନକୁ ଟୁଙ୍ଗି ଖୋଜିବାକୁ କୁହାଯାଇଥିଲା । ପ୍ରତିବର୍ଷ ଟୁଙ୍ଗି ପୁନରୁଦ୍ଧାର ପାଇଁ କିଛି ଆର୍ଥିକ ସହାୟତା ପ୍ରଶାସନକୁ ଯୋଗାଇ ଦିଆଯାଉଥିଲା। ଯେଉଁମାନେ ଟୁଙ୍ଗି ପୁନରୁଦ୍ଧାର ପାଇଁ ପ୍ରଶାସନ ନିକଟରେ ଆବେଦନ କରିଥାନ୍ତି ସେମାନଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା । ପ୍ରତି ଟୁଙ୍ଗି ପିଛା ୫୦ ହଜାର ଟଙ୍କା ଦିଆଯାଉଥିଲା । ଯୋଜନା ହୋଇଥିଲା, ୫୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ଏକ ଜାତୀୟକରଣ ବ୍ୟାଙ୍କ୍‌ରେ ଦୀର୍ଘମିଆଦି ଜମା କରାଯିବ । ଏଥିପାଇଁ ଏକ ଯୁଗ୍ମ ଆକାଉଣ୍ଟ୍ ଖୋଲାଯିବ । ସମ୍ପୃକ୍ତ ଟୁଙ୍ଗିର ମୁଖ୍ୟ, ସ୍ଥାନୀୟ ବିଡିଓ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର କିମ୍ବା ମ୍ୟୁନିସ୍‌ପାଲିଟିର ବିଭାଗୀୟ ଅଧିକାରୀଙ୍କ ନାମରେ ଏହି ଯୁଗ୍ମ ଆକାଉଣ୍ଟ୍ ଖୋଲାଯିବ । ଏହି ୪୦ ହଜାର ଟଙ୍କାରୁ ଯେଉଁ ସୁଧ ମିଳିବ ସେହି ଅର୍ଥରେ ଟୁଙ୍ଗିର ବିଭିନ୍ନ ପୂଜା, ପାର୍ବଣ ପାଇଁ ଆବଶ୍ୟକ ଅର୍ଥ ଖର୍ଚ୍ଚ କରାଯିବ। ବାକି ୧୦ ହଜାର ଟଙ୍କା ମାଇକ୍ କିଣାଯିବାରେ ଖର୍ଚ୍ଚ କରାଯିବ। କଟକ ଜିଲ୍ଲାରେ ୨୦୧୪-୧୫ରୁ ୨୦୧୯-୨୦ ମଧ୍ୟରେ ପ୍ରାୟ ୬ ଶହରୁ ଅଧିକ ଭାଗବତ ଟୁଙ୍ଗି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । କିନ୍ତୁ ଭାଗବତ ଟୁଙ୍ଗି ପୁନରୁଦ୍ଧାର ପାଇଁ ଆହୁରି ପ୍ରାୟ ହଜାରେରୁ ଅଧିକ ଆବେଦନପତ୍ର କଟକ ଜିଲ୍ଲା ସଂସ୍କୃତି ବିଭାଗକୁ ଆସି ପଡି ରହିଥିଲା । ହଠାତ୍ ୨୦୨୦ ପରଠୁ ରାଜ୍ୟ ସରକାର ଭାଗବତ ଟୁଙ୍ଗି ପୁନରୁଦ୍ଧାର ପାଇଁ ଆର୍ଥିକ ସହାୟତା ବନ୍ଦ କରିଦେଲେ । ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ଏହି ସ୍ୱଳ୍ପ ସହାୟତା ଅମ୍ଳଜାନ ଭଳି କାର୍ଯ୍ୟ କରିଥିଲା। ଏହି ସହାୟତାରେ ପୁଣିଥରେ ଭାଗବତ ଟୁଙ୍ଗି ନୂଆ ରୂପ ପାଇଥିଲା । ଗାଁ ପରିବେଶରୁ ହଜି ଯାଉଥିବା ଟୁଙ୍ଗିରୁ ଭାଗବତ କଥା ଭାସି ଆସୁଥିଲା। ଯେତିକି ଭାଗବତ ଟୁଙ୍ଗି ଅନୁଦାନ ପାଇଥିଲେ ସେମାନେ ତ' ନିଜକୁ ଟିକେ ଛିଡ଼ା କରିପାରିଥିଲେ । ହେଲେ ଯେତିକି ପାଇଛନ୍ତି ତା'ଠାରୁ ବହୁ ଅଧିକ ଟୁଙ୍ଗି ଆର୍ଥିକ ଅନୁଦାନ ପାଇନପାରି ମୁହଁ ମାଡ଼ି ପଡ଼ି ରହିଛନ୍ତି। ସରକାର ଯଦି ପୁଣି ଟୁଙ୍ଗି ପୁନରୁଦ୍ଧାର ପାଇଁ ସହାୟତା ଯୋଗାଇ ଦିଅନ୍ତେ ତେବେ ଗାଁ ପରିବେଶ ଭାଗବତ ଟୁଙ୍ଗିକୁ ନେଇ ପୁଣିଥରେ ହସି ଉଠନ୍ତା ।